RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-261 ♦FRIDAY ♦20 MARCH 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୩ ♦ସଂଖ୍ୟା-୨୬୧ ♦ଶୁକ୍ରବାର ♦୨୦ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



୯୦୦ ଗୋଲ୍ କ୍ଲବ୍‌ରେ ମେସି

▶ପୃଷ୍ଠା ୧୨ ଦେଖନ୍ତୁ...

# ‘କଳିଙ୍ଗ’ରେ ୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

■ ଭୁବନେଶ୍ୱର, ୧୯ ।୩ (ସମିସ): ଓଡ଼ିଶା ତଥା କଳିଙ୍ଗ ଷ୍ଟାଡିୟମ କ୍ରୀଡ଼ା ମାନଚିତ୍ରରେ ଆଉ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଯୋଡ଼ି ହେବାକୁ ଯାଉଛି। ୨୦୨୮ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ଭାରତକୁ ମିଳିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେବ। ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ସେବାଷ୍ଟିଆନ କୋଏ ଗୁରୁବାର ଏହି ଘୋଷଣା କରିଛନ୍ତି। ପୋଲାଣ୍ଡର ତରୁନଠାରେ ଗୁରୁବାର ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୮ ଓ ୨୦୩୦ ବିଶ୍ୱ ଇନଡୋର ଆୟୋଜନ ଅଧିକାର ଲାଗି ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ବିଜୁ ଜନତା ଦଳ ସରକାର ଏହି ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ସରକାରଙ୍କ ଏହି ଦୂରଦୃଷ୍ଟି ଓଡ଼ିଶାକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ପୁଣିଥରେ ସ୍ଥାନିତ କରିଛି। ପୂର୍ବରୁ ଏଠାରେ ଏସିଆନ୍ ଆଥଲେଟିକ୍ ମିଟ୍ ୨୦୧୭ରେ ଆୟୋଜିତ ହୋଇଥିଲା।

ୱାର୍ଲ୍ଡ ଆଥ୍‌ଲେଟିକ୍ସର କାଉନସିଲ୍ ବୈଠକ ପରେ ଏହି ଘୋଷଣା କରି ସେବାଷ୍ଟିଆନ କୋଏ କହିଛନ୍ତି, ‘ବିଶ୍ୱ ଇନଡୋର ଚାମ୍ପିଅନସିପ୍‌ର ଆଗାମୀ ଦୁଇଟି ସଂସ୍କରଣ ଲାଗି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି। ଓଡ଼ିଶାର ଭୁବନେଶ୍ୱରଠାରେ ୨୦୨୮ ସଂସ୍କରଣ ଏବଂ କାଜାଖସ୍ତାନର ଆଷ୍ଟନରେ ୨୦୩୦ ସଂସ୍କରଣ ଅନୁଷ୍ଠିତ ହେବ।’ ସେହିଭଳି ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥ୍‌ଲେଟିକ ମହାସଂଘ (ଏଏଫ୍‌ଆଇ)ର ସଭାପତି ବାହାଦୁର ସିଂହ ସାଗୋ ନିଶ୍ଚିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଦକ୍ଷିଣ ଏସିଆର ପ୍ରଥମ ଓ ଏକମାତ୍ର ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମରେ ରହିଛି। ଯେଉଁଠାରେ ଭାରତର ସର୍ବପ୍ରଥମ ଜାତୀୟ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, କଳିଙ୍ଗ ଷ୍ଟାଡିୟମରେ ଏଥିପୂର୍ବରୁ ଦୁଇ ଦୁଇଥର ସିନିଅର ପୁରୁଷ ହକି ବିଶ୍ୱକପ୍, ଜୁନିଅର ହକି ବିଶ୍ୱକପ, ୧୭ ବର୍ଷରୁ କମ୍ ଫିଫା ବାଳିକା ବିଶ୍ୱକପ୍, ଏସୀୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏବେ ଏହି ତାଲିକାରେ ବିଶ୍ୱ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଯୋଡ଼ି ହେବାକୁଯାଉଛି।



# କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା!

ଢେଙ୍କାନାଳରେ ଲଜ୍ଜା



ପରୀକ୍ଷା ଦେବାକୁ ଯାଇ ଘରକୁ ଫେରି ନ ଥିଲେ

ଜଙ୍ଗଲରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

■ କାମାକ୍ଷାନଗର/ଭୁବନ, ୧୯ ।୩ (ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି। ମୃତ ଛାତ୍ରୀଙ୍କ ଘର ଭୁବନ ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ କାମାକ୍ଷାନଗର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିରୁ, ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଛାତ୍ରୀଜଣଙ୍କ କାମାକ୍ଷାନଗରରେ ତାଙ୍କ ଅଜାଙ୍କ ଘରେ ରହି ପଢୁଥିଲେ। ଗତକାଲି ପରୀକ୍ଷା ଦେବାକୁ କଲେଜ ଯାଇ ଆଉ ଫେରିନଥିଲେ। ପରିବାରଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ସାରୁଆଳି ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ପରିବାରଲୋକ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପୁଲିସଘ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଏସ୍‌ପି ଅଭିନବ ସୋନକାର, କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ, ଫରେନସିକ ଟିମ, ଡଗ୍ ସ୍କ୍ୱାଡ୍ ଏବଂ ଜିଲ୍ଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ପୁଲିସ ତୁରନ୍ତ ଅପରାଧୀଙ୍କୁ ଗିରଫ କରି କଠୋର୍ ଦଣ୍ଡ ଦେବାକୁ ପରିବାରଲୋକ ଦାବି କରିଛନ୍ତି। ଅନ୍ୟପଟେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଧରାଯିବ ବୋଲି ଏସ୍‌ପି ସୋନକର କହିଛନ୍ତି।

# ଇରାନର ଚରମ ପ୍ରତିଶୋଧ

## ସାଉଦି, କତାର ଉପରେ ପ୍ରଚଣ୍ଡ ଆକ୍ରମଣ



ଇସ୍ରାଏଲର ହାଇଫା ତୈଳ ବିଶୋଧନାଗାରରେ ମଧ କ୍ଷେପଣାସ୍ତ୍ର ମାଡ଼

ଇରାନର ଗ୍ୟାସ୍ ପ୍ରତିଷ୍ଠାନ ଉପରେ ଆକ୍ରମଣ କରି ଇସ୍ରାଏଲ ଭୁଲ୍ କରିଛି: ଟ୍ରମ୍ପ

ଦୁବାଇ/ରିୟାଧ, ୧୯ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଇରାନ ଉପରେ ଆମେରିକା- ଇସ୍ରାଏଲ ଆକ୍ରମଣ କରି ଯେଉଁ ଭୁଲ କରିଛନ୍ତି, ତାହାର ପ୍ରଭାବ ଏବେ ସାରା ବିଶ୍ୱ ଉପରେ ପଡ଼ିବାକୁ ଆରମ୍ଭ କଲାଣି। ପରସ୍ପରର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭିନ୍ନ ମୋଡ଼ ନେଇଛି। ଇରାନର ଗୁରୁତ୍ୱପୂର୍ଣ୍ଣ ‘ସାଉଥ ପାର୍ସ’ ଗ୍ୟାସ୍ ଫିଲ୍ଡ ଉପରେ ଗତକାଲି ଇସ୍ରାଏଲ ଆକ୍ରମଣ କରିବା ପରେ ପୁଣି ରକ୍ତମୁଖା ହୋଇଉଠିଛି ଇରାନ। ▶ପୃଷ୍ଠା-୭

## ସେୟାର ବଜାରରେ କମ୍ପନ

୨୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନିବେଶକଙ୍କ ଧୋଇଗଲା ୧୨ ଲକ୍ଷ କୋଟି

■ ମୁମ୍ବାଇ, ୧୯ ।୩ (ଏଜେନ୍ସି): ଦିନକୁ ଦିନ ଘନେଇବାରେ ଲାଗିଛି ମଧ ପ୍ରାଚ୍ୟ ସଙ୍କଟ। ଏହାର ପ୍ରଭାବରେ ଭାରତୀୟ ସେୟାର ବଜାର ଧ୍ୱସ୍ତ ହୋଇଯାଇଛି। ଗୁରୁବାର ବୈଶ୍ୱିକ ଉତ୍ତେଜନା ଓ ତୈଳ ମୂଲ୍ୟରେ ଅଚାନକ ବୃଦ୍ଧି ଯୋଗୁ ଘରୋଇ ସେୟାର ବଜାର ତଳମୁହାଁ ହୋଇଛି। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଜାରି ସଂଘର୍ଷ ଏବେ ପ୍ରମୁଖ ଶକ୍ତି ଭିତ୍ତିଭୂମିଗୁଡିକୁ ପ୍ରଭାବିତ କରିଛି। ଏହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ▶ପୃଷ୍ଠା-୭

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ କ୍ରମାଗତ ତୃତୀୟ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ। ରାଜ୍ୟ ଇତିହାସରେ ପ୍ରଥମ ଥର ପାଇଁ ସରକାରୀ ହସ୍ପିଟାଲରେ ଏତେବଡ଼ ଅଘଟଣ ଘଟିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଏଥିରେ ଜଳଜଳ ଦିଶୁଛି। ତେଣୁ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଗୃହ ବାହାରେ ରୋକଠୋକ ଶୁଣାଇଛନ୍ତି ବିରୋଧୀ। ଗୁରବାର ମଧ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହ କାର୍ଯ୍ୟରେ ଆଦୌ ଭାଗ ନେଇ ନ ଥିବା ବେଳେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

# ବିରୋଧୀ ଅଟଳ, ଗୃହ ଅଚଳ, ବୈଠକ ବିଫଳ

କ୍ରମାଗତ ତୃତୀୟ ଦିନ ପାଇଁ ଗୃହ କାର୍ଯ୍ୟରେ ଭାଗ ନେଲେନି ବିରୋଧୀ

ବିରୋଧୀଙ୍କ ଅନୁପସ୍ଥିତିରେ ବିଧାନସଭାରେ ଖର୍ଚ୍ଚଦାବି ଆଲୋଚନା

ଜୋର୍‌ଜବରଦସ୍ତ ସରକାର ଗୃହ ଚଳାଉଥିବା ବିରୋଧୀଙ୍କ ଅଭିଯୋଗ

ଗୁରୁବାର ଗୃହ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡି ଆସିଥିଲେ। ‘ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି, ରାମ ନାମ ସତ୍ୟ ହେ... ହରି ନାମ ସତ୍ୟ ହେ’ ସ୍ଲୋଗାନରେ ଗୃହ କମ୍ପାଇଥିଲେ। ଏହା ମଧ୍ୟରେ ପ୍ରଶ୍ନକାଳ ଜାରି ରହିଥିଲେ ହେଁ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ କିଛି ଶୁଣାଯାଉ ନ ଥିଲା। ଫଳରେ ବାଚସ୍ପତି ଗୃହକୁ ୧୦ ଟା ୪୩ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ।

ଶୂନ୍ୟକାଳରେ ପୁଣି ସମାନ ଢଙ୍ଗରେ ହଟ୍ଟଗୋଳ ଜାରି ରହିଥିଲା ଓ ଏହି ସମୟରେ ବାଚସ୍ପତି ବିଜେପି ବିଧାୟକମାନଙ୍କୁ ଶୂନ୍ୟକାଳରେ ବକ୍ତବ୍ୟ ରଖିବାକୁ ସୁଯୋଗ ପ୍ରଦାନକୁ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ବାଚସ୍ପତିଙ୍କ ଚେୟାର ପାଖକୁ ଦୁଇ ପାର୍ଶ୍ୱରୁ ବିଜେଡି ଓ କଂଗ୍ରେସ ବିଧାୟକ ଧସେଇ ପଶିବାକୁ ପ୍ରୟାସ କରିଥିଲେ। ବିଜେଡି ବିଧାୟକ ଯୋଗେଶ ସିଂ, ବିଶ୍ୱ ରଞ୍ଜନ ମଲ୍ଲିକ, ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ସାରଦା ଜେନା, ରୋହିତ୍ ଜୋସେଫ ତିର୍କୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଧବ ଧଡ଼ା ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାବେଳେ ତାଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇଥିଲେ। ହୋହାଲ୍ଲା ମଧ୍ୟରେ ବିଜେପିର ପ୍ରାୟ ୧୨ ଜଣ ବିଧାୟକ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଶୂନ୍ୟକାଳରେ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ▶ପୃଷ୍ଠା-୭

# ଜୟନ୍ତପୁର ପିଚୁ କାରଖାନାରେ ନିଆଁ



ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି

ଫ୍ୟାକ୍ଟ୍ରିର ନଥିଲା ଅଗ୍ନି ସୁରକ୍ଷା ପ୍ରମାଣପତ୍ର

■ ସମ୍ବଲପୁର, ୧୯।୩ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ୍ ଜୟନ୍ତପୁରସ୍ଥିତ ‘ଅଗ୍ରୱାଲ ରସାୟନ’ ପିଚୁ ଫ୍ୟାକ୍ଟ୍ରିରେ ଗୁରୁବାର ସକାଳୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ବିଭାଗର ତିନୋଟି ଟିମ୍ ଦୀର୍ଘ ୨ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସଂପତ୍ତି ନଷ୍ଟ ହୋଇଯାଇଛି। କିନ୍ତୁ ଏଥିରେ କେହି ମୃତାହତ ହୋଇନଥିବା ଜଣାଯାଇଛି।

ସୂଚନାନୁଯାୟୀ, ଗୁରୁବାର ଭୋର୍‌ରୁ ଜୟନ୍ତପୁରସ୍ଥିତ ‘ଅଗ୍ରୱାଲ ରସାୟନ’ ପିଚୁ ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ସହ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ▶ପୃଷ୍ଠା-୭

# ଡାକ୍ତର ଦୁର୍ଗାମାଧବ ଶତପଥୀ ନୂଆ ଡିଏମଇଟି

ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆରର ନିର୍ଦ୍ଦେଶକ ଦାୟିତ୍ୱ

■ ଭୁବନେଶ୍ୱର, ୧୯।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଏବେ ପ୍ରଶ୍ନଘେରରେ ଥିବା ବେଳେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଡକ୍ଟର ଦୁର୍ଗାମାଧବ ଶତପଥୀଙ୍କୁ ନୂଆ ଡିଏମଇଟି(ଡାଇରେକ୍ଟର, ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ) ଭାବରେ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଏମକେସିଜି ମେଡିକାଲ କଲେଜର ସୁପରିନଟେଣ୍ଡେଣ୍ଟ(ଅଧୀକ୍ଷକ) ଥିଲେ।

ସେହିପରି ଡିଏମଇଟି ଭାବେ କାର୍ଯ୍ୟ କରୁଥବା ଡାକ୍ତର ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମଇଆର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

SIKSHA ‘O’ ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE ENGINEERING
■ Civil Engineering
■ Electrical Engineering
■ Mechanical Engineering
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଭିଡିଓ କରି ଜୀବନ ହାରିଲେ ପ୍ରତାରିତ ପ୍ରେମିକ

ପୁଅ ବୋଲି ନ୍ୟାୟ ମିଳିଲାନି!

■ ଭୁବନେଶ୍ୱର/ପିପିଲି, ୧୯ ।୩ (ସମିସ): ଓଡ଼ିଆ ମାଟ୍ରିମୋନିରୁ ପରିଚୟ ଓ ପରେ ମନ ଦିଆନିଆ। ସଂପର୍କ ଆଗକୁ ବଢ଼ିବା ପରେ ଦୁହେଁ ଲିଭ୍-ଇନ୍‌ରେ ରହିଲେ। ପ୍ରେମିକାକୁ ଭାବୀ ସ୍ତ୍ରୀ ଭାବି ତା’ର ସବୁ ଇଚ୍ଛା ପୂରଣ କଲେ। ସେ ବାବଦକୁ ପାଖାପାଖି ୯ ଲକ୍ଷ ଟଙ୍କା ଉଡ଼ାଇଦେଲା। କିନ୍ତୁ, ବର୍ଷେ ସାଥିରେ ରହିବା ପରେ ପ୍ରେମିକା ଧୋକା ଦେଇଦେଲା। କଥା ସେତିକିରେ ସରିଲାନି, ଆକ୍ରୋଶ ରଖି ପ୍ରେମିକା ତାଙ୍କ ଉପରେ ଗୋଟିଏ ପରେ ଗୋଟିଏ ଦାଉ ସାଧି ଚାଲିଲା। ତିନିତିନିଟି ଥାନାରେ ପ୍ରେମିକକୁ ବିଭିନ୍ନ ମାମଲାରେ ଛନ୍ଦି ଦେଲା। ଶେଷରେ ଲୋକଲଜ୍ଜା ଓ ଗିରଫଦାରୀରୁ ବର୍ତ୍ତିବା ପାଇଁ



ଜୀବନ ହାରିଦେଲେ। ପିପିଲି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ

▶ ଲିଭ୍-ଇନ୍‌ରେ ରହି ଧୋକା ଦେଲେ ପ୍ରେମିକା!
▶ ଟଙ୍କା ମାଗିବାରୁ ୩ ଥାନାରେ କଲେ ମାମଲା
▶ ପୁଲିସ ଚଢ଼ଉ ବେଳେ ଝୁଲିପଡ଼ିଲେ ଯୁବକ
▶ ଆତ୍ମହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ଉଦ୍ୟମ

ହେଲେ, କଟକ କଲ୍ୟାଣୀ ନଗର ଅଞ୍ଚଳର ସୁଧାଂଶୁ ଭୂଷଣ ବେହେରା (୩୦)। ପୁଲିସ ଚଢ଼ଉ ବେଳେ ଗିରଫଦାରୀ ଭୟରେ ସୁଧାଂଶୁ ନିଜ ଜୀବନ ହାରିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଏକ ଭିଡିଓ କରି ପ୍ରେମିକାର ଅତ୍ୟାଚାର ସଂପର୍କରେ ମୁହଁ ଖୋଲିଛନ୍ତି। ଏବେ ତାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, କଟକର ସୁଧାଂଶୁଙ୍କର ଓଡ଼ିଆ ମାଟ୍ରିମୋନି ମାଧ୍ୟମରେ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେବା ସହ ପିପିଲି ଥାନା ଗୋବିନ୍ଦପୁର ▶ପୃଷ୍ଠା-୭

## ଏଡିଆର ରିପୋର୍ଟ; ରାଜ୍ୟସଭାରେ ଦାଗୀ ଓ କୋଟିପତି

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର)ର ଏକ ନୂତନ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦେଶର ୨୨୯ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭୩ ଜଣ ଅର୍ଥାତ ୩୨ ପ୍ରତିଶତ ସଦସ୍ୟ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ୧୪ ପ୍ରତିଶତ ସାଂସଦ ଅତି ଧନୀ ବା ବିଲିୟନାରି ରହିଛନ୍ତି। ୭୩ ଜଣ ସାଂସଦଙ୍କ ମଧ୍ୟରୁ ୩୬ ଜଣଙ୍କ ନାମରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗୁରୁତର ମାମଲା ରହିଛି। ବିଜେପିର ସର୍ବାଧିକ ୨୭ ଜଣ ସାଂସଦଙ୍କ ନାମରେ ଆପରାଧିକ ମାମଲା ରହିଛି। ରାଜ୍ୟସଭାରେ ୩୧ ଜଣ ଅର୍ଥାତ ୧୪ ପ୍ରତିଶତ ସାଂସଦ ଅଛନ୍ତି ଯାହାଙ୍କର ସମ୍ପତ୍ତି ୧,୦୦୦ କୋଟି ଟଙ୍କାରୁ ଅଧିକ। ଜଣେ ରାଜ୍ୟସଭା ସାଂସଦଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା। ଦଳଗତ ହାରାହାରି ସମ୍ପତ୍ତିରେ ଆମ ଆଦମୀ ପାର୍ଟି (ଆପ୍) ସବୁଠାରୁ ଆଗରେ ରହିଛି। ଆପର ହାରାହାରି ସମ୍ପତ୍ତି ସର୍ବାଧିକ ୫୭୪.୦୯ କୋଟି, କଂଗ୍ରେସର ୧୨୮.୬୧ କୋଟି ଓ ବିଜେପିର ୨୮.୨୯ କୋଟି ଟଙ୍କା ରହିଛି। ବିଆରଏସ୍ ପାର୍ଟିର ସାଂସଦ ବନ୍ଦୀ ପାର୍ଥ ସାରଥିଙ୍କ ନିକଟରେ ସର୍ବାଧିକ ୫, ୩୦୦ କୋଟିରୁ ଅଧିକ ଟଙ୍କା ରହିଛି। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଆପ୍‌ର ରାଜେନ୍ଦ୍ର ଗୁପ୍ତା। ରାଜେନ୍ଦ୍ରଙ୍କ ପାଖରେ ରହିଛି ୫, ୦୫୩ କୋଟି ଟଙ୍କା। ଆପ୍‌ର ସନ୍ଥ ବଲବୀର ସିଂହଙ୍କ ପାଖରେ ସର୍ବନିମ୍ନ ୩ ଲକ୍ଷ ଟଙ୍କା ରହିଛି। ସେହିପରି ମଣିପୁର ମହାରାଜା ସନାଜାଓବା ଲୈଶେମ୍ବା ୫ ଲକ୍ଷ ଟଙ୍କା ସହ ଦ୍ୱିତୀୟ ଗରିବ ସାଂସଦ ବିବେଚିତ ହୋଇଛନ୍ତି।

## ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ସାମୟିକ ଯୁଦ୍ଧ ବିରତି

ଇସଲାମାବାଦ/କାବୁଲ, ୧୯ ।୩(ଏଜେନ୍ସି): ଦକ୍ଷିଣ ଏସିଆର ଦୁଇ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ୱସ୍ତକର ଖବର ସାମ୍ନାକୁ ଆସିଛି। ଆଗାମୀ ମୁସଲିମ ପର୍ବ ଇଦ୍-ଉଲ-ଫିତରକୁ ଦୃଷ୍ଟିରେ ରଖି ଉଭୟ ଦେଶ ନିଜ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଆକ୍ରମଣକୁ ସାମୟିକ ଭାବେ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ସାଉଦି ଆରବ, ତୁର୍କୀ ଓ କତାର ଭଳି ଇସ୍‌ଲାମିକ ଦେଶଗୁଡ଼ିକର ଅନୁରୋଧ କ୍ରମେ ଏହି ଯୁଦ୍ଧବିରତି ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରଡ଼ 'ଏକ୍ସ' ମାଧ୍ୟମରେ ଜଣାଇଛନ୍ତି ଯେ, ପାକିସ୍ତାନ ସେନା ଦ୍ୱାରା ଜାରି ରହିଥିବା ଅପରେସନ ଗଜବ-ଲିଲ୍-ହକ୍‌କୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

## ଉତ୍ତର କୋରିଆରେ କିମ୍ ଜୋଙ୍ଗ ୯୯.୯୩% ଭୋଟ୍‌ରେ ଜିତିଲେ

ପ୍ୟୋଙ୍ଗୟାଙ୍ଗ୍, ୧୯ ।୩(ଏଜେନ୍ସି): ଉତ୍ତର କୋରିଆରେ ମାର୍ଚ୍ଚ ୧୫ରେ ଅନୁଷ୍ଠିତ 'ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି' ନର୍ବାଚନରେ ରାଷ୍ଟ୍ରପତି କିମ୍ ଜୋଙ୍ଗ ଉନ୍‌ଙ୍କ ଶାସକ ଦଳ ସମସ୍ତ ଆସନରେ ବିଜୟୀ ହୋଇଛି। ସରକାରୀ ଗଣମାଧ୍ୟମ (କେସିଏନ୍‌ଏ)ର ରିପୋର୍ଟ ଅନୁଯାୟୀ, ଏହି ନିର୍ବାଚନରେ କିମ୍ ଏକପାଖିଆ ଭାବେ ବିଜୟୀ ହେବା ସହ ୯୯.୯୩ ପ୍ରତିଶତ ଭୋଟ୍ ହାସଲ କରିଛନ୍ତି।



ଦେଶରେ ମୋଟ୍ ୯୯.୯୯ ପ୍ରତିଶତ ମତଦାନ ହୋଇଥିବା ଦାବି କରାଯାଇଛି। ଏହି ଦେଶରେ ପ୍ରତିଟି ନିର୍ବାଚନୀ ମଣ୍ଡଳୀରେ କେବଳ ଜଣେ ପ୍ରାର୍ଥୀ ହିଁ ଥାନ୍ତି, ଯାହାଙ୍କୁ ସରକାର ପୂର୍ବରୁ ମନୋନୀତ କରିଥାନ୍ତି। ଭୋଟରଙ୍କ ପାଖରେ କେବଳ ଦୁଇଟି ବିକଳ୍ପ ଥାଏ, ତାହା ହେଲା ହଁ କିମ୍ବା ନାହିଁ। ତେଣୁ ୦.୦୭ ପ୍ରତିଶତ ଭୋଟ୍ କୌଣସି ବିରୋଧୀ ଦଳକୁ ଯାଇନାହିଁ, ବରଂ ଏହା ସେହି ଭୋଟରମାନଙ୍କର ଯେଉଁମାନେ ସରକାରୀ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ୧୯୫୭ ମସିହା ପରଠାରୁ ପ୍ରଥମଥର ପାଇଁ ଉତ୍ତର କୋରିଆ ସରକରା ସର୍ବସାଧାରଣରେ ସ୍ୱୀକାର କରିଛନ୍ତି ଯେ, କିଛି ଲୋକ ତାଙ୍କ ବିରୋଧରେ ଭୋଟ ଦେଇଛନ୍ତି। ଏହି ନିର୍ବାଚନକୁ ଗଣତାନ୍ତ୍ରିକ ଦର୍ଶାଇବା ପାଇଁ ଏହା ଏକ ରଣନୀତି ହୋଇଥାଇ ପାରେ ବୋଲି କୁହାଯାଉଛି। ଏହି ମତଦାନରେ ୯୯.୯୯ ପ୍ରତିଶତ ଲୋକ ମତଦାନ କରିଥିଲେ। ତେବେ ମାତ୍ର ୦.୦୦୩୭ ପ୍ରତିଶତ ଲୋକ ଭୋଟ ଦେଇପାରି ନଥିଲେ, ଯେଉଁମାନେ ବିଦେଶରେ ଥିଲେ ଓ ସମୁଦ୍ରରେ କାମ କରୁଥିଲେ। ମୋଟ୍ ୬୮୭ ଜଣ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ଶ୍ରମିକ, କୃଷକ, ସାମରିକ ଯବାନ ଓ ବୁଦ୍ଧିଜୀବୀ ଅଛନ୍ତି। କିମ ଜୋଙ୍ଗ୍ ୨୦୧୧ରୁ କ୍ଷମତାରେ ଅଛନ୍ତି। ୨୦୧୯ ରେ ସମ୍ବିଧାନ ସଂଶୋଧନ ପରେ ତାଙ୍କୁ ଦେଶର ସର୍ବୋଚ୍ଚ ନେତା ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି।

## ଫାଷ୍ଟ ଟ୍ରାକ କୋର୍ଟକୁ ଗଲା ଜୁବିନ ଗର୍ଗ ମୃତ୍ୟୁ ମାମଲା

ଗୌହାଟୀ, ୧୯ ।୩(ଏଜେନ୍ସି): ଲୋକପ୍ରିୟ ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ସହିତ ଜଡ଼ିତ ମାମଲାର ବିଚାର ପାଇଁ ଗୌହାଟୀ ହାଇକୋର୍ଟ ଏକ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିଛନ୍ତି। ଏହି କୋର୍ଟରେ ପ୍ରତିଦିନ ଶୁଣାଣି କରାଯିବ। ବାକ୍ସା ଜିଲ୍ଲାର ଜିଲ୍ଲା ଜଜ୍ ଶର୍ମିଳା ଭୂୟାଁ ଏହି ଫାଷ୍ଟ- ଟ୍ରାକ୍ କୋର୍ଟର ପରିଚାଳନା କରିବେ। ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ଏହି ନିଯୁକ୍ତି କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୧୯ ତାରିଖରେ ସିଙ୍ଗାପୁରର ଲାଜାରସ ଦ୍ୱୀପ ନିକଟରେ ସମୁଦ୍ରରେ ବୁଡ଼ି ଜୁବିନ୍‌ଙ୍କର ଦୁର୍ଭାଗ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା। ସେ ସେଠାରେ 'ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲ'ରେ ଯୋଗଦେବାକୁ ଯାଇଥିଲେ। ଆସାମ ପୁଲିସର ସିଆଇଡ଼ି ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରି ଏହି ମାମଲାର ଯାଞ୍ଚ କରିଥିଲା। ଏହି ଘଟଣାରେ ୭ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରାଯାଇଛି। ତେବେ ସିଙ୍ଗାପୁରର କରୋନର କୋର୍ଟ ଏହି ମାମଲାରେ କୌଣସି ପ୍ରକାର ଷଡ଼ଯନ୍ତ୍ରକୁ ଅସ୍ୱୀକାର କରିଛନ୍ତି। କୋର୍ଟ ରିପୋର୍ଟ ଅନୁଯାୟୀ, ଜୁବିନ ଗର୍ଗ ଅତ୍ୟଧିକ ନିଶାଗ୍ରସ୍ତ ଥିଲେ। ସେ ଲାଇଫ ଜ୍ୟାକେଟ ପିନ୍ଧିବାକୁ ମନା କରିଦେଇଥିଲେ, ଯାହା ଫଳରେ ସମୁଦ୍ରରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା।

# ଭାରତ, ପାକ୍, ଆଫଗାନ୍ ଉପରେ ୧୦୦୦ କିମିର ବର୍ଷା ବଳୟ

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ଭାରତ ସମେତ ପଡୋଶୀ ଦେଶ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଏକ ଅତି ବିରଳ ପାଣିପାଗ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ୧,୦୦୦ କିଲୋମିଟର ଲମ୍ବ ସିଧା ବର୍ଷା ବଳୟ ଏହି ତିନୋଟି ଦେଶକୁ ଘୋଡ଼ାଇ ରଖିଛି। ଯାହା ଫଳରେ ଆଗାମୀ କିଛି ଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସାଧାରଣତଃ ପଶ୍ଚିମା ଝଡ଼ ବକ୍ର ବା ବଙ୍କା ଆକାରର ଥାଏ। କିନ୍ତୁ ଏହା ଏକ ସିଧା ରେଖା ପରି ଦେଖାଯାଉଛି, ଯାହା ଅତ୍ୟନ୍ତ ବିରଳ। ଏହିପରି ସିଧା ସଂରଚନା ଯୋଗୁଁ ପ୍ରବଳ ବଜ୍ରପାତ, ଝଡ଼ବର୍ଷା ଓ ପ୍ରଚଣ୍ଡ ବେଗରେ ପବନ ବହିବାର ଆଶଙ୍କା ରହିଛି। ଏହି ବିରଳ ବଳୟ ଆଫଗାନିସ୍ତାନରୁ ଆରମ୍ଭ ହୋଇ ପାକିସ୍ତାନ ଦେଇ ଭାରତର ଉତ୍ତର ଭାଗ ପର୍ଯ୍ୟନ୍ତ ଲମ୍ବିଛି। ଗତ କିଛି ଦିନ ହେବ ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀରେ ପହଞ୍ଚିଥିଲା। ଏହି ନୂତନ ପାଣିପାଗ ପ୍ରଣାଳୀ ଯୋଗୁଁ ତାପମାତ୍ରା ୩ରୁ ୭ ଡ଼ିଗ୍ରୀ ହ୍ରାସ ପାଇଛି। ଭାରତୀୟ ପାଣିପାଗ ଅନୁଯାୟୀ, ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଭାରତରେ ମଧ୍ୟମରୁ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହେବାର ସମ୍ଭାବନା ରହିଛି।




## ପାକିସ୍ତାନରେ ଝଡ଼ ବର୍ଷାର ତାଣ୍ଡବ; ୧୬ ମୃତ

କରାଚି, ୧୯ ।୩(ଏଜେନ୍ସି): ପାକିସ୍ତାନର ବନ୍ଦର ସହର କରାଚିରେ ବୁଧବାର ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ଭୟଙ୍କର ଝଡ଼ ଯୋଗୁଁ ୧୬ ଜଣଙ୍କର ମୃତ୍ୟୁ ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟ ସମଗ୍ର ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପ୍ରବଳ ବର୍ଷା କାରଣରୁ କରାଚିର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଅନେକ ଅଞ୍ଚଳରେ ବିଦ୍ୟୁତ ସେବା ଠପ୍ ହୋଇଯାଇଛି। ପ୍ରଖର ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ସହରର ମୁଖ୍ୟ ରାସ୍ତାଗୁଡ଼ିକ ବନ୍ଦ ହୋଇଯାଇଛି। ସହରରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯେଉଁ ମୃତଦେହଗୁଡ଼ିକର ଚିହ୍ନଟ ହୋଇପାରୁନାହିଁ, ସେଗୁଡ଼ିକୁ ଶବ ସଂରକ୍ଷଣ ଗୃହରେ ରଖାଯାଉଛି। ପୂର୍ବରୁ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ଏହି ପଶ୍ଚିମା ପ୍ରଭାବ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ସକ୍ରିୟ ରହିବ। ସାମାଜିକ ସଂସ୍ଥା ନିଧି ଫାଉଣ୍ଡେସନ ତରଫରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଯେଉଁ ମୃତଦେହଗୁଡ଼ିକ ଚିହ୍ନଟ ହୋଇଛି ସେଗୁଡ଼ିକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ରାତିରୁ ଆରମ୍ଭ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ରେ ଅନେକ ଲୋକ ଆହତ ହୋଇଛନ୍ତି। କରାଚିର ବାଲ୍ଦିଆ ଟାଉନ୍ ଅନ୍ତର୍ଗତ ମୱାଚ୍ ଗୋଥ ଅଞ୍ଚଳରେ ଏକ ପରିତ୍ୟକ୍ତ କୋଠାର କାନ୍ଥ ଓ ଛାତ ଭୁଶୁଡ଼ିବା ଫଳରେ ସେଠାରେ ଆଶ୍ରୟ ନେଇଥିବା ୧୩ ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଲକ୍ଷୀ ମଜିଦ୍ କଲୋନୀରେ କାନ୍ଥ ପଡ଼ି ଜଣେ ଦମ୍ପତିଙ୍କର ମୃତ୍ୟୁ ହୋଇଛି। ସହରରେ ପବନର ତୀବ୍ରତା ଘଣ୍ଟା ପ୍ରତି ୯୦ରୁ ୯୭ କିମି ଥିଲା। ସହରର କିଛି ଅଞ୍ଚଳରେ ୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆମେରିକାର ଚିନ୍ତା ବଢ଼ାଇଲା ରହସ୍ୟମୟ ଡ୍ରୋନ୍



ୱାସିଂଟନ/ ଦୋହା, ୧୯ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଜଧାନୀ ୱାସିଂଟନ ଡିସିରେ ଏକ ବଡ଼ ଧରଣର ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଆମେରିକାର ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି 'ଫୋର୍ଟ ମ୍ୟାକନେୟାର' ଉପରେ ଏକାଧିକ ଅଜ୍ଞାତ ଡ୍ରୋନ ଉଡୁଥିବାର ଦେଖିବାକୁ ମିଳିଛି। ଏହି ସ୍ଥାନରେ ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଏବଂ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ରୁହନ୍ତି। ଗତ ୧୦ ଦିନ ମଧ୍ୟରେ ଗୋଟିଏ ରାତିରେ ଏକାଧିକ ଡ୍ରୋନ୍ ଏହି ସେନା ଘାଟି ଉପରେ ଉଡୁଥିବାର ଦେଖାଯାଇଥିଲା। ଏହି ଘଟଣା ପରେ ହ୍ୱାଇଟ୍ ହାଉସ୍‌ରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋର୍ଟ ମ୍ୟାକନେୟାରରେ କେବଳ ରୁବିଓ ଓ ହେଗସେଥ ନୁହନ୍ତି, ବରଂ ଟ୍ରମ୍ପ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ରହିବାକୁ ଆସିଛନ୍ତି। ଏହି ଘାଟି ହ୍ୱାଇଟ ହାଉସ୍‌ଠାରୁ ମାତ୍ର ୩.୨ କିମି ଦୂରରେ ଅବସ୍ଥିତ। ଡ୍ରୋନ ଦେଖାଯିବା ପରେ ସୁରକ୍ଷା ଦୃଷ୍ଟିରୁ ରୁବିଓ ଓ ହେଗସେଥଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଚାରବିମର୍ଶ ହୋଇଥିଲା।



କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ ସେହି ବାସଭବନରେ ରହୁଛନ୍ତି। ଇରାନ ଓ ଆମେରିକା ମଧ୍ୟ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଏହି ଘଟଣାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ତେବେ ପେଣ୍ଟାଗନ ମୁଖପାତ୍ର ସିନ ପାର୍ନେଲ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେବାକୁ ମନା କରିଦେଇଛନ୍ତି।

- ■ ଆମେରିକା ସାମରିକ ଘାଟି ଉପରେ ଡ୍ରୋନ୍
- ■ ଇରାନ ଭୁଲ କଲେ ସର୍ବନାଶ ହେବ: ଟ୍ରମ୍ପଙ୍କ ଚେତାବନୀ

ପଶ୍ଚିମ ଏସିଆରେ ଯୁଦ୍ଧ ଚାଲିଥିବା ବେଳେ ଇରାନ ପକ୍ଷରୁ କତାରର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଭାଷାରେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଇରାନର ଗୁରୁତ୍ୱପୂର୍ଣ୍ଣ 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଆଉ ଆକ୍ରମଣ କରିବ ନାହିଁ, ଯଦି ଇରାନ ନିରୀହ କତାର ଉପରେ ଆଉ ଆକ୍ରମଣ ନ କରୁ। ଇସ୍ରାଏଲ ପକ୍ଷରୁ ଇରାନର ଗ୍ୟାସ୍ ଫିଲ୍ଡ ଉପରେ ହୋଇଥିବା ଆକ୍ରମଣ ବିଷୟରେ ଆମେରିକା କିଛି ଜାଣି ନ ଥିଲା ଏବଂ ଏଥିରେ କତାରର କୌଣସି ସମ୍ପୃକ୍ତି ନଥିଲା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଯଦି ଇରାନ ପୁଣିଥରେ କତାରର ଏଲ୍‌ପିଜି କେନ୍ଦ୍ରକୁ ଟାର୍ଗେଟ କରେ, ତେବେ ଆମେରିକା ନିଜେ ଇରାନର ସାଉଥ ପାର୍ସ ଗ୍ୟାସ୍ ଫିଲ୍ଡକୁ ଆକ୍ରମଣ କରି ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବ। ଟ୍ରମ୍ପ କହିଛନ୍ତି, ଏହା ଏପରି ଏକ ଶକ୍ତିଶାଳୀ ଆକ୍ରମଣ ହେବ ଯାହା ଇରାନ ପୂର୍ବରୁ କେବେ କଳ୍ପନା କରି ନଥିବ। ସେପଟେ ଆକ୍ରମଣ ପରେ କତାର ସରକାର ଇରାନର ଦୂତାବାସ ଅଧିକାରୀମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଁ ୧୦୮ ଡଲାର ଅତିକ୍ରମ କରିଛି। ଯୁଦ୍ଧ ଆରମ୍ଭରୁ ଦର ପ୍ରାୟ ୫୦ ପ୍ରତିଶତ ବଢ଼ିଲାଣି। ଇରାନ କେବଳ କତାର ନୁହେଁ, ବରଂ ୟୁଏଇର ହବଶାନ ଗ୍ୟାସ ଫିଲ୍ଡକୁ ଟାର୍ଗେଟ କରିଛି, ଯାହାକୁ ୟୁଏଇ ସରକାର ଅତ୍ୟନ୍ତ ବିପଜ୍ଜନକ ବୋଲି କହିଛନ୍ତି। ଇତିମଧ୍ୟରେ ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ମୁଁ ଏତେ ବଡ଼ ଧରଣର ବିନାଶ ଚାହୁଁନାହିଁ, କିନ୍ତୁ କତାର ଉପରେ ଆକ୍ରମଣ ହେଲେ ଆଦୌ ଦ୍ୱିଧାବୋଧ କରିବି ନାହିଁ।

## ଇରାନ ଯୁଦ୍ଧ ପାଇଁ ଟ୍ରମ୍ପଙ୍କ ବିଶାଳ ପ୍ରତିରକ୍ଷା ବଜେଟ

ୱାସିଂଟନ, ୧୯ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପାଇଁ ଆମେରିକାର ପ୍ରତିରକ୍ଷା ବିଭାଗ 'ପେଣ୍ଟାଗନ' ପକ୍ଷରୁ ଏକ ବୃହତ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରାଯାଇଛି। ତେବେ ଏହି ପ୍ରସ୍ତାବ ଆମେରିକା କଂଗ୍ରେସରେ ଅନୁମୋଦିତ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧ ପାଇଁ ପୂର୍ବରୁ ୧.୫ ଟ୍ରିଲିୟନ ଅର୍ଥାତ ୧୩୯.୭୯ ଲକ୍ଷ କୋଟି ଟଙ୍କା ପ୍ରତିରକ୍ଷା ବଜେଟ ପାଇଁ ଆହ୍ୱାନ ଦେଇଛନ୍ତି। ଏହା ଗତବର୍ଷ ତୁଳନାରେ ୫୦ ପ୍ରତିଶତ ଅଧିକ। ରିପବ୍ଲିକାନ ସଦସ୍ୟମାନେ ଏହି ଅତିରିକ୍ତ ପାଣ୍ଠିକୁ ସମର୍ଥନ କରୁଥିଲେ ମଧ୍ୟ ସିନେଟ୍‌ରେ '୬୦- ଭୋଟ୍' ନିୟମକୁ ଅତିକ୍ରମ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ରଣନୀତି ପ୍ରସ୍ତୁତ ହୋଇପାରି ନାହିଁ। ଉପ ପ୍ରତିରକ୍ଷା ସଚିବ ଷ୍ଟିଭେନ ଫାଇନବର୍ଗଙ୍କ ନେତୃତ୍ୱରେ ପେଣ୍ଟାଗନ ଏକାଧିକ ପ୍ୟାକେଜ ପ୍ରସ୍ତୁତ କରିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମେରିକାର ଅସ୍ତ୍ରଶସ୍ତ୍ର ଅଭାବ ଦୂର କରିବା ଓ ପ୍ରତିରକ୍ଷା ଶିଳ୍ପକୁ ଗତିଶୀଳ କରିବା। ପୂର୍ବରୁ ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ଜୋ ବାଇଡେନ ପ୍ରଶାସନକୁ ୟୁକ୍ରେନ ଯୁଦ୍ଧରେ ଅତ୍ୟଧିକ ଖର୍ଚ୍ଚ କରିବା ନେଇ ସମାଲୋଚନା କରୁଥିଲେ। ୟୁକ୍ରେନ ପାଇଁ ପ୍ରାୟ ୧୮୮ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ବେଳେ, ବର୍ତ୍ତମାନ ଇରାନ ଯୁଦ୍ଧ ପାଇଁ ପ୍ରସ୍ତାବିତ ଅର୍ଥ ଏହି ସୀମାକୁ ବହୁ ପଛରେ ପକାଇବ। ତେଣୁ ଆମେରିକା ରାଜନୀତିରେ ଏଥି ପାଇଁ ହଇଚଇ ସୃଷ୍ଟି ହୋଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ସେନା ନିଜର ପ୍ରସ୍ତୁତି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ସଜାଡ଼ିବା ପାଇଁ ଅତିରିକ୍ତ ଅର୍ଥ ଦାବି କରିଆସୁଛି। ଯୁଦ୍ଧ ଯୋଗୁଁ ଆମେରିକାର ସଠିକ୍ ଗୁଳିଗୋଳା ଭଣ୍ଡାର ହ୍ରାସ ଘଟିଛି, ଯାହାକୁ ପୂରଣ କରିବା ପେଣ୍ଟାଗନ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଯଦି ଏହି ଅନୁଦାନ ମଞ୍ଜୁର ହୁଏ, ତେବେ ଏହା ବିଶ୍ୱ ଇତହାସରେ କୌଣସି ଏକ ନିର୍ଦ୍ଦିଷ୍ଟ ଯୁଦ୍ଧ ପାଇଁ ସବୁଠାରୁ ବଡ଼ ସାମରିକ ଖର୍ଚ୍ଚ ମଧ୍ୟରୁ ଅନ୍ୟତମ ହେବ।

## ଇସ୍ରାଏଲ ହିଁ ଆମେରିକାକୁ ଯୁଦ୍ଧକୁ ଠେଲି ଦେଇଛି: ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ

ୱାସିଂଟନ, ୧୯ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ଆତଙ୍କବାଦ ବିରୋଧୀ ସଂସ୍ଥା ମୁଖ୍ୟ ଜୋ କେଣ୍ଟ ଏକ ଚାଞ୍ଚଲ୍ୟକର ମନ୍ତବ୍ୟ ଦେଇଛନ୍ତି। ଇରାନ ଯୁଦ୍ଧ ପ୍ରତିବାଦରେ ନିଜ ପଦରୁ ଇସ୍ତଫା ଦେବା ପରେ, ସେ ଦାବି କରିଛନ୍ତି ଯେ ଇରାନ ପାଖରେ ପରମାଣୁ ବୋମା ନଥିଲା ଏବଂ ଇସ୍ରାଏଲ ହିଁ ଆମେରିକାକୁ ଏହି ଯୁଦ୍ଧ ଭିତରକୁ ଠେଲି ଦେଇଛି। ପ୍ରସିଦ୍ଧ ପୋଡକାଷ୍ଟର ଟକର କାର୍ଲସେନଙ୍କୁ ଦେଇଥିବା ସାକ୍ଷାତକାରରେ କେଣ୍ଟ କହିଛନ୍ତି ଯେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହିଁ ଆମେରିକାକୁ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି। ଇସ୍ରାଏଲ ଜାଣିଥିଲା ଯେ, ସେମାନେ ଯୁଦ୍ଧ ଆରମ୍ଭ କଲେ ଆମେରିକା ବାଧ ହୋଇ ସେମାନଙ୍କୁ ସାହାଯ୍ୟ କରିବ। ଟ୍ରମ୍ପ ପ୍ରଶାସନ ଦାବି କରିଥିଲା ଯେ ଇରାନ ମାତ୍ର ଦୁଇ ସପ୍ତାହ ମଧ୍ୟରେ ପରମାଣୁ ବୋମା ତିଆରି କରିଦେବ। କିନ୍ତୁ କେଣ୍ଟ



ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖାନ କରିଛନ୍ତି। ଏମିତି କୌଣସି ବିପଦ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ୨୦୦୪ରୁ ଇରାନରେ ଏକ ଫତୱା ଜାରି ହୋଇଛି, ଯାହା ପରମାଣୁ ଅସ୍ତ୍ର ନିର୍ମାଣକୁ ବିରୋଧ କରେ। ଆମେରିକା ପାଖରେ ଏପରି କୌଣସି ଗୁଇନ୍ଦା ସୂଚନା ନଥିଲା ଯେ ଇରାନ ଏହି ନିୟମ ଭାଙ୍ଗୁଛି। ପୁଣି ଇରାନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ହତ୍ୟା ଆମେରିକା ପାଇଁ ଲାଭ ଦାୟକ ହେବା ପରିବର୍ତ୍ତେ କଠୋରପନ୍ଥୀଙ୍କୁ ଅଧିକ ସକ୍ରିୟ କରିଦେଇଛି ବୋଲି ସେ ମତ ଦେଇଛନ୍ତି। ତେବେ ଜୋ କେଣ୍ଟଙ୍କ ଏହି ଅଭିଯୋଗକୁ ଟ୍ରମ୍ପଙ୍କ ପ୍ରେସ୍ ସଚିବ କାରୋଲିନ ଲିଭିଟ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ କୌଣସି ବିଦେଶ ଶକ୍ତି ଦ୍ୱାରା ପ୍ରଭାବିତ ନୁହଁନ୍ତି। ସେ ଯାହା ବି ନିଷ୍ପତ୍ତି ନିଅନ୍ତି, ତାହା କେବଳ ଆମେରିକା ସ୍ୱାର୍ଥ ପାଇଁ।

## ଇସ୍‌ଫାହାନରେ ଇରାନର ନୂଆ ଭୂତଳ ପରମାଣୁ କେନ୍ଦ୍ର

ୱାସିଂଟନ, ୧୯ ।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ଦାବି କରିଥିଲେ ଯେ ସେମାନେ ଇରାନର ପରମାଣୁ କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛନ୍ତି। କିନ୍ତୁ ଏକ ନୂତନ ରିପୋର୍ଟ ଅନୁଯାୟୀ, ଇସଫାହାନରେ ଇରାନ ଏକ ରହସ୍ୟମୟ ଭୂତଳ ପରମାଣୁ ସମ୍ପ୍ରସାରଣ କେନ୍ଦ୍ର ରହିଛି। ଏନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ପାଖରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ଆଇଏଇଏର ମହାନିର୍ଦ୍ଦେଶକ ରାଫାଏଲ ଗ୍ରୋସି କହିଛନ୍ତି ଯେ ଏହି କେନ୍ଦ୍ରଟି ଭୂତଳରେ ଅବସ୍ଥିତ। କିନ୍ତୁ ଏପର୍ଯ୍ୟନ୍ତ ଏଜେନ୍ସିର କୌଣସି ପ୍ରତିନିଧି ସେଠାକୁ ଯାଇନାହାନ୍ତି। ଗତବର୍ଷ ଜୁନମାସରେ ଅପରେସନ ମିଡ୍‌ନାଇଟ୍ ହ୍ୟାମର ଆରମ୍ଭ ହେବା ପୂର୍ବରୁ ଗ୍ରୋସି ସେହିସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଯୁଦ୍ଧ ଯୋଗୁଁ ତାହା ବାତିଲ ହୋଇଥିଲା। ଗ୍ରୋସିଙ୍କ କହିବା ଅନୁଯାୟୀ, ସେହି ସ୍ଥାନଟି କେବଳ ଏକ ଖାଲି ହଲ୍ କିମ୍ବା ସେଠାରେ ୟୁରାନିୟମ ସମ୍ପ୍ରସାରଣ ପାଇଁ ସେଣ୍ଟ୍ରିଫ୍ୟୁଜ ଲଗାଯାଇଛି, ସେ ବିଷୟରେ କୌଣସି ସୂଚନା ନାହିଁ। ପୂର୍ବରୁ ଆଇଏଇଏ ଚେତାବନୀ ଦେଇଥିଲା ଯେ ଇରାନ ୬୦ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ୟୁରାନିୟମ ପ୍ରସ୍ତୁତ କରିସାରିଛି, ଯାହା ପରମାଣୁ ବୋମା ତିଆରି ପାଇଁ ଆବଶ୍ୟକ ମାତ୍ରାର ଅତି ନିକଟତର। ମଙ୍ଗଳବାର ସନ୍ଧ୍ୟାରେ ଇରାନର ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ନିକଟରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ତେବେ ଏଥିରେ କେନ୍ଦ୍ରର କୌଣସି କ୍ଷତି ହୋଇନାହିଁ। ଇତିମଧ୍ୟରେ ନାଟାଞ୍ଜ ସ୍ଥିତ ଭୂତଳ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଥିବାର ସୂଚନା ମିଳିଛି।

**ଆଇଏଇଏ ପାଖରେ ନାହିଁ କୌଣସି ସୂଚନା**

# ହର୍ମୁଜ୍ ସମୁଦ୍ର ତଳ କେବୁଲ କାଟି ସାରା ବିଶ୍ୱର ଇଣ୍ଟରନେଟ୍ ବନ୍ଦ କରିବ ଇରାନ!

ନୂଆଦିଲ୍ଲୀ, ୧୯ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କେବଳ ତୈଳ ଯୋଗାଣ ନୁହେଁ, ବରଂ ବିଶ୍ୱର ଡିଜିଟାଲ ବ୍ୟବସ୍ଥା ଓ ଇଣ୍ଟରନେଟ ପାଇଁ ବିପଦ ସୃଷ୍ଟି କରିଛି। ହର୍ମୁଜ ପ୍ରଣାଳୀ ଓ ଲୋହିତ ସାଗର ଦେଇ ଯାଉଥିବା ଗୁରୁତ୍ୱପୂର୍ଣ୍ଣ ଅଣ୍ଡର ସି ଫାଇବର-ଅପ୍ଟିକ କେବୁଲଗୁଡ଼ିକ ଏବେ ଯୁଦ୍ଧର ଟାର୍ଗେଟରେ ରହିଛି। ସମୁଦ୍ର ତଳେ ବିଛା ଯାଇଥିବା ଏହି ପତଳା କେବୁଲଗୁଡ଼ିକ ବିଶ୍ୱର ପ୍ରାୟ ସମସ୍ତ ଡାଟା, ବ୍ୟାଙ୍କିଙ୍ଗ ଟ୍ରାନ୍ସଫର, ଇମେଲ୍ ଓ ଏଆଇ ସେବା ପରିଚାଳନା କରେ। ଲୋହିତ ସାଗର ଓ ହର୍ମୁଜ ପ୍ରଣାଳୀ ଦେଇ ପ୍ରାୟ ୨୦ଟି ପ୍ରମୁଖ କେବୁଲ ଯାଇଛି। ଏଥି ମଧ୍ୟରେ ଏଏଇ-୧, ଫାଲକନ, ଟାଟା- ଟିଜିଏନ୍ ଗଲ୍ ପରି କେବୁଲ ଅନ୍ତର୍ଭୁକ୍ତ, ଯାହା ଭାରତର ଅନ୍ତର୍ଜାତୀୟ କନେକ୍ଟିଭିଟି ପାଇଁ ଅତ୍ୟନ୍ତ ଜରୁରୀ। ଗୁଗଲ, ମାଇକ୍ରୋସଫ୍ଟ ଓ ଆମାଜାନ ପରି କମ୍ପାନୀଗୁଡ଼ିକ ଉପସାଗରୀୟ ଦେଶଗୁଡ଼ିକରେ ବିଶାଳ ଡାଟା ସେଣ୍ଟର ନିର୍ମାଣ କରିଛନ୍ତି, ଯାହା କେବୁଲ ଉପରେ ନିର୍ଭରଶୀଳ। ଇରାନର ହର୍ମୁଜ ପ୍ରଣାଳୀରେ ସାମୁଦ୍ରିକ ମାଇନ୍ ବିଛା ଯାଇଥିବାରୁ ମରାମତି ଜାହାଜଗୁଡ଼ିକ ସେହି ଅଞ୍ଚଳକୁ ଯାଇପାରୁନାହାନ୍ତି। ଯଦି କୌଣସି କାରଣରୁ କେବୁଲ କଟିଯାଏ, ତେବେ ଏହାକୁ ଠିକ୍ କରିବା ପାଇଁ ସପ୍ତାହ କିମ୍ବା ମାସମାସ ସମୟ ଲାଗିପାରେ। ଯଦିଓ ଇରାନର ଅନେକ ନୌଜାହାଜ ବୁଡ଼ି ଯାଇଛି, ତଥାପି ସେମାନଙ୍କ ଅଣ୍ଡରୱାଟର ଟିମ୍ ଏବଂ ଶ୍ୟାଡୋ ଫ୍ଲିଟ୍ କେବୁଲ କାଟିବାରେ ସକ୍ଷମ ବୋଲି ଆଶଙ୍କା କରାଯାଉଛି। ଯଦି ଏହି ଚୋକ ପଏଣ୍ଟଗୁଡ଼ିକରେ କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଭାରତରେ ଇଣ୍ଟରନେଟ ଗତି ଅତ୍ୟନ୍ତ ଧିମା ହୋଇଯିବ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି।



# ସୁଭଦ୍ରାରେ ସରିଗଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା!

## ଦରମା ଅପେକ୍ଷାରେ ରାଜ୍ୟର ହଜାରହଜାର କର୍ମୀ ଓ ସହାୟିକା

ଭୁବନେଶ୍ୱର/ ନୟାଗଡ଼,୧୯।୩(ସମିସ): ମହିଳା ଦିବସରେ ସରକାର ରାଜ୍ୟର କୋଟିଏ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ 'ସୁଭଦ୍ରା' ସହାୟତା ରାଶି ପ୍ରଦାନ କଲେ। ମାତ୍ର ବିଭିନ୍ନ ଜିଲ୍ଲାରେ କାମ କରୁଥିବା ଲକ୍ଷାଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଏଯାଏଁ ଦରମା ମିଳି ପାରିଲା ନାହିଁ। କେବଳ ଅଙ୍ଗନବାଡ଼ି ନୁହେଁ; ଅନ୍ୟାନ୍ୟ ଅନେକ ବିଭାଗରେ ଏଯାଏଁ କର୍ମଚାରୀଙ୍କ ଦରମା ବିଲ୍ ହୋଇ ପାରିନାହିଁ। ଖୋଦ୍ ରାଜଧାନୀର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି କଲେଜର ୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ କର୍ମଚାରୀ ମଧ୍ୟ ଏଯାଏଁ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି।

ରାଜ୍ୟରେ ପ୍ରାୟ ୭୪ ହଜାର ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି ରହିଛି। ଏଠାରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମିଶାଇ ମୋଟ କର୍ମଚାରୀ ସଂଖ୍ୟା ୧.୩ ଲକ୍ଷରୁ ଅଧିକ। ମାର୍ଚ୍ଚ ମାସର ତୃତୀୟ ସପ୍ତାହ ବିତିଥିଲେ ବି ରାଜ୍ୟର ବିଭିନ୍ନ ଜିଲ୍ଲାର ଅର୍ଦ୍ଧାଧିକ କର୍ମୀ ଓ ସହାୟିକା ବେତନରୁ ବଞ୍ଚିତ ହୋଇଛନ୍ତି। କେବଳ ଏତିକି ନୁହେଁ; କେଉଁ ଜିଲ୍ଲାରେ ୩ ମାସ ହେଲା ଅଣ୍ଡା ଯୋଗାଣକାରୀ ସଂସ୍ଥା ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି ତ, କେଉଁଠି ପୁଣି ରନ୍ଧା ଖାଦ୍ୟଗୁଡ଼ିକ ବାବଦରେ ଟଙ୍କା ମଞ୍ଜୁର ହୋଇ ନାହିଁ। ଯାହାଫଳରେ ଜିଲ୍ଲାଗୁଡ଼ିକରେ ଶିଶୁ ଶିକ୍ଷା ଓ ସୁରକ୍ଷା ପ୍ରଭାବିତ ହେବାକୁ ବସିଛି, ଏହାର ପରୋକ୍ଷ ପ୍ରଭାବ କୋମଳମତି ପିଲାମାନଙ୍କ ଉପରେ ପଡ଼ିଛି।

ଅଙ୍ଗନବାଡ଼ି କର୍ମୀମାନଙ୍କୁ ଖୁବ୍ କମ୍ ପାରିଶ୍ରମିକ ମିଳେ। କେନ୍ଦ୍ର ସରକାର ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୪୫୦୦ ଟଙ୍କା, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୩୨୦୦ ଓ ସହାୟିକାଙ୍କ ବେତନ ଅଂଶରୁ ୨୨୫୦ ଟଙ୍କା ପ୍ରଦାନ କରିଥାଆନ୍ତି। ରାଜ୍ୟରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦାବି ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଙ୍ଗନବାଡ଼ି କର୍ମୀମାନଙ୍କ ବେତନ ୧୦ ହଜାର, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ୭୨୦୦ ଓ ସହାୟିକାମାନଙ୍କ ବେତନ ୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। ସେହି ଆଧାରରେ ରାଜ୍ୟ ସରକାର ସେମାନଙ୍କୁ ବେତନ ପ୍ରଦାନ କରୁଛନ୍ତି। ପିଲାଙ୍କ ଯତ୍ନନେବା, ସେମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ ସହ ନିଜ ଅଞ୍ଚଳରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସହ କିଶୋରୀ ଓ ଶିଶୁ ପୁଷ୍ଟି ଯୋଜନାର ତତ୍ତ୍ୱାବଧାନ ଦାୟିତ୍ୱ ଅଙ୍ଗନବାଡ଼ି କର୍ମୀମାନେ ତୁଲାଇ ଥା'ନ୍ତି। ମାତ୍ର ଅଳ୍ପ ପାରିଶ୍ରମିକ ପାଉଥିବା ଗାଁ ଗହଳିର ଏହି ମହିଳା କର୍ମୀ ଓ ସହାୟିକାଙ୍କୁ ଦରମା ପ୍ରଦାନ ବିଳମ୍ବ ହେବା ପରେ ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ପ୍ରାୟ ହଜାର ହଜାର କର୍ମୀ ଓ ସହାୟିକା ଏବେ ଦରମାକୁ ଅପେକ୍ଷା କରି ବସିଛନ୍ତି। କେବଳ ନୟାଗଡ଼ ନୁହେଁ; ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସ୍ଥିତି ସମାନ। ତେଣୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ**

## ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ମାଟ୍ରିକ୍ ଫଳ

କଟକ, ୧୯ ।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଜିଠାରୁ ରାଜ୍ୟର ୫୧ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ଏପ୍ରିଲ୍ ୨ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ମାଟ୍ରିକ୍ ସହ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍ଓଏସ୍ସି) ଏବଂ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ଟି ଜିଲ୍ଲାରେ ସମୁଦାୟ ୫୧ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଏଥିପାଇଁ ବିଭିନ୍ନ ବିଷୟର ପ୍ରାୟ ୧୫ହଜାର ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପୂର୍ବରୁ ଓଏମଆର୍ ସିଟ୍ଗୁଡ଼ିକର ମୂଲ୍ୟାୟନ ଶେଷ ହୋଇସାରିଥିବା ବେଳେ ଆଜିଠାରୁ ସବ୍ଜେକ୍ଟିଭ୍ ପେପରଗୁଡ଼ିକର ମୂଲ୍ୟାଙ୍କନ ଆରମ୍ଭ କରାଯାଇଛି। ନିର୍ଦ୍ଧାରିତ ସମୟସୀମାରେ ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛ କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତି ମୂଲ୍ୟାୟନ କେନ୍ଦ୍ରକୁ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯାଉଛି ଏବଂ ମୂଲ୍ୟାୟନ କରୁଥିବା ଶିକ୍ଷକମାନଙ୍କୁ କେନ୍ଦ୍ର ଭିତରକୁ ମୋବାଇଲ୍ ଫୋନ୍ ନେବାକୁ ବାରଣ କରାଯାଇଛି। ସେହିପରି କେଉଁ ନୋଡାଲ୍ ସେଣ୍ଟରରୁ ଉତ୍ତରଖାତାଗୁଡ଼ିକ କେଉଁ କେନ୍ଦ୍ରକୁ ପଠାଯାଇଛି, ତାହାକୁ ସମ୍ପୂର୍ଣ୍ଣ ଗୋପନୀୟ ରଖାଯାଇଛି।

**ଏସ୍ସିବି ଅଗ୍ନିକାଣ୍ଡରେ ୧୩ ରୋଗୀଙ୍କ ମୃତ୍ୟୁ ଘଟଣା**

## ତେଜିଲା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି



ଭୁବନେଶ୍ୱର,୧୯।୩(ସମିସ): କଟକ ଏସ୍ସିବି ଅଗ୍ନିକାଣ୍ଡ ଓ ଏଥିରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଅପରାଧିକ ଅବହେଳା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୟନୀୟ ଅବସ୍ଥାର ପ୍ରମାଣ। ଏହା ଦୁର୍ଘଟଣା ନୁହେଁ ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଅପରାଧିକ ଅବହେଳା ଓ "ବ୍ୟବସ୍ଥାକୃତ ହତ୍ୟା'। ତେଣୁ ଏହି ଘଟଣାରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ଦରକାର ବୋଲି ବୋଲି ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି। ଗୁରୁବାର ଭୁବନେଶ୍ୱର ସ୍ଥିତ ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟରେ କଟକ ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ସମ୍ବନ୍ଧରେ ମିଳିତ ବିରୋଧୀ ଦଳମାନଙ୍କ ଏକ ଜରୁରୀ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଦାବିଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ, ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ସୁପେରିଣ୍ଟେଣ୍ଡେଣ୍ଟ ସମେତ ଏହି ଘଟଣା ପାଇଁ ଦାୟୀ ସରକାରୀ ଅଧିକାରୀ, କର୍ମଚାରୀ ଏବଂ ବିଦ୍ୟୁତ ଠିକାଦାରକୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର୍ ସେଫ୍ଟି ଓ ସୁରକ୍ଷା ବ୍ୟବସ୍ଥାର ସାମଗ୍ରିକ ଅଡିଟ୍ ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏହି ଦାବିଗୁଡ଼ିକ ପୂରଣ ପାଇଁ ମିଳିତ ଭାବେ ତୀବ୍ର ଆନ୍ଦୋଳନ ହେବ। ଉପରୋକ୍ତ ଦାବି ଉପରେ ଆସନ୍ତା ଦିନରେ କଟକଠାରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ରାଜ୍ୟ ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ ପ୍ରଦର୍ଶନ, ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ଏବଂ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କଂଗ୍ରେସ ପକ୍ଷରୁ ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ବିଜେଡି ପକ୍ଷରୁ ଅତନୁ ସବ୍ୟସାଚୀ ନାୟକ, ବିଜୟ ନାୟକ, ଲେନିନ ମହାନ୍ତି, ସିପିଆଇ ପକ୍ଷରୁ ଡଃ ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ପକ୍ଷରୁ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍) - ଲିବରେସନ ପକ୍ଷରୁ ରାଧାକାନ୍ତ ସେଠୀ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ରୁ ଜ୍ୟୋତି ରଞ୍ଜନ ମହାପାତ୍ର, ଏନସିପିରୁ ବିକ୍ରମ ସ୍ୱାଇଁ, ସମତା କ୍ରାନ୍ତି ଦଳରୁ ପ୍ରଭାସ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ।

**ଗୁମର ଖୋଲିଲେ କଂଗ୍ରେସ ବିଧାୟକ ପବିତ୍ର ସାଉଁତା**

## 'ଘୋଡ଼ା' ମୂଲ ୧୫ କୋଟି !

ଭୁବନେଶ୍ୱର,୧୯।୩(ସମିସ): ଗତ ରାଜ୍ୟସଭା ନିର୍ବାଚନରେ 'ଘୋଡ଼ା' ମାନଙ୍କ ମୂଲ କେତେ ଥିଲା, ତାହାକୁ ନେଇ ସାରା ରାଜ୍ୟରେ ଯାବତୀୟ ଆଲୋଚନା ଚାଲିଛି । ପ୍ରଥମେ ଘୋଡ଼ା ମୂଲ ୨ କୋଟିରୁ ୫ କୋଟି ଥିବା କୁହାଯାଉଥିଲା। ମାତ୍ର କଂଗ୍ରେସ ବିଧାୟକ ପବିତ୍ର ସାଉତା 'ଘୋଡ଼ା' ମୂଲ ନେଇ ଯେଉଁ ବିସ୍ଫୋରକ ତଥ୍ୟ ରଖିଛନ୍ତି; ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ତାଙ୍କୁ ବି ଘୋଡ଼ା ହେବାକୁ ଅଫର ଥିଲା ଓ ଏଥିପାଇଁ ୧୫ କୋଟି ଟଙ୍କା ଯଚା ଯାଇଥିବା ସାଂଘାତିକ ଅଭିଯୋଗ କରିଛନ୍ତି ପବିତ୍ର । ଓଡ଼ିଶା ବିଧାନସଭାର ସବୁଠୁ ଗରିବ ବିଧାୟକଙ୍କ ସୂଚୀରେ ପବିତ୍ର ସାଉଁତାଙ୍କ ନାମ ରହିଛି । କ୍ରସ ଭୋଟିଂ କରିଥିଲେ ତାଙ୍କୁ ହୁଏତ କୋଟି କୋଟି ଟଙ୍କା ମିଳି ଥାଆନ୍ତା, ମାତ୍ର ଏପରି ଲୋଭନୀୟ ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଯେଉଁ ଦଳ ତାଙ୍କୁ ଟିକଟ ଦେଇଛି ଓ ଯେଉଁ ଲୋକମାନେ ତାଙ୍କୁ ଦଳୀୟ ଚିହ୍ନରେ ଭୋଟ ଦେଇଛନ୍ତି; ସେମାନଙ୍କ ପ୍ରତି ବେଇମାନୀ ନ କରିବାକୁ ନିଷ୍ପତ୍ତି ନେଇ ସେ ଦଳୀୟ ହ୍ୱିପ୍ ମାନି ଭୋଟ ଦେଇଛନ୍ତି ବୋଲି ପବିତ୍ର କହିଛନ୍ତି।



ଗଣମାଧ୍ୟମକୁ ପବିତ୍ର କହିଛନ୍ତି ଯେ କ୍ରସ ଭୋଟିଂ କରିବାକୁ ଆମ ସହ ଯୋଗାଯୋଗ କରାଯାଇଥିଲା। ୧୫ କୋଟି ଟଙ୍କା ପ୍ରଲୋଭନ ଦେଖାଯାଇଥିଲା। ମାତ୍ର ଆମ ପାଇଁ ଆମ ଦଳର ସମ୍ମାନ ଓ ମର୍ଯ୍ୟାଦା ବଡ଼ । ଆମେ ଦଳ ମୁଖିଆଙ୍କ କଥା ମାନିଛୁ ଓ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ। ଏହି ଟଙ୍କା ନେଇ ଭୋଟ ଦେଇଥିଲେ ମୋର ଅନେକ ଆର୍ଥିକ ସମସ୍ୟା ଦୂର ହୋଇ ପାରିଥାଆନ୍ତା, ମାତ୍ର ଆମେ ସବୁଦିନ ଦାଗୀ ହୋଇ ଯାଇଥାଆନ୍ତୁ। ସ୍ୱଳ୍ପ ସମୟର ଖୁସି ପାଇଁ ସେହି ଟଙ୍କାକୁ ଗ୍ରହଣ କରି ନେଇଥିଲେ, ମୋ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ସାମନା କରିପାରି ନ ଥାଆନ୍ତୁ କି ବିଧାନସଭାରେ ମୁହଁ ଦେଖାଇ ପାରି ନ ଥାନ୍ତୁ। ଆମର ଅସୁବିଧା ଅଛି, ଅନେକ ବାକି ଉଧାର ରହିଛି। ସେହି ଟଙ୍କାରେ ସବୁ ସମସ୍ୟାର ସମାଧାନ ହୋଇପାରି ଥାଆନ୍ତା। କରଜ ଶୁଝିବା ପରେ ବଳକା ଟଙ୍କାରେ ଖୁସିରେ ବଞ୍ଚି ପାରିଥାଆନ୍ତୁ । ମାତ୍ର ଯେଉଁ ଦଳ ଟିକଟ ଦେଇଛି ଓ ପରିଚୟ ଦେଇଛି, ସେହି ଦଳର ସମ୍ମାନକୁ ପାଦରେ ଦଳିବା ଅକୃତଜ୍ଞତା ହୋଇଥାଆନ୍ତା ବୋଲି ଉଲ୍ଲେଖ କରି ତାଙ୍କ ଦଳରୁ କ୍ରସ ଭୋଟିଂ କରିଥିବା ୩ ଜଣଙ୍କ ନିଷ୍ପତ୍ତି ଦୁର୍ଭାଗ୍ୟଜନକ କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନରେ ପ୍ରଦାନ କରିଥିବା ସତ୍ୟପାଠ ଅନୁଯାୟୀ ପବିତ୍ର ରାଜ୍ୟ ବିଧାନସଭାରେ ଗରିବ ବିଧାୟକମାନଙ୍କ ମଧ୍ୟରେ ୩ୟ ସ୍ଥାନରେ ଅଛନ୍ତି । ତାଙ୍କର ସମ୍ପତ୍ତି ମାତ୍ର ୨.୯ ଲକ୍ଷ ଟଙ୍କା ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିଲେ ମଧ୍ୟ ସେ କ୍ରସ ଭୋଟିଂ କରିବାକୁ 'ଘୋଡ଼ା' ହୋଇ ନାହାନ୍ତି। ଯେଉଁଥିପାଇଁ ଜ୍ଞାନୀ, ଗୁଣୀ, ଧନୀ, ବଳଶାଳୀ ବୋଲାଉଥିବା 'ଘୋଡ଼ା'ମାନଙ୍କୁ ସାଧାରଣ ଲୋକେ ଗାଳି କରୁଥିବାବେଳେ ପବିତ୍ର ସାଉଁତାଙ୍କ ପରି ବିଧାୟକ ସାଧାରଣରେ ପ୍ରଶଂସିତ ହୋଇଛନ୍ତି ।




ବିଭିନ୍ନ ଦାବି ନେଇ ଲୋୟର ପିଏମ୍ଜିରେ ଗୁରୁବାର ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ମହାସଂଘର ବିଶାଳ ବିକ୍ଷୋଭ

## ୨ ଦିନ ପବନ ସହ କୁଆପଥର ମାଡ଼

ଭୁବନେଶ୍ୱର,୧୯।୩(ସମିସ): ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଚଣ୍ଡ ହେବ। ଆସନ୍ତା ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳ ବେଗରେ ପବନ ଓ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ କୁଆପଥର ମାଡ଼ର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ଅର୍ଥାତ ଶୁକ୍ରବାର ଓ ଶନିବାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୦ ଓ ୨୧ ତାରିଖରେ ବର୍ଷା ପବନର ପ୍ରଭାବ ସବୁଠୁ ଅଧିକ ରହିବ। ୨୦ ତାରିଖରେ ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ କୁଆପଥର ପଡ଼ିପାରେ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୫୦-୬୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ବଲାଙ୍ଗିର, କନ୍ଧମାଳ, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି ୨୧ ତାରିଖରେ ମଧ୍ୟ ଅନେକ ଜିଲ୍ଲାରେ ସମାନ ସ୍ଥିତି ସୃଷ୍ଟି ହେବ।

## ହରିୟାଣାରେ ବିକ୍ରି ନାବାଳିକା ୧୧ ବର୍ଷ ପରେ ଉଦ୍ଧାର

ଫିରିଙ୍ଗିଆ, ୧୯।୩ (ସମିସ): କାମ ଦେବାର ଆଳ ଦେଖାଇ ସଂପର୍କୀୟ ନାବାଳିକା ଭଉଣୀକୁ ମାତ୍ର କିଛି ଟଙ୍କା ଲୋଭରେ ହରିୟାଣାରେ ବିକିଦେବା ଏବଂ ୧୧ ବର୍ଷ ପରେ ପୁଲିସ ତାଙ୍କୁ ଉଦ୍ଧାର କରିବା ଭଳି ଘଟଣା କନ୍ଧମାଳ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଫିରିଙ୍ଗିଆ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ଏହା ସହ ଉଦ୍ଧାର ଯୁବତୀଙ୍କୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ନାହାଣାଗାଁ ଘାଟିସାହି ଅଞ୍ଚଳର ଜଣେ ନାବାଳିକା ୧୧ବର୍ଷ ତଳେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସେତେବେଳେ ନାବାଳିକାଜଣଙ୍କ ପଞ୍ଚମରେ ପାଠ ପଢ଼ୁଥିଲେ। ଜଣେ ସମ୍ପର୍କୀୟ ଭଉଣୀ ତାକୁ କାମ କରିବାକୁ ଘରୁ ଡାକି ନେଇଥିଲେ। ପରେ ପରିବାରଲୋକେ ତା'ର ଆଉ କୌଣସି ଖୋଜ ଖବର ପାଇ ନଥିଲେ। ନାବାଳିକାର ପରିବାରଲୋକେ ଘରୁ ଡାକି ନେଇଥିବା ସମ୍ପର୍କୀୟ ଭଉଣୀ ନାଁରେ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେତେବେଳେ ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। କିନ୍ତୁ ପୁଲିସକୁ ସଫଳତା ମିଳିନଥିଲା। ମାତ୍ର ଦୀର୍ଘ ୧୧ବର୍ଷ ପରେ ନାବାଳିକାକୁ ଉଦ୍ଧାର କରାଯାଇଥିବା ବେଳେ ତା'ର ବୟାନ ରେକର୍ଡ କରିଛି। ସମ୍ପୃକ୍ତ ନାବାଳିକାଜଣଙ୍କ ବର୍ତ୍ତମାନ ସାବାଳିକା ହୋଇସାରିଥିବା ବେଳେ ତାଙ୍କୁ ୨୩ବର୍ଷ। ସେ ବିବାହିତ ଏବଂ ଦୁଇଟି ସନ୍ତାନ ମଧ୍ୟ ଥିବା ଜଣାପଡ଼ିଛି। ସେ ଚକିତ କଲା ଭଳି ବୟାନ ଦେଇଛନ୍ତି।

- ଟଙ୍କା ଲୋଭରେ ସଂପର୍କୀୟ ଭଉଣୀ ବିକିଥିଲା
- ଥାନାରେ ମାମଲା
- ପରିବାରଲୋକଙ୍କୁ ହସ୍ତାନ୍ତର କଲା ପୁଲିସ

ତାଙ୍କ କହିବା ଅନୁସାରେ, ସମ୍ପର୍କୀୟ ଭଉଣୀ କାମ କରିବାକୁ ନିଜ ସାଙ୍ଗରେ ନେଇ ହରିଆଣାର କିଛି ଲୋକଙ୍କୁ ବିକ୍ରି କରି ଦେଇଥିଲା। ସେଠାରେ ସେ କିଛି ବର୍ଷ ରହିଲା ପରେ ଜଣେ ବ୍ୟକ୍ତିଙ୍କୁ ଜୋରଜବରଦସ୍ତ ବାହା କରିଦିଆଯାଇଥିଲା। ବାହା ହେବାର ୪ ବର୍ଷ ମଧ୍ୟରେ ସେ ଏକ ଝିଅ ଓ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ପିଲାମାନେ ଟିକିଏ ବଡ଼ ହେବା ପରେ ତାଙ୍କୁ ତାଙ୍କ ଶାଶୁ ଘରଲୋକେ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ପରେ ସେ ବହୁ କଷ୍ଟରେ ଓଡ଼ିଶା ଆସି ଭୁବନେଶ୍ୱରର ଏକ ହୋଟେଲରେ କାମ କରୁଥିଲା। ଖବର ପାଇ ଫିରିଙ୍ଗିଆ ପୁଲିସ ନାବାଳିକାକୁ ଉଦ୍ଧାର କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

## ଅସବର୍ଣ୍ଣକୁ ଜମି ବିକିବାରୁ ଗାଁରୁ ବାସନ୍ଦ

କବିସୂର୍ଯ୍ୟନଗର, ୧୯ ।୩ (ସମିସ): ଅସବର୍ଣ୍ଣଙ୍କୁ ଜମି ବିକ୍ରି କରିବାରୁ ଗାଁ ଲୋକେ ସାମାଜିକ ବାସନ୍ଦ କଲେ। ପ୍ରଥମେ ଅଳ୍ପ ଟଙ୍କା ଜରିମାନା ଅଦାୟ କରି ଚୁପ୍ ରହିଥିଲେ। ପରେ ଲକ୍ଷାଧିକ ଟଙ୍କା ମାଗିବାରୁ ପୀଡ଼ିତ ପରିବାର ଦେଇନଥିଲେ। ତେଣୁ ଗାଁ ଲୋକେ ସମ୍ପୃକ୍ତ ପରିବାରକୁ ବାସନ୍ଦ କରିଛନ୍ତି। ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅର୍ଜୁନପଲ୍ଲୀ ଗାଁରେ ଏଭଳି ଏକ କୁତ୍ସିତ ଘଟଣା ଘଟିଛି।

ସୂଚନାନୁସାରେ, ଅର୍ଜୁନପଲ୍ଲୀ ଗାଁରେ ରହନ୍ତି ଦୟାନିଧି ଗୌଡ଼। ପରିବାର କହିଲେ ସ୍ତ୍ରୀ, ତିନି ଝିଅ ଓ ଜଣେ ପୁଅ। ବଡ଼ ଝିଅ ବାହା ହୋଇଥିବା ବେଳେ ଦୁଇ ଝିଅ ଓ ପୁଅର ବାହାଘର ମୁଣ୍ଡ ଉପରେ। ୪ ବର୍ଷ ତଳେ ଦୁଇ ଝିଅ ଓ ଏକ ପୁଅର ବାହାଘର ଲାଗି ନିଜ ଜମି ଜଣେ ଅସବର୍ଣ୍ଣ ଲୋକକୁ ବିକ୍ରି କରିଥିଲେ ଦୟାନିଧି। ଫଳରେ ତାଙ୍କ ପରିବାର ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିଲେ। ଗାଁ ସଭାରେ ତାଙ୍କୁ ଜରିମାନା କରାଯିବା ସହ ଚୁକ୍ତିନାମା କରିବାକୁ ପଡ଼ିଥିଲା। ଭବିଷ୍ୟତରେ ସେ ତାଙ୍କ ଜମି ଅନ୍ୟ କାହାରିକୁ ବିକିବେ ନାହିଁ, ଯାହାଦ୍ୱାରା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚୁକ୍ତିନାମା କରିଥିଲେ। କିନ୍ତୁ, ଗତ ୧୬ ଡିସେମ୍ବର ୨୦୨୫ରେ ଗାଁ ସଭାରେ ପୁଣିଥରେ ୭ଲକ୍ଷ ଟଙ୍କା ଜରିମାନା କିମ୍ବା ସେହି ମୂଲ୍ୟର ଜମି ଦେବାକୁ ନିଷ୍ପତ୍ତି ଶୁଣାଯାଇଥିଲା। କିନ୍ତୁ ଦୟାନିଧି ଜରିମାନା ଦେବାକୁ ମନା କରିବାରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଦୟାନିଧିଙ୍କ ପରିବାର ମାନସିକ ଦୁଶ୍ଚିନ୍ତାର ଶିକାର ହୋଇଥିଲେ। ଘରେ ଏକ ପ୍ରକାର ବନ୍ଦୀ ଜୀବନ



ବିତାଇବା ପରେ ଗୁରୁବାର ଦୟାନିଧି ଗୌଡ଼ ଓ ପୁଅ ଅନିଲ କୁମାର ଗୌଡ଼ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ନିଜେ ବିକ୍ରି କରିଥିବା ଜମିକୁ ଗ୍ରାମବାସୀ ବାଉଁଶ ବାଡ଼ରେ ଅକ୍ତିଆରରେ ରଖିଥିବା ଅଭିଯୋଗ ହେବା ସହ ଶୀଘ୍ର ନ୍ୟାୟ ପାଇଁ ଗୁହାରି କରିଛନ୍ତି। ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଆଇପିଏସ ନୀତେଶ କୁମାର ମିଶ୍ର କହିଛନ୍ତି ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

**ଚୌଦ୍ୱାର ଜେଲ୍ରୁ ଅପରାଧୀ ଫେରାର୍ ଘଟଣା**

## ଡିଆଇଜିଙ୍କ ତଦନ୍ତରେ ନାହାନ୍ତି ହାଇସିକ୍ୟୁରିଟି ସେଲ୍ ଇନ୍ଚାର୍ଜ

ଭୁବନେଶ୍ୱର,୧୯ ।୩ (ସମିସ): ଚୌଦ୍ୱାର ଜେଲ୍ରୁ ଦୁଇ ଅପରାଧୀ ଫେରାର୍ ଘଟଣାକୁ ଦିନ ଯେତିକି ଗଡ଼ୁଛି, ରହସ୍ୟ ସେତିକି ବଢ଼ୁଛି। ଏହି ସମ୍ବେଦନଶୀଳ ଘଟଣାରେ ଜେଲ୍ କର୍ମଚାରୀ ଓ ଅଧିକାରୀଙ୍କ ଅପାରଗତା ପଦାରେ ପଡ଼ିଥିବା ବେଳେ ଏବେ ତଦନ୍ତ ଓ ଫଳାଫଳ (ଫାଇଣ୍ଡିଂସ୍) କୁ ରହସ୍ୟମୟ କରିଛି। ଫେରାର୍ ଦୁଇ ଅପରାଧୀ ରହୁଥିବା ହାଇ-ସିକ୍ୟୁରିଟି ସେଲ୍ର ଇନ୍-ଚାର୍ଜ ତଥା ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ତଦନ୍ତ ରିପୋର୍ଟରେ ବାଦ୍ ଦିଆଯିବା କଥା ଏବେ ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ, ପ୍ରକୃତରେ ତାଙ୍କର ଭୂମିକା ନାହିଁ ନା ଜାଣିଶୁଣି ତାଙ୍କୁ ସୁରକ୍ଷା ଦିଆଯାଇଛି, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୱାର୍ଡର୍ଠାରୁ ଆରମ୍ଭ କରି ଜେଲର୍ଙ୍କ ପର୍ଯ୍ୟନ୍ତ ନିଲମ୍ବନ ହୋଇଥିଲେ ମଧ୍ୟ ସେଲ୍ ଇନ୍ଚାର୍ଜ କିପରି ବର୍ତ୍ତିଗଲେ, ତାହା ଏବେ ସନ୍ଦେହଘେରକୁ ଆସିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଘଟଣାର ବିଭାଗୀୟ ତଦନ୍ତ କରୁଥିବା ଜେଲ୍ ଡିଆଇଜି ଅନସୂୟା ଜେନାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ସବ୍-ଆସିଷ୍ଟାଣ୍ଟ ଜେଲର୍ଙ୍କ ପ୍ରତି ଅନୁକମ୍ପା ନା ତଦନ୍ତକାରୀ ଅଧିକାରିଣୀଙ୍କ ଅପାରଗତା, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାନୁସାରେ, ୨୦୨୪ ଜୁନ୍ ୨୦ ଓ ଜୁଲାଇ ୩୧ରେ ଚୌଦ୍ୱାର ଜେଲର ତତ୍କାଳୀନ ବରିଷ୍ଠ ଅଧୀକ୍ଷକ ଦୁଇଟି ନିର୍ଦ୍ଦେଶନାମା ଜାରି କରିଥିଲେ। ଦୁଇଟି ଯାକ ନିର୍ଦ୍ଦେଶ ଅନୁସାରେ, ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କୁ ହାଇ-ସିକ୍ୟୁରିଟି ସେଲର ଇନଚାର୍ଜ ଭାବେ ଦାୟିତ୍ୱ ମିଳିଥିଲା। ଏହି ଦାୟିତ୍ୱ ସହ ଦିନକୁ ଦୁଇଥର ରାଉଣ୍ଡ ବା ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସେଲ୍ର ସୁରକ୍ଷାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଶ୍ରୀ ଦ୍ୱିବେଦୀ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ବରିଷ୍ଠ ଅଧୀକ୍ଷକ ଚେତାଇ ଦେଇଥିଲେ।

**ସୁରକ୍ଷା ତ୍ରୁଟି ପରେ ବି ଅନୁକମ୍ପା ଦେଖାଇଥିଲେ ବରିଷ୍ଠ ଅଧୀକ୍ଷକ!**

ଏହାର ପ୍ରାୟ ୬/୭ମାସ ପରେ ଅର୍ଥାତ୍ ୨୦୨୫ ଫେବ୍ରୁଆରୀ ୧ରେ ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ହୋଇଥିଲେ। ଆଉ ସବ୍-ଆସିଷ୍ଟାଣ୍ଟ ଜେଲର୍ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କ ଅଧୀନରେ ଥିବା ହାଇ-ସିକ୍ୟୁରିଟି ସେଲ୍ରେ ଉଭୟଙ୍କୁ ରଖାଯାଇଥିଲା। ଦୁଇ ଅଭିଯୁକ୍ତ ସଂପୃକ୍ତ ସେଲ୍ରେ ରହିବାର ପ୍ରାୟ ଦୁଇ ମାସ ପରେ ଅର୍ଥାତ୍ ମାର୍ଚ୍ଚ ଶେଷ ସପ୍ତାହ ଜେଲ୍ କର୍ମଚାରୀମାନେ ଅଚାନକ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ମଧୁକାନ୍ତ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ ହୋଇଥିଲା। ସେହିବର୍ଷ ଜୁଲାଇ ୧୯ ଦିନ ମୁଖ୍ୟ ୱାର୍ଡର୍ ସୁକାନ୍ତ କୁମାର ବେହେରା ଯାଞ୍ଚ କରିବା ବେଳେ ମଧୁକାନ୍ତ ରହୁଥିବା ସେଲରୁ ୨ଟି ନୂଆ ନୂଆ ବ୍ଲେଡ୍ ଓ ହାତ ତିଆରି ଛୁରି ଜବତ ହୋଇଥିଲା। ଏହି ଦୁଇଟି ଘଟଣା ଅଭିଯୁକ୍ତମାନେ ଖସିଯିବାକୁ ଯୋଜନା କରୁଥିବା ଦର୍ଶାଉଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ସେଲକୁ ସ୍ଥାନାନ୍ତର କରାଯାଇନଥିଲା। କେବଳ ଏତିକି ନୁହେଁ, ଜେଲ୍ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।

ଅକ୍ଟୋବର ୨/୩ ତାରିଖ ରାତିରେ ମଧୁକାନ୍ତ ଓ ରାଜା ସେଲ୍ ଗ୍ରିଲ୍ କାଟିବା ସହ ଜେଲ୍ ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଜେଲ୍ର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ଏହାର ୨ଦିନ ପରେ ହାଇ-ସିକ୍ୟୁରିଟି ସେଲ୍ ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାପରେ ଜେଲ୍ ଡିଆଇଜି ଅନସୂୟା ଜେନା ଘଟଣାର ବିଭାଗୀୟ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ହେଲେ ଉକ୍ତ ରିପୋର୍ଟରେ ବରିଷ୍ଠ ଅଧୀକ୍ଷକ, ଜେଲର୍, ମୁଖ୍ୟ ୱାର୍ଡର ଓ ୱାର୍ଡରଙ୍କ ଅବହେଳା ରହିଥିଲେ ମଧ୍ୟ ସବ୍ ଆସିଷ୍ଟାଣ୍ଟ ଜେଲର୍ ତଥା ହାଇ ସିକ୍ୟୁରିଟି ସେଲର ଇନଚାର୍ଜ ଶ୍ରୀ ଦ୍ୱିବେଦୀଙ୍କ ବିଷୟରେ ପଦୁଟିଏ ଉଲ୍ଲେଖ ହୋଇନାହିଁ। ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିବା ପରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେ ଡିଆଇଜିଙ୍କ ତଦନ୍ତ ରିପୋର୍ଟରେ ମଧ୍ୟ ତାଙ୍କ ଅବହେଳା ବିଷୟରେ ଉଲ୍ଲେଖ ନ ରହିବା, ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବଲାଙ୍ଗିରରେ ଦୋହଲିଯାଇଛି ଧାନ କିଣାବିକା ସ୍ଥିତି

# ସରିଲାଣି ଚଳିତ ଖରିଫ ଧାନକିଣା, ଗତ ଖରିଫ ଓ ରବିର ଚାଉଳ ଉଠିନି

- ଏଫସିଆଇ ଉଠାଉନି, ବାକି ପଡିଛି ୩ଲକ୍ଷ ୬୩ ହଜାର କ୍ୱିଣ୍ଟାଲ ଚାଉଳ
- ଚଳିତ ଖରିଫରେ ପୁଣି ୪୪ ଲକ୍ଷ ୮୭ ହଜାର କ୍ୱିଣ୍ଟାଲ ଧାନକିଣା ସରିଲାଣି
- କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଲେ ନିଜ ଦଳର ସାଂସଦ

ବଲାଙ୍ଗିର,୧୯।୩(ସମିସ)

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଦୋହଲିଯାଇଛି ଧାନକିଣା ବ୍ୟବସ୍ଥା। ଗତ ଦୁଇ ବର୍ଷ ହେଲା ଉଭୟ ଖରିଫ ଓ ରବିରେ ଧାନକିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ସେହି ଅନୁସାରେ ଚାଉଳ ପରିଚାଳନାରେ ମଧ୍ୟ ଅନେକ ଅବ୍ୟବସ୍ଥା ଦେଖାଦେଇଛି। ଗତ ଖରିଫ ସମୟରୁ ଜିଲ୍ଲାରେ ଅଧିକ ଧାନକିଣା ଯାଇଥିବା ବେଳେ ସେହି ଅନୁସାରେ ଏଫସିଆଇ ଧାନ ଉଠାଉନଥିବାରୁ ଅଚଳାବସ୍ଥା ଦେଖାଦେଇଛି। ଜିଲ୍ଲାରେ ପ୍ରାୟ ମିଲର୍ସଙ୍କ ପାଖରେ ୩ ଲକ୍ଷ ୬୩ ହଜାରରୁ ଅଧିକ ପରିମାଣର ଚାଉଳ ଗତ ଖରିଫ ଓ ରବିର ବକେୟା ପଡିଥିବା ବେଳେ ଚଳିତ ଖରିଫର ମଧ୍ୟ ଧାନକିଣା ସମାପ୍ତ ହୋଇଛି। ଗତ ଖରିଫଠାରୁ ଚଳିତ ଖରିଫରେ ଅଧିକ ପରିମାଣର ଧାନ କିଣାଯାଇଥିବା ବେଳେ ଏବେ ମିଲର୍ସ ଓ ପ୍ରଶାସନ ଚିନ୍ତାରେ ପଡିଛନ୍ତି। ଏପରିକି ନିଜ ଦଳର ସାଂସଦ ମଧ୍ୟ ଏଫସିଆଇ ପକ୍ଷରୁ ସୃଷ୍ଟି କରାଯାଇଥିବା ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବି କରିଛନ୍ତି। ଅର୍ଥାତ ନିଜ ଦଳର ସରକାର, ମନ୍ତ୍ରୀ ଓ ସାଂସଦ ଥାଇ ବଲାଙ୍ଗିର ଜିଲ୍ଲାର ଯଦି ଏତାଦୃଶ ଅବସ୍ଥା ତେବେ ଅନ୍ୟ ଜିଲ୍ଲା କଥା ପଚାରେ କିଏ?

ମିଲର୍ସଙ୍କ ପାଖରେ ଗତ ଖରିଫ ଓ ରବିରରୁ ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଚାଉଳ ବକେୟା ପଡିରହିଛି। ଅର୍ଥାତ ଯେତେ ଧାନ ମିଲର୍ସ ମଣ୍ଡିରୁ ଉଠାଇଥିଲେ ସେହି ଅନୁସାରେ ଯେତେ ଚାଉଳ ଦେବା କଥା ତାହା ଏଯାଏଁ ସଂପୂର୍ଣ୍ଣ ହୋଇନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଗୋଦାମଗୁଡିକରେ ଅଧିକ ଚାଉଳ ଗଚ୍ଛିତ କରାଯାଇଥିବା ବେଳେ ଏଫସିଆଇ ଉଠାଇବା ଚାଉଳ ଉଠାଉ ନ ଥିବା ଅଭିଯୋଗ ହୋଇଛି। ଏକଥା ନିଜେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ କେନ୍ଦ୍ର ସରକାରଙ୍କୁ ଜଣାଇବା ସହ ଶୀଘ୍ର ଗତ ଖରିଫ ଓ ରବିରେ ଚାଉଳ ଉଠାଇବା ବ୍ୟବସ୍ଥା କରିବା ସହ ଚଳିତ ଖରିଫର ଚାଉଳ ଉଠାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରାୟ ୬୪ ଲକ୍ଷ ୭୧ ହଜାର କ୍ୱିଣ୍ଟାଲ ଚାଉଳ ଏଫସିଆଇ ଉଠାଇବା କଥା; କିନ୍ତୁ ତାହା ଉଠାଯାଇ ନ ଥିବା ସେ କହିଛନ୍ତି।

ଏପରିକି ଗତ କିଛି ମାସ ହେଲା ଏଫସିଆଇ ଚାଉଳ ଉଠାଇବା ପାଇଁ କୌଣସି ଟାର୍ଗେଟ ମଧ୍ୟ ଜିଲ୍ଲା ପାଇଁ ଧାର୍ଯ୍ୟ କରି ନ ଥିବା ସେ ଜଣାଇଛନ୍ତି। ତେବେ ବାସ୍ତବିକ ଚିତ୍ର ଆହୁରି ସଙ୍ଗିନ ରହିଛି। ମିଲର୍ସଙ୍କ ପାଖରେ ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଚାଉଳ ଗତ ଖରିଫ ଓ ରବିର ପଡି ରହିଛି। ଚଳିତ ଖରିଫ ଧାନ ପ୍ରୋସେସିଂ କେବେ କରିବେ ଓ ଚାଉଳ ଦେବେ କେବେ ତାହା ସବୁଠାରୁ ବଡ ପ୍ରଶ୍ନ।

ବିଭାଗୀୟ ସୂଚନା ଅନୁସାରେ ୨୦୨୪-୨୫ ଖରିଫରେ ଜିଲ୍ଲାରେ ୪୦ ଲକ୍ଷ ୯୯ହଜାର ୩୦୨ କ୍ୱିଣ୍ଟାଲ ଧାନ ମିଲର୍ସମାନେ ଉଠାଇଥିଲେ। ୨୦୨୪-୨୫ ରବିରେ ବଲାଙ୍ଗିର ଜିଲ୍ଲାର ୫ ଲକ୍ଷ ୫୪ ହଜାର ୨୪୫ କ୍ୱିଣ୍ଟାଲ ଧାନ ଉଠାଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୯ ଲକ୍ଷ ୪ ହଜାର ୩୦୫ କ୍ୱିଣ୍ଟାଲ, ନୂଆପଡା ଜିଲ୍ଲାରୁ ୬୯ ହଜାର ୨୭୫ କ୍ୱିଣ୍ଟାଲ ଓ ସୋନପୁର ଜିଲ୍ଲାରୁ ୯୩ ହଜାର ୮୦୭ କ୍ୱିଣ୍ଟାଲ ଧାନ ମଧ୍ୟ ଉଠାଇଥିଲେ। ଏହିଭଳି ଭାବେ ଜିଲ୍ଲାର ମିଲର୍ସମାନେ ସମୁଦାୟ ୫୭ ଲକ୍ଷ ୨୦ ହଜାର ୨୧୬ କ୍ୱିଣ୍ଟାଲ ଧାନ ଉଠାଇଥିଲେ। ଏହି ପରିମାଣର ଧାନ ବଦଳରେ ମିଲର୍ସମାନେ ୩୯ ଲକ୍ଷ ୨୧ ହଜାର ୮୫୯ କ୍ୱିଣ୍ଟାଲ ଚାଉଳ ପ୍ରଦାନ କରିବା କଥା। ଯାହାକି ଅବଶ୍ୟକ ମୁତାବକ ରାଜ୍ୟ ସରକାର ନିଜ ଗୋଦାମରେ ରଖିବେ ଓ ବାକିତକ ଏଫସିଆଇ କିଣିବା କଥା। ମାର୍ଚ୍ଚ ୧୩ ତାରିଖ ସୁଦ୍ଧା ଜିଲ୍ଲାର ପ୍ରାୟ ୨୦ ଲକ୍ଷ ୩୫ ହଜାର ୯୬୮ କ୍ୱିଣ୍ଟାଲ ଚାଉଳ (ସାଧାରଣ ଓ ଏଫଆରକେ) ଉଠାଇସାରିଛି। ସେହିପରି ଜିଲ୍ଲାରେ ଥିବା ବିଭିନ୍ନ ଗୋଦାମକୁ ମିଲର୍ସମାନେ ୧୫ ଲକ୍ଷ ୨୨ ହଜାର ୬୩୩ କ୍ୱିଣ୍ଟାଲ ଧାନ ପ୍ରଦାନ କରିସାରିଛନ୍ତି। ଯାହାକି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ବର୍ଷସାରା ଦାନ କରାଯିବ। ତେବେ ଗତ କିଛି ମାସ ହେଲା ଏଫସିଆଇ ବଲାଙ୍ଗିର ଜିଲ୍ଲାରୁ ଚାଉଳ ଉଠାଇବା ବନ୍ଦ କରିଦେବା ଫଳରେ ଗତ ଖରିଫ ଓ ରବି ମିଶି ପ୍ରାୟ ୩ ଲକ୍ଷ ୬୩ ହଜାର ୨୫୮ କ୍ୱିଣ୍ଟାଲ ଚାଉଳ ମିଲରମାନଙ୍କ ଉପରେ ବକେୟା ରହିଛି। ମିଲର୍ସମାନେ ଚାଉଳ କରି ନିଜ ଗୋଦାମରେ ଗଚ୍ଛିତ ରଖିଛନ୍ତି। ଚଳିତ ଖରିଫରେ ମଧ୍ୟ ଧାନ କିଣିସାରିଲେଣି। ୨୦୨୫-୨୬ ଖରିଫରେ ଜିଲ୍ଲାର ୧ ଲକ୍ଷ ୧ହଜାର ୫୭୯ ଜଣ ଚାଷୀଙ୍କ ପାଖରୁ ୪୪ ଲକ୍ଷ ୮୭ ହଜାର ୭୪୮ କ୍ୱିଣ୍ଟାଲ ଧାନ କିଣା ସରିଯାଇଛି। ତେବେ ଏହି ତଥ୍ୟରୁ ହିଁ ସ୍ପଷ୍ଟ ଭାବେ ଅନୁମାନ କରାଯାଇପାରେ ବଲାଙ୍ଗିର ଜିଲ୍ଲାର ବାସ୍ତବିକ ସ୍ଥିତି କ'ଣ ରହିଛି। ଗୋଟିଏ ପଟେ ଗତ ଖରିଫ ଓ ରବି ଚାଉଳ ଅନ୍ୟପଟେ ଚଳିତ ଖରିଫର ଧାନ ଗଚ୍ଛିତ ରଖିବା ପାଇଁ ଏବେ ମିଲର୍ସ ନାକେଦମ ହୋଇଛନ୍ତି। ବିନା କୌଣସି ଅଟକଳରେ ମନଇଚ୍ଛା ଧାନକିଣାର ଭୟାବହ ପରିସ୍ଥିତି ଏବେ ଜିଲ୍ଲାକୁ ସାମ୍ନାକୁ କରିବାକୁ ପଡିଛି।

ଏହାକୁ ନେଇ ବିଜେପିର ସାଂସଦ ମୁହଁ ଖୋଲିବା ସହ ଚାଉଳ ଉଠାଇବା ଦିଗରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଆଉ ଦୁଇ ମାସ ଭିତରେ ପୁଣି ରବି ଧାନକିଣା ଆରମ୍ଭ ହେବ। ଯଦି ବର୍ତ୍ତମାନ ଏହି ସମସ୍ୟାର ସମାଧାନ କରା ନ ଯାଏ ତେବେ ଆଗକୁ ଏହି ସ୍ଥିତି ଆହୁରି ବିଗିଡବା ଜଳ ଜଳ ଦିଶୁଛି।

## ଖବର ପ୍ରକାଶ ପରେ ଦୁର୍ନୀତି ଚାପିବାକୁ ଉଦ୍ୟମ

କଣ୍ଟାବାଞ୍ଜି,୧୯।୩(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଘୁନେଶ ଗାଁରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଉପ ସ୍ୱାସ୍ଥ୍ୟକେନ୍ଦ୍ର)ର ନୂତନ କୋଠା ନିର୍ମାଣ ପାଇଁ ସରକାରୀ ରାଜକୋଷରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି କାମ ଠିକାଦାର କଲ୍ୟାଣ ସିପକାଙ୍କ



ନାଁରେ ରହିଛି। ତେବେ ଅତି ନିମ୍ନମାନର କାମ କରାଯାଉଥିବା ଦେଖିବାକୁ ମିଳିଛି। କାମ ସରିବା କିଛି ମାସ ହୋଇଛି। ଏହି ନବ ନିର୍ମିତ କୋଠାରେ ଫାଟ ସୃଷ୍ଟି ହୋଇଛି। କୋଠାର ବିଭିନ୍ନ ପାଶ୍ୱର୍ରେ ସିମେଣ୍ଟ ଅତଡ଼ା ଖସୁଥିବାରୁ ନିମ୍ନମାନର କାମ ସ୍ପଷ୍ଟ ହୋଇଛି। ଏନେଇ ଗୁରୁବାର ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ଦୁର୍ନୀତି ଚାପିବାକୁ ବିଭାଗୀୟ ତତ୍ପରତା ଆରମ୍ଭ ହୋଇଛି। ଯେଉଁ କାନ୍ଥରେ ଫଟା ଦେଖିବାକୁ ମିଳିଥିଲା ସେଠାରେ ଏବେ ପ୍ଲାଷ୍ଟଣ କରି ଦୁର୍ନୀତି ଚାପି ଦେବାକୁ ପ୍ରୟାସ କରାଯାଉଛି। ଏଣୁ ଦାୟିତ୍ୱରେ ଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କନିଷ୍ଠ ଯନ୍ତ୍ରୀ ଦେବଦତ୍ତ ପ୍ରଧାନଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## କୁଣ୍ଡାବୁଟଲା ପଞ୍ଚାୟତରେ ମନରେଗା ଦୁର୍ନୀତି



କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୧୯।୩(ସମିସ): ବଙ୍ଗୋମୁଣ୍ଡା ବ୍ଲକ୍ କୁଣ୍ଡାବୁଟଲା ପଞ୍ଚାୟତର କୁଣ୍ଡାବୁଟଲା ପୋଡଖାଇ ମୁଣ୍ଡାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ଦୁର୍ନୀତି ହୋଇଛି। କୁଣ୍ଡାବୁଟଲା ପଞ୍ଚାୟତ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୨ଟି ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କାର କାମ କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ଗାର୍ଡୱାଲ କାମ ଅତି ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାର ମିଶି ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ; କୁଣ୍ଡାବୁଟଲାରେ ଥିବା ପୋଡଖାଇ ମୁଣ୍ଡାରେ ମଧ୍ୟ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି।

## ରୋତ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବଲାଙ୍ଗିର,୧୯।୩(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ରୋତ୍ ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖାର ମିଳିତ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର "ପର୍ଯ୍ୟାବରଣ ସୁରକ୍ଷା, ଜୀବନ ରକ୍ଷା' ଓ "ବସନ୍ତ କବିତା ଆସର" ମହାବିଦ୍ୟାଳୟର ସ୍ମାର୍ଟହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ମୁଖ୍ୟ ଅତିଥି, ବିଭାଗମୁଖ୍ୟ ପ୍ରମୋଦ ଦାଶ ସମ୍ମାନୀତ ଅତିଥି, ପରିଷଦର ସଚିବ ରାମଚନ୍ଦ୍ର ପଟେଲ, ରାଜ୍ୟ କାର୍ଯ୍ୟ କାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ମୁଖ୍ୟବକ୍ତା ଅଧ୍ୟାପକ ବୃନ୍ଦଦେବ ପଣ୍ଡା, ସମ୍ମାନୀତ ବକ୍ତା ଅଧ୍ୟାପକ ଶିବାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ରହି ପ୍ରକୃତିକବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିବା ସହ ପର୍ଯ୍ୟାବରଣ ସୁରକ୍ଷାରେ ଜୀବନ ରକ୍ଷା, ବେଳହୁଁ ସାବଧାନ ନ ହେଲେ ଆଗାମୀ ପିଢି ବଞ୍ଚିବା ଅସମ୍ଭବ ହୋଇଯିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଜ୍ୟୋତ୍ସ୍ନା ସାହୁ, ମଞ୍ଜରୀ ପୁଟେଲ, ସୁଦେଷ୍ଣା ବରିହା, ଜୟଶ୍ରୀ ପଧାନ, ଗୋଲାପୀ ମୁଣ୍ଡା, ଆଶା ଦୋରା ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହାପରେ ବସନ୍ତ ଋତୁ ସଂପର୍କରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ପରିଷଦର କର୍ମକର୍ତ୍ତା କବିତା ପାଠ କରିଥିଲେ। କବିରତ୍ନ ଗୋପିକୃଷ୍ଣ ପାଣ୍ଡିଆ, ନାଟ୍ୟକାର ରାମଶଙ୍କର ଶତପଥୀ, ଶେଷଦେବ ଦାନୀ ସଙ୍ଗୀତ ଗାନ କରିଥିଲେ। ଆଲୋଚନାଚକ୍ରକୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ଓ କବିତା ଆସରକୁ ଡକ୍ଟର ସୋମନାଥ ପଧାନ ସଂଯୋଜନା କରିଥିବା ବେଳେ ଶେଷରେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ। ସଞ୍ଜୀବ ତ୍ରିପାଠୀ, ଯଶୋବନ୍ତ ସାହୁ, ରୋଶନ ରାଉତ ଓ ମୋହନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




### ■ ବଡ଼ବାଙ୍କି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ବନ୍ଦ

## ୨୦ ଦିନ ହେଲା ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ

କଣ୍ଟାବାଞ୍ଜି/ତୁରେକେଲା,୧୯।୩(ସମିସ): ରାଜ୍ୟର ଡବଲ ଇଞ୍ଜିନ ସରକାର ଗ୍ରାମାଞ୍ଚଳର ଶିକ୍ଷା ଭିତ୍ତିଭୂମି ବିକାଶ ସହ ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଯୋଜନା ଉପରେ ଯୋଜନା କରୁଛନ୍ତି। ଏ ନେଇ ନେତାମାନେ ଭାଷଣ ଦେଉଛନ୍ତି। ଉପାନ୍ତ ଅଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ କିନ୍ତୁ ତାର ବିଫଳତା ଦେଖିବାକୁ ମିଳିଛି। ଏଠାରେ ବିଦ୍ୟୁତ୍ ସଂଯୋଜ ବନ୍ଦ ରହିଛି। ୨୦ ଦିନ ହେଲା ଛାତ୍ର ଛାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଧୀନ ବଡବାଙ୍କି ଗାଁରେ ଏହା ଦେଖିବାକୁ ମିଳିଛି। ବଡବାଙ୍କିଠାରେ ସେହି ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପୂର୍ବ ସରକାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ନବମ



ଶ୍ରେଣୀରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢୁଛନ୍ତି। ବର୍ତ୍ତମାନ ୧୫୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହି ବିଦ୍ୟାଳୟକୁ ପୂର୍ବ ସରକାର '୫-ଟି' ଅଧୀନରେ ମୋ ସ୍କୁଲ ଅଭିଯାନରେ ସାମିଲ କରିଥିଲେ। ସ୍ମାର୍ଟ ଶ୍ରେଣୀଗୃହ ସହ ଚକାଚକ କରିଥିଲେ। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଠ ପଢିବାରେ ବିଦ୍ୟୁତ୍ ବିଭାଗ ବାଧା ସୃଷ୍ଟି କରିଛି। ଏହାଫଳରେ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରେ ପୂର୍ବରୁ ବିଦ୍ୟୁତ ସଂଯୋଗ ରହିଥିଲା। ଏହାଫଳରେ ସ୍ମାର୍ଟ ଶ୍ରେଣୀଗୃହରେ ଛାତ୍ରଛାତ୍ରୀ ପାଠ ପଢୁଥିଲେ। ଗ୍ରୀଷ୍ମ ପ୍ରବାହର ଗରମରୁ ରକ୍ଷା ପାଇବା ପାଇଁ ଫ୍ୟାନ ଲାଗିଛି। ୨୦ ଦିନ ହେଲା ଏଠି ବଦ୍ୟୁତ୍ ସଂଯୋଗ ନାହିଁ। ବିଲ୍ ବାକି ଥିବା ଦର୍ଶାଇ ବିଦ୍ୟୁତ୍ ବିଭାଗ ସଂଯୋଗ ବନ୍ଦ କରିଛି। ବିଦ୍ୟୁତ୍ ନ ଥିବା ଯୋଗୁଁ ବିଦ୍ୟାଳୟରେ ରୋଷେଇ ପ୍ରଭାବିତ ହେଉଛି। ଗାଁ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଉଛନ୍ତି। ଛାତ୍ରଛାତ୍ରୀଙ୍କୁ ପାଣି ପିଇବାକୁ ମଧ୍ୟ ହଇରାଣ ହେଉଛନ୍ତି।

### ● କଣ୍ଟାବାଞ୍ଜି କଲେଜ କାମରେ ଅନିୟମିତତା

## ନିର୍ମାଣାଧୀନ ପାଚେରିରେ ଫାଟ

କଣ୍ଟାବାଞ୍ଜି,୧୯।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା କେଭି କଲେଜର ବିଭିନ୍ନ କୋଠା ଓ ପାଚେରୀ ନିର୍ମାଣ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇ ବର୍ତ୍ତମାନ ବିଭିନ୍ନ ବିଭାଗର ଅଧୀନରେ ଏଠାରେ ଜୋରସୋର ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ଏହି ନିର୍ମାଣ କାର୍ଯ୍ୟ ଅଧିକାଂଶ ସ୍ଥାନରେ ବିଭାଗୀୟ ନିୟମ ଉଲ୍ଲଂଘନ କରି କାମ କରୁଥିବା ଚିତ୍ର ଦେଖିବାକୁ ମିଳିଛି। ନିର୍ମାଣାଧୀନ ପାଚେରୀରେ ଫାଟ ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଠିକାଦାର ଜଣକ ଅତି ନିମ୍ନମାନର କାମ କରୁଥିବା ଯୋଗୁଁ ବାରମ୍ବାର ଏହି ନିର୍ମାଣାଧୀନ ପାଚେରୀରେ ଫାଟ ସୃଷ୍ଟି ହେଉଥିବା ବେଳେ ସେଥିରେ ସିମେଣ୍ଟ ଓ ରଙ୍ଗ ଦେଇ ଦାୟିତ୍ୱରେ ଥିବା ଠିକାଦାର ଦୁର୍ନୀତି ଲୁଚାଇବାକୁ ପ୍ରୟାସ କରୁଛନ୍ତି। ପୂର୍ବରୁ ମଧ୍ୟ ଦୁଇ ଥର ଏହି ନିର୍ମାଣାଧୀନ ପାଚେରୀ ଫାଟ ସୃଷ୍ଟି ହୋଇ ସାରିଛି। କିନ୍ତୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କ ହାତବାରିସି ସାଜି କାମ କରି କରି ଚୁପ୍ ରହିଛନ୍ତି। ଯାହାଫଳରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଠାରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ସଂପର୍କୀୟ ନିୟମ ଉଲ୍ଲଂଘନ କରି ଠିକାଦାର ଭାବେ କାମ କରୁଛନ୍ତି। ସେ କାହାକୁ ଖାତିର କରୁ ନାହାନ୍ତି। ନିଜକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଲୋକ ବୋଲି ପରିଚୟ ଦେଉଛନ୍ତି।



ସନ୍ଦେହରେ ବିଭାଗୀୟ ଯନ୍ତ୍ରୀ

## ୯ କୁଣ୍ଡୀୟ ଜନ ଜାଗରଣ ମହାଯଜ୍ଞ ପାଇଁ କଳସ ଯାତ୍ରା



କଣ୍ଟାବାଞ୍ଜି,୧୯।୩(ସମିସ): କଣ୍ଟାବାଞ୍ଜି ସହରରେ ଚଳିତ ବର୍ଷ ଧୁମଧାମରେ ଶ୍ରୀ ରାମ ନବମୀ ମହୋତ୍ସବ ପାଳିତ ହେବାକୁ ଯାଉଛି। ଏହି ଅବସରରେ ସ୍ଥାନୀୟ ଶ୍ରୀ ରାମ ମନ୍ଦିର ପରିସରରେ ୯ କୁଣ୍ଡୀୟ ଜନ ଜାଗରଣ ମହାଯଜ୍ଞର ଆୟୋଜନ କରାଯାଇଛି। ଅନେକ ଦମ୍ପତି ଏଥିରେ ଯୋଗ ମଧ୍ୟ ଦେବେ। ଏଥିପାଇଁ ଆଜି ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ହେମାଳ ଭବନ ସମ୍ମୁଖରୁ ଏକ ବିଶାଳ କଳସ ଯାତ୍ରା ବାହାରି ଶ୍ରୀ ରାମ ମନ୍ଦିରରେ ପହଞ୍ଚିଥିଲା। ସଭାପତି ରାଜୁ ଶର୍ମା, ସମ୍ପାଦକ ବେଦବ୍ୟାସ ନାଗ, ପ୍ରଦୀପ ଖଣ୍ଡେଲବାଲ, ଚିନ୍ମୟ ଯୋଶୀ, ପ୍ରଦୀପ ବାଗ, ନିଶିକାନ୍ତ ମହାପାତ୍ର, ରାଜୁ ପୁଟେଲ, ଦେବରକ ଯାଦବ, କମଳ କିଶୋର ବେହେରା, ଗଣେଶ ସୋନି ପ୍ରମୁଖ ସାମିଲ ଥିଲେ।

## ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ତାଲିମ ଉଦ୍‌ଯାପିତ




ବେଲପଡା,୧୯।୩(ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ସୁରେଶଚନ୍ଦ୍ର ମେହେରଙ୍କ ସଭାପତିତ୍ୱ ଏବଂ ନୋଡାଲ ଅଫିସର ତୁଳସୀ ଦାସୀ ଠାକୁରଙ୍କ ତତ୍ତ୍ୱାବଧାନରେ ଏହି ଉଦ୍‌ଯାପନୀ ସଭାରେ ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ଦୁର୍ବାଦଳ ଗିଭେଲା, ଇତିହାସ ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଅଧ୍ୟାପକ ପ୍ରମୋଦ ବରିହା, ଇଂରାଜୀ ଅଧ୍ୟାପକ ଗଙ୍ଗାଧର ଦେହେରୀ, ମାଷ୍ଟର ଟ୍ରେନର ମୀରାବାଇ ମେହେର, କଳ୍ପନା ହୋତା, ଅଧ୍ୟାପିକା ସୁଶ୍ରୀ ମଞ୍ଜରୀ ମେହେର, ଡୋଲାନେତ୍ରୀ ସିଂ, ଦାରା ସିଂ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ମହାସଭା



ପାଟଣାଗଡ,୧୯।୩(ସମିସ): ବାଲିପଟା ପଞ୍ଚାୟତସ୍ଥିତ ଆମ୍ବ ବଗିଚାଠାରେ ସର୍ବ ଭାରତୀୟ ସ୍ୱଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ମହେନ୍ଦ୍ର ବରିହା ସଭା କାର୍ଯ୍ୟ ତୁଲାଇଥିଲେ। ଖପ୍ରାଖୋଲ, ପାଟଣାଗଡ, ବେଲପଡା, ତୁରେକେଲା, ଲୋଇସିଂହା, ଆଗଲପୁର, ବଙ୍ଗୋମୁଣ୍ଡା, ବଲାଙ୍ଗିର, ସଇଁତଲା ବ୍ଲକରୁ ପୂର୍ବତନ ସଭାପତି ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ସଭାପତି ପଦ୍ମ କୁମାର ସିଂ ବରିହା, ଅଷ୍ଟରତ୍ନ ବରିହା, ପୂର୍ବତନ ସଭାପତି ଖପ୍ରାଖୋଲ ଲୁଚନ ସିଂ ବରିହା, ଖପ୍ରାଖୋଲ ବ୍ଲକରୁ ରଘୁନାଥ ବରିହା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୌତମ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଶୁକ୍ରବାର ଜିଲ୍ଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ହେବ। ବଳରାମ ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଦୁମଣି ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ଧୁମାଭଟା କଲେଜରେ ଆଲୋଚନାଚକ୍ର



ବେଲପଡା,୧୯।୩(ସମିସ): ଧୁମାଭଟା ବୀଣାପାଣି କଲେଜର ଇତିହାସ ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌତମ ବୁଦ୍ଧଙ୍କ ସାମାଜିକ ସଂସ୍କାର ଉପରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରାଯାଇଥିଲା। କଲେଜ ଅଧ୍ୟକ୍ଷା ମମତା ଥାନାପତି ସଭାପତିତ୍ୱ କରିଥିଲେ। ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ ଜେନା, ପାଟଣାଗଡ଼ ଜବାହର ଲାଲ କଲେଜର ଇତିହାସ ଅଧ୍ୟାପକ ଶ୍ରୀହରି ମେହେର, ବେଲପଡା ପଞ୍ଚାୟତ ସମିତି କଲେଜର ଇତିହାସ ଅଧ୍ୟାପକ ସୁଦାମ ଚରଣ ମହାପାତ୍ର, ଦେବାର୍ଚ୍ଚନ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଦୀନେଶ ଚନ୍ଦ୍ର ସୁନା ମଞ୍ଚ ପରିଚାଳନା କରିଥିବା ବେଳେ ଚୂଡ଼ାମଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜେଶ୍ୱରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,୧୯।୩(ସମିସ): ବଲାଙ୍ଗିର ଦିଲ୍ଲୀ ପବ୍ଲିକ ସ୍କୁଲରେ ଏସିଆନ ଚାମ୍ପିୟନସିପ ସିଲେକ୍ସନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜେଶ୍ୱରୀ ସେଠ ଏବଂ ରୋଶନୀ ସାହୁ ଯୋଗ ଦେଇଥିଲେ। ତେବେ ଅଣ୍ଡର ୨୫ ବର୍ଗରେ ରାଜେଶ୍ୱରୀ ତୃତୀୟ ସ୍ଥାନ ଗ୍ରହଣ କରିଛି। ୨୫ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ଭାରତୀୟ ଲନ ବଲ୍ କ୍ୟାମ୍ପରେ ସେ ଯୋଗଦେବେ। ଏପ୍ରିଲ ୫ରୁ ୧୨ ପର୍ଯ୍ୟନ୍ତ ୧୭ତମ ଏସିଆନ ଚାମ୍ପିଅନସିପରେ ମଧ୍ୟ ରାଜେଶ୍ୱରୀ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ଗୁରୁବାର ବଲାଙ୍ଗିର ଜିଲ୍ଲା ଲନ ବଲ୍ ସଂଘ ତରଫରୁ

## ନବ ଦିନାତ୍ମକ ବାସନ୍ତିକ ପୂଜା ଆରମ୍ଭ

ବଲାଙ୍ଗିର,୧୯।୩(ସମିସ): ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀ ପୀଠରେ ନବ ଦିନାତ୍ମକ ବାସନ୍ତିକ ପୂଜା ଆରମ୍ଭ ହୋଇଛି। ୨୭ ପର୍ଯ୍ୟନ୍ତ ଏହା ଚାଲିବ। ୯ ଦିନ ବ୍ୟାପି ଦେବୀଙ୍କ ପୀଠରେ ପ୍ରତିଦିନ ଚଣ୍ଡିପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର କଳସ ସ୍ଥାପନ, ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ ପ୍ରତିପଦ ବହିତ ଶୈଳପୁତ୍ରୀ ଦେବୀ ପୂଜା, ଶୁକ୍ରବାର ଦ୍ୱିତୀୟା ବିହିତ ବ୍ରହ୍ମଚାରିଣୀ ଦେବୀ ପୂଜା, ଶନିବାର ତୃତୀୟା ବହିତ ଚନ୍ଦ୍ରଘଣ୍ଟା ଦେବୀ ପୂଜା, ରବିବାର ଚତୁର୍ଥୀ ବହିତ କୁଷ୍ମାଣ୍ଡା ଦେବୀ ପୂଜା, ସୋମବାର ପଞ୍ଚମୀ ବହିତ ସ୍କନ୍ଦମାତା ଦେବୀ ପୂଜା, ଷଷ୍ଠୀ ବହିତ କାତ୍ୟାୟନୀ ଦେବୀ ପୂଜା, ମଙ୍ଗଳବାର ସପ୍ତମୀ ବିହିତ କାଳରାତ୍ର ଦେବୀପୂଜା, ତ୍ରିଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ, ବୁଧବାର ପୀଠେ ମହାଷ୍ଟମୀ ମହାଗୌରୀ ଦେବୀ ପୂଜା, ଗୁରୁବାର ସନ୍ଧିପୂଜା ପୀଠେ ମହାନବମୀ ବହିତ ସିଦ୍ଧିଦାତ୍ରୀ ଦେବୀ ପୂଜା, ଶୁକ୍ରବାର ପୀଠେ ଦଶମୀ ପୂଜା, ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରତିଦିନ ମହାଆଳତି ହେବ। ପୂଜକ ମଳୟ ଦିଶ୍ରୀ, ଅବିନାଶ ଦିଶ୍ରୀ ଓ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ରିଣ୍ଟୁ ସାହୁ, ସହ-ସଂପାଦକ ଶମ୍ଭୁ ଶତପଥୀ ଉପସ୍ଥିତ ଥିଲେ।

# ବିଧାନସଭାରେ ଉଠିଲା ସୁକତେଲ ପ୍ରକଳ୍ପ ବିସ୍ଥାପନ, ଖଣି ଖନନ ପ୍ରସଙ୍ଗ

ବଲାଙ୍ଗିର,୧୯।୩(ସମିସ)

ବଲାଙ୍ଗିର ଜିଲ୍ଲାର ଦୁଇ ପ୍ରମୁଖ ପ୍ରସଙ୍ଗ ଯଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପରେ ଜଳସେଚନ ଓ ବିସ୍ଥାପନ ସମସ୍ୟା ଏବଂ ଖଣିଖନନ ବିଷୟରେ ଓଡିଶା ବିଧାନସଭାରେ ଆଲୋଚନା ହୋଇଛି। ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କୁ ପ୍ରଶ୍ନ କରିଛନ୍ତି। ବିଧାୟକ ଶ୍ରୀ ସିଂଦେଓ ପ୍ରଶ୍ନକରିଥିଲେ ଯେ,ଲୋୟର ସୁକତେଲ ଜଳସଚେନ ପ୍ରକଳ୍ପରେ ବ୍ୟୟଅଟକଳ କେତେ ବଢିଛି ଓ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ଏହା ସହିତ କେତେ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯାଇଛି ଓ ଆଉ କେତେ ବାକି ଲୋକଙ୍କୁ ଥଇଥାନ କରିବାର ଅଛି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ତଥା ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ମୋହନଚରଣ ମାଝୀ ଉତ୍ତର ରଖିଛନ୍ତି ଯେ,ଲୋୟରସୁକତେଲ ପ୍ରକଳ୍ପର ମୂଳଅଟକଳ ୨୧୭ କୋଟିରେ ଥିଲା। ତୃତୀୟଥର ପାଇଁ ଏହାର ଅଟକଳ ବଢି ଏବେ ୫୨୬୦ କୋଟି ଟଙ୍କାରେ ପହଞ୍ଚିଛି। ପ୍ରକଳ୍ପକାମ ୯୮ ପ୍ରତିଶତ ସରିଛି। ୨୦୨୬ ଖରିଫରେ ଜିଲ୍ଲାର ୩୦,୯୬୫ ହେକ୍ଟର ଜମିକୁ ଜଳସେଚିତ କରିବାକୁ ପ୍ରସ୍ତୁତି ହୋଇଛି। ଏହି ପ୍ରକଳ୍ପରେ ମୋଟ୧୩,୬୦୭ ଏକର ଜମି ଅଧିଗ୍ରହଣ କରାଯାଇଛି। ସେଥିରେ ୧୫ଟି ଗ୍ରାମର ୫,୪୪୯ ଏକର ଜମିକୁ



୧୮୯୪ ଜମିଅଧିଗ୍ରହଣ ଆଇନରେ ଓ ୧୪ ଗ୍ରାମର ୪,୪୪୫ ଏକର ଜମିକୁ ୨୦୧୩ ଜମିଅଧିଗ୍ରହଣ ଆଇନ ଅନୁଯାୟୀ ଅଧିଗ୍ରହଣ କରାଯାଇଛି। ମୋଟ ୨୯ ଖଣ୍ଡ ଗ୍ରାମର ୧୧,୦୨୧ ପରିବାରକୁ ବିସ୍ଥାପିତ କରାଯାଇଛି। ବାକି କୁମିଆଁପାଲି ଗ୍ରାମର ୧୧୮ଟି ଆଦିବାସୀ ପରିବାରକୁ କ୍ଷତିପୂରଣ ଦେଇ ଥଇଥାନ କରାଯିବାକୁ କାର୍ଯ୍ୟଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି। ସେହିପରି ବଲାଙ୍ଗିର ଜିଲ୍ଲାରେ ଜଳସେଚନ ହାର ବଢାଇବାକୁ ୧୬ଟି ବୃହତ ଉଠାଜଳସେଚନ ପ୍ରକଳ୍ପ ଯାହାକି ୧୭,୯୨୮ ହେକ୍ଟର ଜମିକୁ ଜଳସେଚିତ କରିବ ସେ ନେଇ କାମ ଚାଲିଛି। ୧୨୫ଟି କ୍ଷୁଦ୍ରଜଳସେଚନ ପ୍ରକଳ୍ପର ଉନ୍ନୟନ କାମ ସହିତ ୫୪୫ ଚେକଡ୍ୟାମ ନିର୍ମାଣ ହୋଇଛି। ଆଉ ୬ଟି ଏମଆଇପି ଓ ୬୬ ଚେକଡ୍ୟାମ ନିର୍ମାଣ ଚାଲିଛି। ଏହା ଫଳରେ ମୋଟ ୨୪ ହଜାର ହେକ୍ଟରଜମିକୁ ଜଳସେଚନ କରାଯିବ। ବେଲପଡାରେ ଲୋୟରଲାନ୍ଥ ଡ୍ୟାମ ନିର୍ମାଣ କାମ ଆରମ୍ଭ ହୋଇଛି। ୩୯୯୦ ହେକ୍ଟର ଜମିକୁ ଏହା ଜଳସେଚିତ କରିବ ବୋଲି ଉତ୍ତର ମିଳିଛି। ଠିକ ସେହିପରି ଖଣିଖନନ ପ୍ରସଙ୍ଗରେ କଳିକେଶ ପଚାରିଥିବା ପ୍ରଶ୍ନର ଉତ୍ତରରେ ଖଣି ଓ ଇସ୍ପାତମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଯେ,ବଲାଙ୍ଗୀର ଜିଲ୍ଲାରେ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ସାଲେପାଲି ଗ୍ରାଫାଇଟ ବ୍ଲକ, ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, ଲରମ୍ଭା ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, କନାଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ ଏବଂ ରାଜ୍ୟସରକାର ତେଲିପଦର ପିପଲମୁଣ୍ଡା ଲୁକାପଡା ଚୁନପଥର ଖଣିକୁ ନିଲାମ କରିଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ କେନ୍ଦ୍ର ଓ ରାଜ୍ୟସରକାର ମିଶି ୧୨ଟି ଖଣି ନିଲାମ କରିସାରିଛନ୍ତି। ଆଉ ୧୨ଟି ଲଘୁଖଣି ନିଲାମ ପାଇଁ ନୋଟିସ ହୋଇଛି। ୨୦୨୫-୨୬ରେ ଆଉ ୧୧ଟି ବଡ ଖଣି ନିଲାମ ପାଇଁ ଉଦ୍ୟମ ଚାଲିଛି। ଲଘୁଖଣିଜ ସମ୍ପଦ ଚୋରି ରୋକିବାକୁ ବଲାଙ୍ଗିର ଜିଲ୍ଲାରେ ୫୫ଟି ପଥର ଖଣି ଓ ସୋନପୁର ଜିଲ୍ଲାର ୪ଟି ପଥର ଖଣିରେ ଚଢଉ କରାଯାଇ ନୋଟିସ କରିବା ସହିତ ଜରିମାନା ମଧ୍ୟ ଅଦାୟ କରାଯାଇଛି। ବଲାଙ୍ଗି ସର୍କଲ ପକ୍ଷରୁ ବିଭିନ୍ନ କ୍ରସର ଉପରେ ମଧ୍ୟ ଚଢାଉ କରାଯାଇଛି ବୋଲି ଉତ୍ତର ଦିଆଯାଇଛି।

ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୭, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

## ଡେଲି ମାର୍କେଟ ସ୍କୁଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା




ରାଉରକେଲା,୧୯।୩(ସମିସ): ରାଉରକେଲାର ସର୍ବ ପୁରାତନ ବିଦ୍ୟାଳୟ ଡେଲି ମାର୍କେଟ ସରକାରୀ ସ୍କୁଲପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡେଲି ମାର୍କେଟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉଳ, ରମଣୀ ରଞ୍ଜନ ଦେହୁରୀ, ରେଡକ୍ରସ୍ କାଉନସିଲରଙ୍କ ତତ୍ତ୍ୱାବଧାନରେ ରାଉରକେଲା ଡେଲି ମାର୍କେଟ ସ୍କୁଲଠାରୁ ବଣିଆ ଛକ ଓ ପ୍ଲାଣ୍ଟସାଇଟ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ପାଇଁ ଏକ ଶୋଭାଯାତ୍ରା ବାହାରି ଥିଲା। ଦୁଇଚକିଆ ଓ ଚାରିଚକିଆ ଯାନବାହାନରେ ହେଲମେଟ ଏବଂ କାରରେ ସିଟ୍‌ବେଲ୍ଟ ପିନ୍ଧି ନ ଥିବା ଚାଳକମାନଙ୍କୁ ଗୋଲାପ ଦେଇ ସଡ଼କ ସୁରକ୍ଷାର ସଚେତନତା ବାର୍ତ୍ତା ଦେଇଥିଲେ। ଏଥିରେ ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ନେତୃତ୍ୱରେ ସ୍କୁଲର ଶିକ୍ଷକ ମନୋଜ କୁମାର କେର୍କେଟା, ବିକର୍ତ୍ତନ ମହାନ୍ତ, ସତ୍ୟବାଦୀ ବେହେରା, ସୁଧୀର ଟେଟେ ପ୍ରମୁଖ ପରିଚାଳନା କରିଥିଲେ।

## ପୁର୍କାପାଲି ସେବାଶ୍ରମରେ ବାର୍ଷିକ ଉତ୍ସବ




କୁତ୍ରା,୧୯।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ପୁର୍କାପାଲି ସେବାଶ୍ରମରେ ଗୁରୁବାରବାର୍ଷିକଉତ୍ସବ ପାଳିତହୋଇଯାଇଛି।କାର୍ଯ୍ୟକ୍ରମଟିବିଦ୍ୟାଳୟରପ୍ରଧାଶିକ୍ଷୟିତ୍ରୀ ସଂଯୁକ୍ତା ନେଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁତ୍ରା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ପୁର୍କାପାଲି ସରପଞ୍ଚ ସୁକାନ୍ତି ମାଝୀ, ପୁର୍କାପାଲି ପୁର୍ବତନ ସରପଞ୍ଚ ଚକ୍ରଧର ସା, ପୁର୍କାପାଲି ୟୁପି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁଜୁର, ବିରିଙ୍ଗାଟୋଲି ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ସିଆଲଯୋର ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାୟକ, କଟଙ୍ଗ ସେବାଶ୍ରମ ପ୍ରଧାନ ଶିକ୍ଷକ ଧରଣୀଧର ଅଡା, ନୂଆଁଗା ସେବାଶ୍ରମ ପ୍ରଧାନ ଶିକ୍ଷକ ସମୀର ଡୁଙ୍ଗଡୁଙ୍ଗ, ବିଦ୍ୟାଳୟର ଏସ୍‌ଏମ୍‌ସି ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ସା, ପୁର୍କାପାଲି ଏଏନ୍‌ଏମ୍ ମମତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ନେଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସରକାରୀ ଶିକ୍ଷୟିତ୍ରୀ ଗୌରୀ ରାଣୀ ରାଉଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌକିନି ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଶ୍ୱ ହିନ୍ଦୁ ପରିଷଦର 'ମାତୃଶକ୍ତି' ପକ୍ଷରୁ ସମ୍ବର୍ଦ୍ଧନା



କୋଇଡା,୧୯।୩(ସମିସ): କୋଇଡା ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି, ଡକାୟତି, ଅପରାଧ ରୋକିବାକୁ ଓ ଟ୍ରାଫିକ୍ ଜନିତ ସମସ୍ୟା ନିରାକରଣ ପାଇଁ କୋଇଡା ପୁଲିସ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଯଥା ସହର ସାରା ସିସିଟିଭି କ୍ୟାମେରା ଲଗାଇ ମନିଟରିଂ କରିବା, ୨୪ ଘଣ୍ଟା ପାଟ୍ରୋଲିଂ ଇତ୍ୟାଦି କାର୍ଯ୍ୟ ପାଇଁ ବିଶ୍ୱ ହିନ୍ଦୁ ପରିଷଦର 'ମାତୃଶକ୍ତି' ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ସୁନିତା ସାହୁ, ରାନୀ ଦାସ, ମାଳ୍ୟବତୀ ଦାଶ, ଦିପନୀ ଦେବି, ଲକ୍ଷ୍ମୀ ମଲ୍ଲିକ, ସୁଶିଳା ସାହୁ, ସିତା ପାତ୍ର ପ୍ରମୁଖଙ୍କ ସହ ରଞ୍ଜିତ ଆର୍ଯ୍ୟ କୋଇଡା ଥାନାରେ ପହଞ୍ଚିଥିଲେ। ଡିଜିପି, ପୁରସ୍କୃତ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ସବ୍ ଇନ୍ସପେକ୍ଟର ହୃଷିକେଶ ପ୍ରଧାନ, ପ୍ରିୟମ ଦାସ, ସଞ୍ଜୟ ସିଂ, ଏଏସଆଇ ଗୁମନ ଚରଣ ବେହେରା ପ୍ରମୁଖଙ୍କ ସହ ଅନ୍ୟ ସୁରକ୍ଷାବାହିନୀଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ୨୩ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ବଣାଇ,୧୯।୩(ସମିସ): ବଣାଇ ସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହରେ ୨୩ ତାରିଖ ସୋମବାର ସୁନ୍ଦରଗଡ଼ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିବେ। ଅଭିଯୋଗକାରୀ ମାନେ ଯଥା ସମୟରେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜର ଆପତ୍ତି ଅଭିଯୋଗ ମାନ ସିଧାସଳଖ ଜିଲ୍ଲାପାଳଙ୍କୁ ଜଣାଇ ପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଗୋରୁ ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ

# ୧୦୫ ଗୋରୁ ଉଦ୍ଧାର, ୮ ଗିରଫ

ରାଉରକେଲା,୧୯।୩(ସମିସ)



ସୁନ୍ଦରଗଡ଼ ଜିଲ୍ଲା ଦେଇ ବେଆଇନ ଗୋରୁ ପରିବହନର ପର୍ଦ୍ଦାଫାସ କରିଛି ବଡ଼ଗାଁ ପୁଲିସ। ବୁଧବାର ଗୋରୁ ବେପାରୀଙ୍କ ଉପରେ ଚଢ଼ଉ କରି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ୨ଟି ଗାଡ଼ିରେ ଚାଲାଣ ହେଉଥିବା ୧୦୫ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ୮ ଜଣ ଗୋରୁ ମାଫିଆଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ପିସ୍ତଲ, ୧ଟି ଦେଶୀ ଏୟାର ଗନ୍, ୧୦ ରାଉଣ୍ଡ ଜୀବନ୍ତ ଗୁଳି, ଖଣ୍ଡା, ଛୁରି ଓ ୨ଟି କାର, ୮ଟି ମୋବାଇଲ ଫୋନ ଜବତ କରାଯାଇଛି। ଆଜି ଏ ସମ୍ପର୍କରେ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌର ବଡ଼ଗାଁ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲାର କୁତ୍ରା, ଖତକୁରବାହାଲ, ବଡଗାଁ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ ଗୋରୁ ଚୋରା ଚାଲାଣ ହେଉଥିବା ନେଇ ପୁଲିସ ପାଖରେ ରିପୋର୍ଟ ରହିଥିଲା। ୨୦୨୫ରୁ ଆଜିପର୍ଯ୍ୟନ୍ତ ଗୋରୁ ଚୋରା ଚାଲାଣ ନେଇ ୩୭ ଟି ମାମଲା ପଞ୍ଜିକୃତ କରାଯିବା ସହ ମୋଟ ୮୬୪ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି ଏବଂ ୯୪ ଜଣ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ଭୋର ୪ଟାରେ ଦୁଇଟି ଚାରି ଚକିଆ ଗାଡ଼ିରେ ୭ ରୁ ୮ ଜଣ ଅଭିଯୁକ୍ତ ଅସ୍ତ୍ରଶସ୍ତ୍ର ଧରି ଛତିଶଗଡ଼ ଅଞ୍ଚଳରୁ ଖତକୁରବାହାଲକୁ ବେଆଇନ ଭାବରେ ଗୋରୁ ଚୋରା ଚାଲାଣ କରୁଥିବା ନେଇ ସୂଚନା ମିଳିଥିଲା। ଏହା ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ବଡ଼ଗାଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସୂଚନା ଉପରେ ପୁଲିସର ଗଠିତ ଏକ ସ୍ୱତନ୍ତ୍ର ଦଳ ଦ୍ୱାରା ଚଢ଼ଉ କରି କୁମ୍ଭାହାଲ ଛକ ନିକଟରେ ଉକ୍ତ ୨ଟି ଗାଡ଼ିକୁ ଅଟକାଯାଇଥିଲା। ତଲାସୀ ସମୟରେ, ଗୋଟିଏ ହୁଣ୍ଡାଇ ଆଇ - ୨୦ କାର୍‌ରୁ ବଡ଼ଗାଁର ଅରବିନ୍ଦ ଷଡ଼ଙ୍ଗୀ ଏବଂ କୁତ୍ରାର ଖତକୁରବାହାଲର ମହମ୍ମଦ କୈସଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୫ ରାଉଣ୍ଡ ଜୀବନ୍ତ ଗୁଳିଭର୍ତ୍ତି ଏକ ଦେଶୀ ପିସ୍ତଲ ଜବତ କରାଯାଇଥିଲା। ସେହିପରି ଏକ ମାରୁତି ବ୍ରିଜା କାର୍‌ରୁ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ଦେଶୀ ଏୟାର ଗନ୍ ଏବଂ ଏହାର ମାଗାଜିନ୍ ସହିତ ଅନ୍ୟ ପାଞ୍ଚ ରାଉଣ୍ଡ ୭.୬୫ ଏମ୍‌ଏମ୍ ଗୁଳି ଜବତ କରାଯାଇଥିଲା। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ ଶ୍ରମିକମାନଙ୍କୁ ନିୟୋଜିତ କରି କୁତ୍ରା ଥାନା ଅଧୀନ ଖକକୁରବାହାଲ ଅଞ୍ଚଳକୁ ୧୦୦ଟି ଗୋରୁ ଚାଲାଣ କରିଥିଲେ। ସେମାନଙ୍କ ସୂଚନା ଆଧାରରେ କାଳଜାପଥରରୁ ୧୦୫ଟି ଗୋରୁଙ୍କୁ ଠାବ କରାଯାଇ ଉଦ୍ଧାର କରାଯାଇ ନିରାପଦ ହେପାଜତ ଏବଂ ଯତ୍ନ ପାଇଁ ଆମଗୁଭା ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ଏହି ସମ୍ପର୍କରେ, ବଡ଼ଗାଁ ଥାନାରେ ମାମଲା ରୁଜୁ ମାମଲାର ତଦନ୍ତାଧୀନ ରହିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜଗାଙ୍ଗପୁର ଏସଡିପିଓ ବିଭୁତିଭୂଷଣ ଭୋଇ, ବଡ଼ଗାଁ ଥାନା ଅଧିକାରୀ ସୁନୀଲ କୁମାର ମାହାତୋ ଉପସ୍ଥିତ ଥିଲେ।



**୨ ବନ୍ଧୁକ, ୧୦ ରାଉଣ୍ଡ ଗୁଳି, ଖଣ୍ଡା, ଛୁରି ଓ କାର୍ ଜବତ**

## ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଆର୍‌ଏସ୍‌ପିର ଆର୍ଥିକ ସହାୟତା

ରାଉରକେଲା,୧୯।୩(ସମିସ): ଆର୍‌ଏସ୍‌ପି ଦ୍ୱାରା ଶିକ୍ଷାକ୍ଷେତ୍ରରେ ସିଏସଆର ପଦକ୍ଷେପର ଅଂଶସ୍ୱରୂପ ପାଶ୍ୱର୍ାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏକ ସମାରୋହରେ ପାଶ୍ୱର୍ବର୍ତ୍ତୀ ଗ୍ରାମଗୁଡ଼ିକର ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସମସ୍ତେ ସୁନ୍ଦରଗଡ଼ ଜିଲ୍ଲା, ଆଦର୍ଶ ଇସ୍ପାତ ଗ୍ରାମ ଏବଂ ଆରଏସପି ପୁନର୍ବସତି କଲୋନିର ଆର୍ଥିକ ଅନଗ୍ରସର ଏବଂ ଅବହେଳିତ ବର୍ଗର ଛାତ୍ରଛାତ୍ରୀ ଅଟନ୍ତି। ଏମାନଙ୍କ ମଧ୍ୟରୁ ୨୫ ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ଶିକ୍ଷାବର୍ଷରେ ବୃତ୍ତିଗତ ପାଠ୍ୟକ୍ରମରେ ଯୋଗ ଦେଇଛନ୍ତି ଏବଂ ଅବଶିଷ୍ଟ ୨୬ ଜଣ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ସେମାନଙ୍କର ବୃତ୍ତିଗତ ଅଧ୍ୟୟନ ଜାରି ରଖିଛନ୍ତି। ଏହି ସମାରୋହରେ ସହରସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟି.ଜି କାନେକର ଅଧ୍ୟକ୍ଷତା କରିବା ସହ ହିତାଧିକାରୀଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ। ବୃତ୍ତିଗତ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପଢୁଥିବା ଅବହେଳିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ମନୋନୀତ ଛାତ୍ର/ଛାତ୍ରୀ ପ୍ରତିବର୍ଷ ୩୦,୦୦୦ ଟଙ୍କାର ଆର୍ଥିକ ସହାୟତା ପାଇଥାନ୍ତି। ଏହିଭଳି ଉକ୍ତ ଯୋଜନା ଅଧୀନରେ ଦୁଇ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୬୦,୦୦୦ ଟଙ୍କା, ବି.ଟେକ୍ ଭଳି ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପାଇଁ ୧,୨୦,୦୦୦ ଟଙ୍କା ଏବଂ ପାଞ୍ଚ ବର୍ଷର ଏମ୍‌ବିବିଏସ ପାଠ୍ୟକ୍ରମ ପାଇଁ ୧,୫୦,୦୦୦ ଟଙ୍କାର ଅର୍ଥ ସହାୟତା ପ୍ରଦାନ କରାଯାଉଛି। ଶିକ୍ଷାଗତ ପ୍ରଦର୍ଶନ ଏବଂ ଆବଶ୍ୟକୀୟ କାଗଜପତ୍ର ଦାଖଲ ଆଧାରରେ ପ୍ରତିବର୍ଷ କିସ୍ତିରେ ଏହି ବୃତ୍ତି ପ୍ରଦାନ କରାଯାଏ। ପ୍ରାରମ୍ଭରେ, ସିଏସଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଯୋଜନାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ପରେ, ସିଏସଆର ବିଭାଗର ଡିଜିଏମ ଟି.ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଏସ୍.କେ. ସୁକୁଲା ଏବଂ ସେକ୍ସନ ଅଫିସର ବି. ଏକ୍କା ସଂଯୋଜନା କରିଥିଲେ।




## ଆରଏସପି ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ବାର୍ଷିକ ଉତ୍ପାଦନ ରେକର୍ଡ ହାସଲ

ରାଉରକେଲା,୧୯।୩(ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨) ବିଭାଗ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ହାସଲ ହୋଇଥିବା ୨୫,୫୧,୪୪୪ ଟନ୍ କଏଲ୍ ଓଜନର ପୂର୍ବ ଶ୍ରେଷ୍ଠବାର୍ଷିକ ଉତ୍ପାଦନ ରେକର୍ଡକୁ ୨୦୨୬ ମାର୍ଚ୍ଚ ୧୮ ତାରିଖରେ ଅତିକ୍ରମ କରି ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ଶେଷହେବାର ୧୩ ଦିନ ପୂର୍ବରୁ ମାର୍ଚ୍ଚ ୧୮ ତାରିଖ 'ବି' ସିଫ୍ଟରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଏଚ୍‌ଏସ୍‌ଏମ୍-୨ ୨୦୨୬ ମାର୍ଚ୍ଚ ମାସରେ ମଧ୍ୟ ଏକ ନୂତନ ଉତ୍ପାଦନ ମାନଦଣ୍ଡ ସୃଷ୍ଟି କରିବାକୁ ଅଗ୍ରସର ହେଉଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଏଚ୍‌ଏସ୍‌ଏମ୍ ଓ ଆନୁସଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାରଙ୍କ ନିରନ୍ତର ମାର୍ଗଦର୍ଶନରେ ଟିମ୍ ଏଚ୍‌ଏସଏମ-୨ ର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ରେକର୍ଡ ସମ୍ଭବ ହୋଇପାରିଛି। ଏଥିସହିତ ଷ୍ଟିଲ୍ ମେଲ୍ଟିଂ ସପ-୨, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ରୋଲ୍ ସପ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ, ଆର୍ ଆଣ୍ଡ ସି ଲ୍ୟାବ, କ୍ରେନ୍ ରକ୍ଷଣାବେକ୍ଷଣ, ମେକନିକାଲ ସପ୍, ଡିଜାଇନ୍, ବିଦ୍ୟୁତ୍ ବଣ୍ଟନ, କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, କେନ୍ଦ୍ରୀୟ ମେକାନିକାଲ ଓ ଇଲେକ୍ଟ୍ରିକଲ ରକ୍ଷଣାବେକ୍ଷଣ, ଶକ୍ତି ପରିଚାଳନା ବିଭାଗ, ସିଭିଲ୍ ଇଞ୍ଜିନିୟରିଂ ସେବା, କଣ୍ଟ୍ରାକ୍ଟ ସେଲ୍ କାର୍ଯ୍ୟ, ସାମଗ୍ରୀ ପରିଚାଳନା, ଏଫଏମ୍‌ଏମ୍, ରିଫ୍ରାକ୍ଟୋରୀ, ଅର୍ଥ, ସୁରକ୍ଷା ଇଞ୍ଜିନିୟରିଂ, ମାନବ ସମ୍ବଳ, ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସକ୍ରିୟ ଯୋଗଦାନରେ ଏହି ରେକର୍ଡ ହାସଲ ହୋଇପାରିଛି।

## ସ୍କାନ୍‌ଷ୍ଟିଲରେ ଜାତୀୟ ସୁରକ୍ଷା ମାସ ଅଭିଯାନ




କୁତ୍ରା,୧୯ ।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ବୁଡାକଟାଠାରେ ଥିବା ସ୍କାନ୍‌ଷ୍ଟିଲଠାରେ ୫୫ତମ ଜାତୀୟ ସୁରକ୍ଷା ମାସ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାରଖାନାର ଆସିଷ୍ଟାଣ୍ଟ ଡାଇରେକ୍ଟର ଶୁଭେନ୍ଦୁ ଶେଖର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କାରଖାନାର ଚେୟାରମ୍ୟାନ ରାଜେଶ ଗଗୋଡିଆ, ଡାଇରେକ୍ଟର ପ୍ରବିନ ପାତ୍ର, ଡାଇରେକ୍ଟର ଅଙ୍କୁର ମଦନ, ମ୍ୟାନେଜର ସୌରଭ ସେନଗୁପ୍ତା, ମ୍ୟାନେଜର ଦୀପକ ଶର୍ମା, ଏଚ୍‌ଆର ମ୍ୟାନେଜର ପ୍ରଭୁରାମ ଦେ, ସେଫ୍‌ଟି ଅଫିସର ସରୋଜ ମହାକୁଡ଼ ଓ କାରଖାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଡାଇରେକ୍ଟର ଅଙ୍କୁର ମଦନ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହି ଦିବସରେ ମୁଖ୍ୟଅତିଥି ୫୫ତମ ସୁରକ୍ଷା ମାସର ଥିମ୍ ଉନ୍ନତ ସୁରକ୍ଷା ନିମନ୍ତେ ଲୋକଙ୍କ ସଂଲଗ୍ନ, ଶିକ୍ଷିତ ଏବଂ ସଶକ୍ତ ବିଷୟରେ କର୍ମଚାରୀମାନଙ୍କୁ ବୁଝେଇଥିଲେ। ମାନବ ସମ୍ବଳର ଅଧିକାରୀ ପ୍ରଭୁରାମ ଦେ ଧନ୍ୟବାଦ ଦେଇଥିଲେ।

## ୪୬ ଲକ୍ଷ ଲୁଟ୍ ଅଭିଯୋଗରେ ବ୍ଲକ୍ ଆକାଉଣ୍ଟ ମ୍ୟାନେଜର ଗିରଫ

ରାଉରକେଲା, ୧୯।୩(ସମିସ): ୪୬ ଲକ୍ଷ ୮ ହଜାର ୩୪୧ ଟଙ୍କା ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗରେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଏଏମ୍ (ବ୍ଲକ ଆକାଉଣ୍ଟ ମ୍ୟାନେଜର) ଶିବ ପ୍ରସାଦ ମଲ୍ଲିକଙ୍କୁ ଗିରଫ କରିଛି ବିଶ୍ରା ଥାନା ପୁଲିସ। ତାଙ୍କ ଘର ରାଉରକେଲାର ଛେଣ୍ଡ କଲୋନୀରେ ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ମୋଟ୍ ୮୮,୭୭୦ ଟଙ୍କା ସହ ନେପାଳ ଓ ଭୁଟାନର ବିଦେଶୀ କରେନ୍ସି, ୩୩.୪୨୬ ଓଜନର ସୁନା ଅଳଙ୍କାର, ଦେଢ଼ କେଜିର ରୂପା ଅଳଙ୍କାର, ୩ଟି ମୋବାଇଲ ଫୋନ, ୨ଟି ପାସବୁକ୍, ଚେକ ବୁକ୍, ୨ଟି ପାନ କାର୍ଡ, ଏସ୍‌ବିଆଇର ୨ଟି ଓ ଏଚଡିଏଫ୍‌ସି ବ୍ୟାଙ୍କର ୨ଟି ଡେବିଟ କାର୍ଡ ଓ ଏସ୍‌ବିଆଇର ଗୋଟିଏ କ୍ରେଡିଟ କାର୍ଡ, ଡ୍ରେସ୍‌ବେରୀର ହାତ ଘଣ୍ଟା, ୨ଟି ବାଇକ ଓ ଗୋଟିଏ କାର୍ ଜବତ କରାଯାଇଛି। ସୂଚନା ମୁତାବକ ବିଶ୍ରା ସିଏଚ୍‌ସିର ସୁପରିନ୍‌ଟେଣ୍ଡେଣ୍ଟ ଡ. ପ୍ରକାଶ କୁମାର ସାହୁ ଗତ ୧୩ ତାରିଖ ଦିନ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ଛେଣ୍ଡ କଲୋନୀର ଶିବ ପ୍ରସାଦ ମଲ୍ଲିକଙ୍କୁ ଗତ ୨୦୨୦ ଜୁଲାଇ ୪ ତାରିଖରେ ବିଶ୍ରା ସିଏଚସିରେ ବ୍ଲକ ଆକାଉଣ୍ଟ ମ୍ୟାନେଜର (ବିଏଏମ) ଭାବରେ ଡେପୁଟେସନରେ ନିଯୁକ୍ତି ଦିଆଯାଇଥିଲା। ସ୍ଥାୟୀ ଭାବରେ ୨୦୨୨ ନଭେମ୍ବର ୨୫ ତାରିଖରୁ ୨୦୨୫ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ସିଏଚସିରେ ସେ ଏହି ପଦରେ ସ୍ଥାୟୀ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟ ମଧ୍ୟରେ ସେ ଦଲଜିତ୍ କୌରମାନ ଏବଂ ଶିବପ୍ରସାଦ ମଲ୍ଲିକ (ନିଜ) ନାମରେ ଏସବିଆଇ ଏବଂ ଏଚଡିଏଫସି ବ୍ୟାଙ୍କରେ ଖାତା ଖୋଲି ସରକାରୀ ଆକାଉଣ୍ଟରୁ ଜାଲିଆତି ମାଧ୍ୟମରେ ମୋଟ ୪୬ ଲକ୍ଷ ୮ ହଜାର ୩୪୧ ଟଙ୍କା ହଡ଼ପ କରି ନେଇଥିଲେ ବୋଲି ସୁପରିନ୍‌ଟେଣ୍ଡେଣ୍ଟ ଅଭିଯୋଗ କରିଥିଲେ। ଶିବ ପ୍ରସାଦ ମଲ୍ଲିକ ନିଜ ଏଚଡିଏଫସି ଆକାଉଣ୍ଟକୁ ୧୭ ଲକ୍ଷ ୧ ହଜାର ୮୪୨ ଟଙ୍କା କ୍ରେଡିଟ୍ କରିଥିବା ବେଳେ ଏବଂ ଦଲଜିତ୍ କୌରମାନଙ୍କ ଏସବିଆଇ ଆକାଉଣ୍ଟକୁ ୨୯ ଲକ୍ଷ ୬ ହଜାର ୪୯୯ ଟଙ୍କା କ୍ରେଡିଟ କରିଥିଲେ। ଏହିପରି ଭାବେ ମୋଟ ଠକେଇ ପରିମାଣ ହେଉଛି ୪୬,୦୮,୩୪୧ ଟଙ୍କା ହୋଇଥିଲା। ଶିବ ପ୍ରସାଦ ମଲ୍ଲିକ ଉପରୋକ୍ତ ସମସ୍ତ ଠକେଇ ଟ୍ରାଞ୍ଜାକ୍‌ସନକୁ ତାଙ୍କ ସରକାରୀ ଡେସ୍କଟପ୍ କମ୍ପ୍ୟୁଟରରୁ ହିଁ ବ୍ୟବହାର କରି ହେରଫେର କରିଥିଲେ ବୋଲି ଡ. ସାହୁ ତାଙ୍କ ଏତାଲାରେ ଦର୍ଶାଇଥିଲେ। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଜୋନାଲ ଡିଏସ୍‌ପି ଜିତେନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତ ଶିବ ପ୍ରସାଦ ମଲ୍ଲିକଙ୍କୁ ଆଜି ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



**୮୮,୭୭୦ ଟଙ୍କା ସହ ବିଦେଶୀ କରେନ୍ସି, ସୁନା ଅଳଙ୍କାର, ମୋବାଇଲ ଫୋନ, ପାସ୍‌ବୁକ, ଚେକ୍ ବୁକ୍ ଜବତ**

# ମହିଳା ଓ ଶିଶୁ ନିର୍ଯାତନା ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ତାଲିମ

ରାଉରକେଲା,୧୯।୩(ସମିସ): ମହିଳା ଓ ଶିଶୁ ନିର୍ଯାତନା ଘଟଣା ବୃଦ୍ଧି ପାଉଥିବାରୁ ଓଡ଼ିଶା ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିର୍ଯାତନା ଘଟଣାରେ ମହିଳା ଓ ଶିଶୁ ମାନଙ୍କ ଅଭିଯୋଗ ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ରାଉରକେଲା ପୁଲିସ ପକ୍ଷରୁ ପୁଲିସଙ୍କ ନିମନ୍ତେ ରାଉରକେଲା କ୍ଲବ୍ ପରିସରରେ ତାଲିମ ଶିବିର ଆୟୋଜିତ ହୋଇଛି। ରାଉରକେଲା ଏସପି ନୀତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର ପୂର୍ବତନ ଡିଜିପି ତିଳୋତ୍ତମା ବର୍ମା ଯୋଗ ଦେଇଥିଲେ। କୌଣସି ମହିଳା ନିର୍ଯାତନାର ଘଟଣାର ଅଭିଯୋଗ ଆସିଲେ ପୁଲିସ ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ମାମଲା ରୁଜୁ କରି ତାଙ୍କୁ ନ୍ୟାୟ ଦେବା ଉଚିତ୍ ବୋଲି କହିଥିଲେ। ଏଡିଜି ସିଏଡବ୍ଲ୍ୟୁଏଣ୍ଡ ସିଏଡବ୍ଲ୍ୟୁ ଶିବାନନ୍ଦ ସାଇନୀ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ଥାନାକୁ ଆସୁଥିବା ମହିଳା ଅଭିଯୋଗକାରିଣୀଙ୍କ ପ୍ରତି ପୁଲିସର ସଠିକ୍ ବ୍ୟବହାର ଏବଂ ତାଙ୍କ ଅଭିଯୋଗକୁ ତୁରନ୍ତ ପଞ୍ଜୀକରଣ କରିବାକୁ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତାଲା ପଞ୍ଜୀକରଣ ପରେ ତୁରନ୍ତ ଅଭିଯୋଗକାରିଣୀଙ୍କୁ ଏତାଲା କପି ହସ୍ତାନ୍ତର କରିବା ଏବଂ ଏତାଲା ପଞ୍ଜୀକରଣର ୬୦ ଦିନ ଭିତରେ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିବା ପାଇଁ ସାଇନୀ କହିଥିଲେ। ଏପରିକି ଅଭିଯୋଗ କରିବା ପାଇଁ ଆସୁଥିବା ମହିଳା ଓ ଶିଶୁ କେତେ ସମୟ ଥାନାରେ ରହୁଛନ୍ତି ଓ କେତେ ସମୟ ପରେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଉଛି ତାର ସିସିଟିଭି ଫୁଟେଜ ଅନୁଧ୍ୟାନ କରି ଅବହେଳା କରୁଥିବା ପୁଲିସ ଅଫିସରଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ନିର୍ଯାତନା ଶିକାର ମହିଳା ଓ ଶିଶୁଙ୍କ ଅଭିଯୋଗ ଶୁଣି ତୁରନ୍ତ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ପୁଲିସ ଅଧିକାରୀ ତଦନ୍ତକାରୀ ପୁଲିସ ଅଧିକାରୀମାନଙ୍କୁ ସିଆଇଡି ସିବି ଡିଜିପି ବିନୟତୋଷ ମିଶ୍ର ଆଜି ଆଭାସୀ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା କ୍ଲବ୍ ପରିସରରେ ଅନୁଷ୍ଠିତ ତାଲିମ ଶିବିରର ଦ୍ୱିତୀୟ ପର୍ଯ୍ୟାୟରେ ଏଡିଜି ଏସ୍ ସାଇନୀ, ୟୁପିର ପୂର୍ବତନ ଡିଜିପି ବର୍ମା, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀ, ଆଇନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଆୟୁସି ଶ୍ରୀବାସ୍ତବ, ନ୍ୟାସନାଲ ଲ' ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ସୋଲୋମନ ଆଥଲେନ କେ. ଆୟୁଷୀ ଶ୍ରୀବାସ୍ତବ ପ୍ରମୁଖ ପୁଲିସ ଅଫିସରଙ୍କୁ ତାଲିମ ପ୍ରଦାନ କରିଥିଲେ। ଆଇନ ସମ୍ପର୍କରେ ଅନଭିଜ୍ଞ ଥିବା ମହିଳା ଓ ଶିଶୁଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ ଓ ତାଙ୍କ ଅଭିଯୋଗ ପରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେ ସମ୍ପର୍କରେ ପୁଲିସ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଡିଜି ଏସ୍ ସାଇନୀ, ୟୁପିର ପୂର୍ବତନ ଡିଜିପି ବର୍ମାଙ୍କୁ ଡିଆଇଜି ଶ୍ରୀରାୟ, ଏସପି ଶ୍ରୀ ୱାଧୱାନୀ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ନ୍ୟାସନାଲ ଲ'ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ସୋଲୋମନ ଆଥଲେନ କେ. ଆୟୁଷୀ ଶ୍ରୀବାସ୍ତବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଏସପି ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ରାସ୍ତାକଡ଼ରେ ବିପଦସଙ୍କୁଳ ଶୁଖିଲା ଗଛ

ବଣାଇଁ,୧୯।୩(ସମିସ): ବଣାଇଁ ତୁମକେଲା ସେତୁଦେଇ ଶରଧାପୁର ଓ ରାଜାମୁଣ୍ଡାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡ଼ରେ ଦୁଇଟି ଶୁଖିଲା ଆମ୍ବ ଗଛ ନେଇ ପଥଚାରୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଅନେକ ଯାନବାହନ ଯାତାୟାତ କରୁଥିବା ବେଳେ ସ୍କୁଲପିଲା ମଧ୍ୟ ଏହି ରାସ୍ତା ଦେଇଯାଉଛନ୍ତି। ଏହିରାସ୍ତା ମୁଖ୍ୟରାସ୍ତା ହେଇଥିବା ବେଳେ ରାସ୍ତା କଡ଼ରେ ଥିବା ଏହି ଆମ୍ବ ଗଛଟି ଶୁଖିଲା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଅଦିନିଆ ବର୍ଷା ହେଉ କିମ୍ବା କାଳବୈଶାଖୀ ହେଲେ ଗଛଟି ଭାଙ୍ଗିଯିବାର ସମ୍ଭାବନା ରହିଛି। ତେଣୁ ଏହା ପଥଚାରୀଙ୍କ ଜୀବନପ୍ରତି ବିପଦ ଦେଖା ଦେଇଛି। କେତେବେଳେ ଯେ ଅଘଟଣ ନ ଘଟିବ ତାହା କହିହେବନି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସ୍ଥାନୀୟଲୋକେ ଦାବି କରୁଛନ୍ତି।



THE SAKALA

# ମାଡ଼ି ଆସୁଛି ମହାସଙ୍କଟ

ଇରାନ୍‌ରେ ଶାସନ କ୍ଷମତା ପରିବର୍ତ୍ତନର ମୂଳ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଇନ୍ଧନ-ଯୁଦ୍ଧର ରୂପ ନେଇଛି। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ସ ଉପରେ ଆକ୍ରମଣ ଜାରି ରଖିଥିବା ବେଳେ ଇରାନ୍ ମଧ୍ୟ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରମାନଙ୍କର ତୈଳ ଓ ପ୍ରାକୃତିକ ବାଷ୍ପ ପ୍ରକଳ୍ପ ଉପରେ ପ୍ରତିଆକ୍ରମଣ କରୁଛି। ଆମେରିକାର ଅହଂକାର ଓ ଇସ୍ରାଏଲ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଏକ ଜଳନ୍ତା ଭୂଖଣ୍ଡରେ ପରିଣତ କରିଛି। ଆଞ୍ଚଳିକ ସ୍ତରର ଏହି ଇନ୍ଧନ-ଯୁଦ୍ଧ ଆଉ ମାତ୍ର କିଛିଦିନ ଭିତରେ ସମଗ୍ର ବିଶ୍ୱକୁ ବ୍ୟାପିବ ଏବଂ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଛାରଖାର କରିଦେବ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏବେ ଇନ୍ଧନ ହିଁ ବିଶ୍ୱ ଅର୍ଥନୀତିର ମୁଖ୍ୟ ସଂଚାଳକ। ପୁଣି ବିଶ୍ୱର ୫୦% ପେଟ୍ରୋଲିୟମ୍ ଓ ୪୦% ପ୍ରାକୃତିକ ବାଷ୍ପ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଅଞ୍ଚଳରେ ଗଚ୍ଛିତ ଅଛି। ତେଣୁ ମଧ୍ୟପ୍ରାଚ୍ୟ ଓ ଉପସାଗରୀୟ ଇନ୍ଧନ ଭଣ୍ଡାର ଯଦି ଯୁଦ୍ଧରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତି ଉତ୍କଟ ସଙ୍କଟକୁ ଠେଲି ହୋଇଯିବା ନିଶ୍ଚିତ।

ଇରାନ୍‌ର ବେସାମରିକ ସ୍ଥଳ, ଏପରିକି ବିଦ୍ୟାଳୟ ଉପରେ ଅମାନବୀୟ ଆକ୍ରମଣ କରିଥିବା ଇସ୍ରାଏଲ୍ ଅତି ଅପରିଣାମଦର୍ଶୀ ଭାବେ ଇରାନ୍‌ର ତୈଳ ଭଣ୍ଡାର ଓ ବିଶୋଧନ କେନ୍ଦ୍ର ଆଦି ଉପରେ ଆକ୍ରମଣ କରୁଛି। ଇରାନ୍‌ର ଅର୍ଥନୀତିକୁ ଧୂଳିସାତ କରିବାର ଲକ୍ଷ୍ୟ ରଖିଥିବା ଯୁଦ୍ଧମତ୍ତ ଇସ୍ରାଏଲ୍ କିନ୍ତୁ ଏହାର ସୁଦୂର ପ୍ରସାରୀ ପ୍ରଭାବ ବୁଝିପାରୁନାହିଁ। ଏହିକ୍ରମରେ ଗତ ୧୮ ତାରିଖରେ ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ବାଷ୍ପ ଭଣ୍ଡାର ଇରାନ୍‌ର ସାଉଥ୍ ପାର୍ସ ଗ୍ୟାସ୍ ଫିଲ୍ଡ ଓ ବୁସାଲେସ୍ ପ୍ରୋଭିନ୍ସ ସ୍ଥିତ ଆସାଲୁଏ ଇନ୍ଧନ ଭଣ୍ଡାର ଉପରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ଆମେରିକା-ଇସ୍ରାଏଲ୍ ସହଯୋଗୀ କାତାରର ରାସ୍ ଲାଫାନ୍ ଇଣ୍ଡଷ୍ଟ୍ରିଆଲ୍ ସିଟିରେ ଥିବା ବିଶ୍ୱର ସର୍ବବୃହତ୍ ଏଲ୍‌ଏନ୍‌ଜି ରପ୍ତାନୀ ପ୍ଲାଣ୍ଟ ସମେତ ସାଉଦି ଆରବର ସାମ୍ରି ରିଫାଇନାରୀ, ଜୁବେଲ୍ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ୟୁଏଇର ଅଲ୍ ହୋସନ୍ ଗ୍ରାସ୍ ଫିଲ୍ଡ ଉପରେ ଇରାନ୍ ପାଲଟା ଆକ୍ରମଣ କରିଛି। ଏହାପୂର୍ବରୁ ଇରାନ୍‌ର କାରାଜ, ଶାହରନ୍, ଆଘଦାସେ ଓ ଶହର ଇ-ରେ ସମେତ ଦୈନିକ ୨ ଲକ୍ଷ ୨୫ ହଜାର ଉତ୍ପାଦନ କ୍ଷମତାବିଶିଷ୍ଟ ଇରାନ୍ ରାଜଧାନୀ ତେହେରାନ୍‌ର ତୈଳବିଶୋଧାନାଗାର ଉପରେ ଇସ୍ରାଏଲ୍ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିସାରିଛି। ଏହି ଆକ୍ରମଣ ଓ ପ୍ରତିଆକ୍ରମଣ ଜନିତ କ୍ଷତିର ଭରଣା ଏତେଶୀଘ୍ର ହେବା ସମ୍ଭବ ନଥିବାରୁ ଏହାର ତତ୍କାଳ ପ୍ରଭାବ ଇନ୍ଧନ ବଜାର ଜରିଆରେ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଯାଉଛି। କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ୍ ଆକ୍ରମଣ ଭୟରେ ତୈଳ ଉତ୍ତୋଳନ ପ୍ରକଳ୍ପ ଓ ବିଶୋଧନାଗାରଗୁଡ଼ିକୁ ବନ୍ଦ କରିଚାଲିଛନ୍ତି। ଏହାର ପ୍ରଭାବ ମଧ୍ୟ ବିଶ୍ୱ ତୈଳ ବଜାର ଉପରେ ତତ୍କାଳ ପଡ଼ିଛି। ପରିସ୍ଥିତି ଏଭଳି ହୋଇଛି ଯେ ଇନ୍ଧନଯୁଦ୍ଧର ପରିଣାମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଭୟଭୀତ ହୋଇସାରିଛନ୍ତି। ତେଣୁ ଇସ୍ରାଏଲ୍‌ର ଏହି ଅପରିଣାମଦର୍ଶୀ କାର୍ଯ୍ୟକଳାପ ପଛରେ ଆମେରିକା ହାତ ନାହିଁ କି ଆକ୍ରମଣର ସୂଚନା ଆମେରିକା ପାଖରେ ନଥିଲା ବୋଲି ଟ୍ରମ୍ପ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘୋଷଣା ପଛରେ କାତାର ଉପରେ ଇରାନ୍‌ର ସମ୍ଭାବ୍ୟ ବଡ଼ଧରଣର ଆକ୍ରମଣ ନେଇ ଟ୍ରମ୍ପଙ୍କ ଭୟ ବାରି ହୋଇପଡୁଛି ଏବଂ ଯୁଦ୍ଧର ଗତି କୁଆଡ଼େ ଯାଉଛି ତାହା କିଛିଟା ସ୍ପଷ୍ଟ ହେଉଛି।

ଅପରପକ୍ଷରେ ପେଟ୍ରୋଡଲାର ଚୁକ୍ତି ଅନୁଯାୟୀ ଆରବ ଓ ଉପସାଗରୀୟ ରାଷ୍ଟ୍ରଙ୍କୁ ଆମେରିକା ଦେଇଥିବା ପ୍ରତିରକ୍ଷା ଓ ସୁରକ୍ଷା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛି। ତେଣୁ ଉପସାଗରୀୟ ଓ ଆରବୀୟ ରାଷ୍ଟ୍ରମାନେ କ୍ଷୁବ୍ଧ ହୋଇଛନ୍ତି। ଇରାନ୍‌ର ଆକ୍ରମଣରେ କ୍ଷତିଗ୍ରସ୍ତ ଭିତ୍ତିଭୂମି ମରାମତି ପାଇଁ ବିପୁଳ ସମ୍ବଳ ଆବଶ୍ୟକ ହେଉଥିବାରୁ ଆରବୀୟ ରାଷ୍ଟ୍ରମାନେ ଆମେରିକାର ଟ୍ରେଜେରି ବଣ୍ଡରେ କରିଥିବା ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟା ଯେତେ ତ୍ୱରାନ୍ୱିତ ହେବ ଆମେରିକା ଅର୍ଥନୈତିକ ସଙ୍କଟ ସେତେ ଉତ୍କଟ ହୋଇଚାଲିବ। ବିଶ୍ୱବଜାରରେ ଆମେରିକା ଟ୍ରେଜେରି ବଣ୍ଡର ଚାହିଦା ହ୍ରାସ ପାଇ ମୂଲ୍ୟ କମିଲେ ଡଲାର ମଧ୍ୟ ଦୁର୍ବଳ ହେବ। ସେହିଭଳି ଇରାନ୍ ଆକ୍ରୋଶର ଶିକାର ହୋଇଥିବା ମଧ୍ୟପ୍ରାଚ୍ୟର ବିଭିନ୍ନ ଇନ୍ଧନ ପ୍ରକଳ୍ପରେ ଆମେରିକା ବିପୁଳ ନିବେଶ କରିଛି। ଇରାନ୍ ଆକ୍ରମଣରେ ସେଗୁଡ଼ିକ କ୍ଷତିଗ୍ରସ୍ତ ହେଉଥିବାରୁ ଆମେରିକାର ବିପୁଳ ପୁଞ୍ଜି ବୁଡ଼ିବାରେ ଲାଗିଛି। ଅପରପକ୍ଷରେ ଇରାନ୍ ବିରୋଧରେ ଯୁଦ୍ଧର ଅବଧି ଦୀର୍ଘ ହେବାକୁ ଥିବାରୁ ସେ ବାବଦରେ ମଧ୍ୟ ଆମେରିକାକୁ ବିପୁଳ ବ୍ୟୟ କରିବାକୁ ପଡ଼ିବ। ତେଣୁ ଯୁଦ୍ଧ ପରିସ୍ଥିତିରେ ଖୁବ୍‌ଶୀଘ୍ର ସୁଧାର ନ ଆସିଲେ ଆମେରିକା ଅର୍ଥନୀତି ଭୁଶୁଡ଼ି ପଡ଼ିବା ଥୟ। ଆମେରିକା ଅର୍ଥବ୍ୟବସ୍ଥାରେ ସାମାନ୍ୟତମ ଓଲଟପାଲଟ ହେଲେ ତାହା କିଭଳି ବିଶ୍ୱର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରେ ତାହାର ଶେଷତମ ଉଦାହରଣ ୨୦୦୮ ରେ ଆମେ ଦେଖିସାରିଛନ୍ତି। ଏଥର ଆମେରିକା ଏକ ବଡ଼ ଧରଣର ଆର୍ଥିକ ସଙ୍କଟର ସାମ୍ନା କରିବାକୁ ଯାଉଥିବାରୁ ତାହାର ପ୍ରଭାବ ବିଶ୍ୱରେ କ'ଣ ହେବ ତାହା ଅନୁମାନ କରିବା କଷ୍ଟକର ନୁହେଁ।

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଗୋଟିଏ ପକ୍ଷରେ ଇରାନ୍ ଓ ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍ ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ଅବଶିଷ୍ଟ ବିଶ୍ୱର ଅନେକ ରାଷ୍ଟ୍ରର ଅର୍ଥନୀତି ପରୋକ୍ଷ ପ୍ରଭାବିତ ହୋଇଛି। ଏବେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଶୁଳ୍କ ଆଦାୟ କରିବ ବୋଲି ଇରାନ୍ ଘୋଷଣା କରିଛି। ବିଶ୍ୱ ଇନ୍ଧନ ସଙ୍କଟକୁ ଟାଳିବା ପାଇଁ ଅନ୍ୟଦେଶର ଇନ୍ଧନବାହୀ ଜାହାଜ ଏହି ଶୁଳ୍କ ଦେବାକୁ ଏକପ୍ରକାର ବାଧ୍ୟ ହେବେ, ଯାହାର ପ୍ରଭାବ ବିଶ୍ୱ ଇନ୍ଧନ ବଜାରକୁ ଆକାଶଛୁଆଁ କରିବ। ଏଥିରେ ଭାରତ ପରି ବୃହତ୍ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରମାନଙ୍କର ଚାଲୁ ଖାତା ନିଅଣ୍ଟ ପରିମାଣ ଉଦ୍‌ବେଗଜନକ ଭାବେ ବଢ଼ିଯାଇ ବଜାର ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରକୁ ଖୁବ୍‌ଶୀଘ୍ର ସଞ୍ଚରି ଯିବ। ମଧ୍ୟପ୍ରାଚ୍ୟରୁ ପ୍ରବାସୀ ଭାରତୀୟମାନଙ୍କର ଘରବାହୁଡ଼ା ପର୍ବ ଆରମ୍ଭ ହେଲେ ଭାରତକୁ ଏକପକ୍ଷରେ ବୈଦେଶିକ ମୁଦ୍ରା ପ୍ରେରଣ ସଙ୍କୁଚିତ ହେବ ଏବଂ ଅପରପକ୍ଷରେ ଆଭ୍ୟନ୍ତରୀଣ ନିଯୁକ୍ତି ସଙ୍କଟ ଉତ୍କଟ ହେବ। ଏହାଛଡ଼ା ଅଧିକ ଲାଭ ଆଶାରେ ମଧ୍ୟପ୍ରାଚ୍ୟରେ ନିବେଶ ଓ ଜମା କରିଥିବା ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ନିବେଶକମାନଙ୍କର ହଜାର ହଜାର କୋଟି ଡଲାର ବୁଡ଼ିଯିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ଏହାର ସାମଗ୍ରିକ ପ୍ରଭାବ ବିଶ୍ୱ ପାଇଁ ଅର୍ଥନୈତିକ ମହାସଙ୍କଟକୁ ଆମନ୍ତ୍ରଣ କରିସାରିଛି, ଯାହାର ପରାଭବରୁ ବର୍ତ୍ତିବାର ଆଶା କ୍ଷୀଣ ହୋଇଚାଲିଛି।

## ସମ୍ପାଦକୀୟ



ବାସ୍ତବତା ଯେ ଅନ୍ତର୍ନିହିତ ଧାରଣାଠାରୁ ଭିନ୍ନ, ତାହା ଯେକୌଣସି ଘଟଣାରୁ ଧରାପଡ଼ିଯାଏ। ତେଣୁ ବୌଦ୍ଧ ଧର୍ମରେ ଅନ୍ଧବିଶ୍ୱାସ ଓ କଳ୍ପନା ଅଗ୍ରହଣୀୟ।

-ଦଲାଇ ଲାମା

# ଓଡ଼ିଶାରେ ବିଧାନ ପରିଷଦର ଆବଶ୍ୟକତା

ବୃହସ୍ପତି ସାମଲ

ଆଗକୁ ହେବାକୁ ଯାଉଥିବା ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତି ପରେ ଓଡ଼ିଶା ବିଧାନସଭାର ଆସନ ସଂଖ୍ୟା ୧୪୭ରୁ ପାଖାପାଖି ୨୦୦କୁ ବଢ଼ିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ନୂଆ, ଅତ୍ୟାଧୁନିକ ବିଧାନସଭା ଭବନ ନିର୍ମାଣ ଯୋଜନା ଏବଂ ଭବିଷ୍ୟତରେ ଯଦି ଉଚ୍ଚ ସଦନ ଗଠିତ ହୁଏ, ତେବେ ବର୍ତ୍ତମାନର ୭୦ ବର୍ଷ ପୁରୁଣା ବିଧାନସଭା ଭବନକୁ ବିଧାନ ପରିଷଦ ଭବନ ଭାବରେ ବ୍ୟବହାର କରାଯାଇପାରିବ ବୋଲି ନିକଟ ଅତୀତରେ ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟ ଆସିଥିବାରୁ ଓଡ଼ିଶାରେ ବିଧାନ ପରିଷଦ ଗଠନର ସମ୍ଭାବନା ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହାକୁ ସରକାରଙ୍କ ପକ୍ଷରୁ ପ୍ରଶାସନିକ ପ୍ରସ୍ତୁତିର ଏକ ସଙ୍କେତ ବୋଲି ଦେଖାଯାଉଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଶାସନକାଳରେ ମଧ୍ୟ ବିଧାନ ପରିଷଦ ଗଠନର ପ୍ରସଙ୍ଗ କେତେକ ସମୟରେ ଉଠିଥିଲା। ସେସମୟରେ ଏହାକୁ ପ୍ରଧାନତଃ ବରିଷ୍ଠ ନେତା, ବିଶେଷଜ୍ଞ ଓ ଦଳୀୟ ପୁରାତନ କର୍ମୀମାନଙ୍କୁ ଥଇଥାନ କରିବାର ଏକ ବିକଳ୍ପ ଉପାୟ ଭାବରେ ବିଚାର କରାଯାଇଥିଲା। କିନ୍ତୁ ଖର୍ଚ୍ଚ, ଉପଯୋଗିତା ଓ ରାଜନୈତିକ ସମ୍ମତିକୁ ନେଇ ମତାନ୍ତର ଥିବାରୁ ଏ ବାବଦରେ ବିଧାନସଭାରେ କୌଣସି ଔପଚାରିକ ପ୍ରସ୍ତାବ ଆଣାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଏହି ମତାମତକୁ ଦ୍ୱିସଦନୀୟ ବ୍ୟବସ୍ଥା ସୃଷ୍ଟିର ସମ୍ଭାବନା ସହିତ ଭୌତିକ ପ୍ରତିଷ୍ଠାନିକ ଢାଞ୍ଚାକୁ ସମନ୍ୱିତ କରିବାର ଏକ ପ୍ରଶାସନିକ ପଦକ୍ଷେପ ଭାବରେ ଦେଖାଯାଉଛି। ସୂଚନା ଅନୁଯାୟୀ ଆନୁମାନିକ ୩୮୭.୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ନୂଆ ବିଧାନସଭା ଭବନ, ଲୋକ ସେବା ଭବନ ଓ ବର୍ତ୍ତମାନର ବିଧାନସଭା ମଧ୍ୟବର୍ତ୍ତୀ ଜମିରେ ନିର୍ମାଣ ହେବ, ଯେଉଁଠି ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ପ୍ରାୟ ୩୦୦ ଜଣ ବିଧାୟକଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା ଉପଲବ୍ଧ ହେବ।

ଏଠି କହି ରଖିବା ଉଚିତ ହେବ ଯେ ବିଧାନ ପରିଷଦ ହେଉଛି ଏକ ସ୍ଥାୟୀ ଉଚ୍ଚ ସଦନ, ଯାହା ଆଇନ ନିର୍ମାଣ ପ୍ରକ୍ରିୟାରେ ଅନୁଭବ ଓ ଦକ୍ଷତାକୁ ଆଣିବାର ଉଦ୍ଦେଶ୍ୟ ରଖେ। ସମ୍ବିଧାନର ଧାରା ୧୬୯, ଏକ ରାଜ୍ୟକୁ ବିଧାନ ପରିଷଦ ସୃଷ୍ଟି କିମ୍ବା ବିଲୋପ କରିବାର ସୁଯୋଗ ଦେଇଥାଏ, ଯାହା ପାଇଁ ପ୍ରଥମେ ଏକ ବିଶେଷ ବହୁମତ ସହିତ ବିଧାନସଭାରେ ପ୍ରସ୍ତାବ ପାରିତ ଓ ଅନୁମୋଦିତ ହେବା ଆବଶ୍ୟକ। ପରେ ସଂସଦର ମଞ୍ଜୁରୀ ଓ ରାଷ୍ଟ୍ରପତିଙ୍କ ସମ୍ମତି ଆବଶ୍ୟକ ହୁଏ। ବିଧାନ ପରିଷଦର ସଦସ୍ୟମାନେ ବିଧାୟକ, ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା, ସ୍ନାତକ, ଶିକ୍ଷକ ଓ ରାଜ୍ୟପାଳଙ୍କ ଦ୍ୱାରା ମନୋନୟନ ମାଧ୍ୟମରେ ଚୟନ ହୁଅନ୍ତି। ଏହି ପ୍ରଣାଳୀ ଏହାକୁ କମ୍ ନିର୍ବାଚନୀ ଓ ଅଧିକ ସଂସ୍ଥାଗତ ଅନୁଭବ ପ୍ରତିନିଧିତ୍ୱ କରୁଥିବା ସଦନ ଭାବେ ଗଢ଼ିଥାଏ। ପ୍ରତି ଦୁଇବର୍ଷରେ ଏହାର ଏକ-ତୃତୀୟାଂଶ ସଦସ୍ୟ ଅବସର ନେଇଥା'ନ୍ତି ଏବଂ ଏହାର ସଦସ୍ୟ ସଂଖ୍ୟା ବିଧାନସଭା ସଦସ୍ୟ ସଂଖ୍ୟାର ଏକ-ତୃତୀୟାଂଶରୁ ଅଧିକ ହୋଇପାରେ ନାହିଁ। ଏହି ସଦନ ଅର୍ଥ ବିଲ୍ ଆଣିପାରେ ନାହିଁ ଏବଂ ସେଗୁଡ଼ିକୁ କେବଳ ୧୪ ଦିନ ପର୍ଯ୍ୟନ୍ତ ବିଳମ୍ବ କରିପାରେ। ସାଧାରଣ ବିଲ୍ ମାମଲାରେ ମଧ୍ୟ ସର୍ବାଧିକ ଚାରି ମାସ ପରେ ବିଧାନସଭାର ନିଷ୍ପତ୍ତି ହିଁ ଅନ୍ତିମ ହୁଏ। ବିଧାନ ପରିଷଦର ସରକାର ଗଠନ କିମ୍ବା ପତନରେ କୌଣସି ଭୂମିକା ନଥାଏ। ଅନ୍ୟପକ୍ଷରେ ବିଧାନସଭା ହେଉଛି ରାଜ୍ୟର ପ୍ରଧାନ ଆଇନ ନିର୍ମାଣ ସଦନ, ଯାହାର ସଦସ୍ୟମାନେ ସିଧାସଳଖ ଜନତାଙ୍କ ଦ୍ୱାରା ନିର୍ବାଚିତ। ଏହି କାରଣରୁ ଏହା ସର୍ବାଧିକ ଲୋକତାନ୍ତ୍ରିକ ସଂସ୍ଥା ଭାବେ ପରିଚିତ। ମନ୍ତ୍ରିମଣ୍ଡଳ ସମୂହଗତ ଭାବେ ବିଧାନସଭା ପ୍ରତି ଦାୟୀ ଥାଏ ଏବଂ ସରକାର କେବଳ ଏହି ସଦନର ବିଶ୍ୱାସ ହାରାଇଲା ମାତ୍ରେ ପତନ ହୁଏ। ବିଶେଷକରି ଅର୍ଥ ବିଲ୍ ସମ୍ବନ୍ଧୀୟ ସମସ୍ତ ଆର୍ଥିକ ଅଧିକାର ପ୍ରାୟ ସମ୍ପୂର୍ଣ୍ଣ ଭାବେ ବିଧାନସଭାର ହାତରେ ରହିଥାଏ।

ସଂବିଧାନ ରଚନାକାରମାନେ ବିଧାନ ପରିଷଦକୁ ଏକ ଚିନ୍ତନଶୀଳ ଓ ଅନୁଭବ ସମୃଦ୍ଧ ସଦନ ଭାବେ କଳ୍ପନା କରିଥିଲେ, ଯାହା ଆଇନ ନିର୍ମାଣକୁ ଗଭୀରତା ଦେବ। କିନ୍ତୁ ବାସ୍ତବରେ ଅନେକ ରାଜ୍ୟରେ ଏହା ହାରିଥିବା ନେତାଙ୍କ ପାଇଁ ପୁନର୍ବାସ କେନ୍ଦ୍ର, ଦଳୀୟ ନିଷ୍ଠାକୁ ପୁରସ୍କୃତ କରିବାର ଉପାୟ ଏବଂ ଜନମତକୁ ଏଡ଼ାଇ ଯିବାର ଏକ ପଛଦ୍ୱାର ଭାବେ ପରିଣତ ହୋଇଛି। ଏହାଫଳରେ ଏହି ସଦନ ତାହାର ଲୋକତାନ୍ତ୍ରିକ ମୂଲ୍ୟବୋଧ ଓ ନୀତିଗତ ମାନ୍ୟତା ହରାଇଛି। ନାମ ମନୋନୟନ ପ୍ରକ୍ରିୟା ନେଇ ମଧ୍ୟ ଗଭୀର ଆଶଙ୍କା ରହିଛି। ସମ୍ବିଧାନ ରାଜ୍ୟପାଳଙ୍କୁ ଶିକ୍ଷା, ସାହିତ୍ୟ, ବିଜ୍ଞାନ, ଆଇନ ଓ ସାମାଜିକ ସେବା କ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତିମାନଙ୍କ ନାମ ମନୋନୟନ କରିବାର ଅଧିକାର ଦେଇଛି। କିନ୍ତୁ ପ୍ରାୟୋଗିକ ଅନୁଭବ ଦେଖାଏ ଯେ ଏପରି ନାମ ମନୋନୟନ ଅନେକ ସମୟରେ ଶାସକ ଦଳର ଇଚ୍ଛାକୁ ମାତ୍ର ପ୍ରତିବିମ୍ବିତ କରେ। ସରକାରୀ ନିଗମ, ବୋର୍ଡ, କମିଶନ ଓ ସରକାରୀ ଅଧିବକ୍ତା ନିଯୁକ୍ତିରେ ଯେପରି ଦଳୀୟ ନିଷ୍ଠା ଦକ୍ଷତାଠାରୁ ଅଧିକ ଗୁରୁତ୍ୱ ପାଉଛି, ସେହି ପ୍ରବୃତ୍ତି ବିଧାନ ପରିଷଦରେ ମଧ୍ୟ ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶକ୍ତିଶାଳୀ ସଂଖ୍ୟାଗତ ଆଧିକ୍ୟ ଥିବା ଏକ ସରକାର ପାଇଁ ବିଧାନ ପରିଷଦ ଦଳୀୟ ଏକାଧିକାର ସୃଷ୍ଟି କରିବାର ଆଉ ଏକ ମଞ୍ଚ ହୋଇପାରେ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାନ ପରିଷଦ ଗଠନର ଅର୍ଥ ହେଉଛି ସ୍ଥାୟୀ ଆର୍ଥିକ ବୋଝ, ସଦସ୍ୟଙ୍କ ବେତନ, ଭତ୍ତା, ପେନସନ୍, କର୍ମଚାରୀ ନିଯୁକ୍ତି, ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ଖର୍ଚ୍ଚ। ନିକଟରେ ବିଧାୟକ ଓ ମନ୍ତ୍ରୀଙ୍କ ବେତନ ଓ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ଲୋକଙ୍କ ତୀବ୍ର ପ୍ରତିକ୍ରିୟା ପରେ ବାତିଲ କରାଯିବା ଏହି ବିଷୟର ସମ୍ବେଦନଶୀଳତାକୁ ସ୍ପଷ୍ଟ କରେ। ଯେତେବେଳେ ବର୍ତ୍ତମାନର ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ମଧ୍ୟ ଜନମାନସରେ ଅସନ୍ତୋଷ ସୃଷ୍ଟି କରୁଛି, ସେତେବେଳେ ଏକ ନୂଆ ସଦନ ସୃଷ୍ଟି କରିବାର ପ୍ରୟାସ ନିଶ୍ଚିତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ଏବେ ବି ଓଡ଼ିଶାର ମହାବାତ୍ୟା ସମୟର କଥା ମନେ ପଡ଼ିଲେ ଦେହ ଶିହରି ଉଠେ। ଆର୍ଥିକ ପରିସ୍ଥିତି ଏତେ ଖରାପ ଥିଲା ଯେ ସେ ସମୟରେ କର୍ମଚାରୀଙ୍କୁ ବେତନ ଦେବାକୁ ତତ୍କାଳୀନ କଂଗ୍ରେସ ସରକାର ପାଖରେ ଅର୍ଥର ଅଭାବ ଥିବା ଯୋଗୁଁ ବାରମ୍ବାର ଓଭରଡ୍ରାଫ୍ଟ କରିବାକୁ ପଡୁଥିଲା। ୨୦୦୦ରୁ ୨୦୦୯ ମଧ୍ୟରେ ଉଭୟ ବିଜେଡି ବିଜେପିର ମିଳିତ ସରକାର ଏବଂ ପରେ ପରେ ୨୦୨୪ ପର୍ଯ୍ୟନ୍ତ ଏକୁଟିଆ ବିଜେଡି ସରକାର ଆର୍ଥିକ ସୁପରିଚାଳନା କରି ଓଡ଼ିଶାକୁ ଏକ ନିଅଣ୍ଟିଆରୁ ବଳକା ରାଜ୍ୟରେ ପରିଣତ କରିଥିଲେ ହେଁ ଦୀର୍ଘ ୨୪ ବର୍ଷର ବିଜେଡି ଶାସନ ତୁଳନାରେ ବିଗତ ୨୧ ମାସର ବିଜେପି ସରକାରରେ ରାଜ୍ୟ ଋଣଭାର ଯଥେଷ୍ଟ ବୃଦ୍ଧି ପାଇଛି।

ବାତ୍ୟା ନିୟନ୍ତ୍ରଣ ଠାରୁ କୋଭିଡ୍ ମୁକାବିଲା ପର୍ଯ୍ୟନ୍ତ ବହୁକ୍ଷେତ୍ରରେ ଓଡ଼ିଶା ଜାତିସଂଘ ସହ ଦେଶବିଦେଶରୁ ପ୍ରଶଂସା ସାଉଁଟି ଥିଲେ ମଧ୍ୟ ଏବେ ବି ଅନେକ ଗାଁକୁ ଭଲ ରାସ୍ତାଟିଏ ନାହିଁ। ନଈନାଳ ଡେଇଁ ବିପଦସଂକୁଳ ଅବସ୍ଥାରେ ଛୋଟ ଛୋଟ ପିଲାମାନେ ପାଠ ପଢ଼ିବାକୁ ସଂଘର୍ଷ କରୁଛନ୍ତି। ଅପପୁଷ୍ଟିରେ ଏବେ ବି ଓଡ଼ିଶାରେ ଅନେକ ନଗଡ଼ାର ଚିତ୍ର ସ୍ପଷ୍ଟ ବାରିହୁଏ। ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ଅନ୍ୟ ରାଜ୍ୟ ତୁଳନାରେ ଢେର ତଳେ। ବିଶୁଦ୍ଧ ପାନୀୟ ଜଳ ତଥା ବିଜୁଳି ବ୍ୟବସ୍ଥା ଏବେ ବି ଅନେକଙ୍କ ପାଇଁ ସ୍ୱପ୍ନ। ଯୁବଗୋଷ୍ଠୀ ବେକାର। ଶ୍ରମିକ ଓ କୃଷକଙ୍କ ଦାବି ଅଣଦେଖା। ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା, ସାମୟିକ ଓ ଚୁକ୍ତିଭିତ୍ତିକ କର୍ମଚାରୀରେ ଭରପୂର। ସେମାନଙ୍କୁ ନିୟମିତ କରି ସମାନ କାମକୁ ସମାନ ଦରମା ଦେବାର ଯୋଗ୍ୟତା ଏଯାଏଁ କୌଣସି ସରକାର ଦେଖେଇ ପାରିଲେ ନାହିଁ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ କ୍ଷମତାସୀନ ସରକାରଙ୍କୁ ଅନେକ କିଛି କରିବାର ଅଛି। କେବଳ ସୌଧ ନିର୍ମାଣରେ, ଚମତ୍କାରୀ ନାରାବାଜିରେ, ରଙ୍ଗବେରଙ୍ଗର ମାଳମାଳ ବିଜ୍ଞାପନରେ ଅଥବା ରଙ୍ଗ ପରିବର୍ତ୍ତନରେ ବିକାଶ ହୁଏ ନାହିଁ।

ସମ୍ବିଧାନର ଧାରା ୧୬୯ ରାଜ୍ୟମାନଙ୍କୁ ବିଧାନ ପରିଷଦ ଗଠନ କରିବାର ସାମ୍ବିଧାନିକ ଅଧିକାର ଦେଇଛି ସତ, କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ। ଏହା ଏକ ପ୍ରକ୍ରିୟା ମାତ୍ର, ଆଦେଶ ନୁହେଁ। ଏହି ଶକ୍ତିକୁ ବ୍ୟବହାର କରିବା ସମୟରେ ସଂଯମ, ସାର୍ବଜନୀନ ହିତ ଓ ନୀତିଗତ ଦାୟିତ୍ୱ ଆବଶ୍ୟକ। ଯେତେଦିନ ପର୍ଯ୍ୟନ୍ତ ବିଧାନ ପରିଷଦ ପକ୍ଷଧରମାନେ ସ୍ପଷ୍ଟ ଭାବେ ପ୍ରମାଣ କରିପାରୁନାହାନ୍ତି ଯେ ଏହାର ଲାଭ ତାହାର ଖର୍ଚ୍ଚକୁ ଅତିକ୍ରମ କରିବ ଏବଂ ଏହା ରାଜନୈତିକ ବର୍ଗ ବିସ୍ତାର ନୁହେଁ, ବରଂ ଶାସନର ଗୁଣାତ୍ମକତା ବୃଦ୍ଧି କରିବ, ସେପର୍ଯ୍ୟନ୍ତ ଏପରି ପ୍ରସ୍ତାବକୁ ଯୁକ୍ତିସଂଗତ କହିବା କଠିନ। ତେଣୁ ବିଧାନ ପରିଷଦ ପ୍ରସଙ୍ଗର ପୁନରୁତ୍ଥାନ ନିରବ ପ୍ରଶାସନିକ ପ୍ରସ୍ତୁତି ନୁହେଁ, ବରଂ ଖୋଲା ସାର୍ବଜନୀନ ଚର୍ଚ୍ଚା ଦାବି କରେ। ସୌଧ ନିର୍ମାଣ ନୁହେଁ, ବରଂ ଦେଶର ଆର୍ଥିକ ବିକାଶ ସରକାରଙ୍କ ପ୍ରାଥମିକତା ହେବା ଜରୁରୀ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬

# କାଦୁଅ ମୂର୍ତ୍ତିରୁ ସିଲିକନ୍ କ୍ଲାଉଡ୍ ପର୍ଯ୍ୟନ୍ତ

ସୁରେନ୍ଦ୍ରନାଥ ପଶୁପାଳକ




ଶ୍ରେଣୀଗୃହ କେବଳ ଚାରିକାନ୍ଥର ଏକ ଆବଦ୍ଧ କୋଠରି ନୁହେଁ; ବରଂ ପରିବେଶବିତ୍ ଜି.ଇ. ହଚିନସନଙ୍କ ଭାଷାରେ ଏହା ଏକ 'ହାଇପର-ଭଲ୍ୟୁମ୍'। ଏହା ଏମିତି ଏକ କ୍ଷେତ୍ର, ଯେଉଁଠି ମଣିଷର ଜୈବିକ, ସାମାଜିକ ଓ ଜ୍ଞାନଗତ ବିଭାବର ମିଳନ ଘଟେ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହି କ୍ଷେତ୍ର ମଧ୍ୟରେ ଏକ ଲମ୍ବା ଯାତ୍ରା କରିଛି। ପ୍ରାଚୀନ ଗୁରୁକୁଳର ମୁକ୍ତଆକାଶରୁ ଆରମ୍ଭ କରି ଆଜିର 'ସ୍ମାର୍ଟ୍ କ୍ଲାସ' ପର୍ଯ୍ୟନ୍ତ ଏହି ପରିବର୍ତ୍ତନ ଯେତିକି ଚମତ୍କାର, ସେତିକି ଚିନ୍ତାଜନକ। ଆଜିର ଏଆଇ ଯୁଗରେ ଆମେ ନିଜକୁ ପଚାରିବା ଉଚିତ୍ ଯେ ଆମେ ପ୍ରକୃତରେ ପ୍ରଗତି କରୁଛୁ ନା ଆମର ବୁଦ୍ଧିମତ୍ତା ଧୀରେ ଧୀରେ ସଂକୁଚିତ ହେଉଛି?

ଭାରତୀୟ ଶିକ୍ଷାର ସବୁଠାରୁ ବଡ଼ ଶାରୀରିକ ପରିବର୍ତ୍ତନ ଥିଲା ମୁକ୍ତ ଗୁରୁକୁଳରୁ ଚାରିକାନ୍ଥର ଆବଦ୍ଧ କୋଠରି। ଗୁରୁକୁଳରେ ଶିକ୍ଷା ଥିଲା ପ୍ରକୃତି ସହ ସଂପୃକ୍ତ, ଯେଉଁଠି ଜ୍ଞାନର କୌଣସି ସୀମା ନଥିଲା। ରବୀନ୍ଦ୍ରନାଥ ଠାକୁର ଏହି ଦର୍ଶନକୁ ଶାନ୍ତିନିକେତନରେ ପ୍ରାଧାନ୍ୟ ଦେଇଥିଲେ। ସେ ବିଶ୍ୱାସ କରୁଥିଲେ ଯେ କାନ୍ଥ ମଣିଷର କଳ୍ପନାକୁ ବନ୍ଦୀ କରିଦିଏ। କିନ୍ତୁ ବ୍ରିଟିଶ୍ ଶାସନ କାଳରେ ଆରମ୍ଭ ହେଲା 'ଫ୍ୟାକ୍ଟ୍ରି ମଡେଲ୍'ବେଞ୍ଚ, ଡେସ୍କ ଓ ଚାରିକାନ୍ଥ। ଏହି ଶିକ୍ଷା ବ୍ୟବସ୍ଥା ମଣିଷକୁ ଏକ ପ୍ରଶାସନିକ ଯନ୍ତ୍ରର କୋଗ୍ ଭାବରେ ଗଢ଼ିବା ପାଇଁ ତିଆରି ହୋଇଥିଲା।

ଶିକ୍ଷାର ପ୍ରକ୍ରିୟାରେ ଜେନ୍ ଏକ୍ସ ରୁ ଜେନ୍ ଆଲ୍‌ଫା ପର୍ଯ୍ୟନ୍ତ ଏକ ବିରାଟ ପରିବର୍ତ୍ତନ ଘଟିଛି। ଜେନ୍ ଏକ୍ସ ଥିଲେ ଶ୍ରମିକ। ସେମାନେ ନିଜେ ନୋଟ୍ ଲେଖୁଥିଲେ, ତାହାକୁ ପୁଣି ଥରେ ନକଲ କରି ମନେ ରଖୁଥିଲେ। ଜେନ୍ ୱାଇ ଆସିବା ପରେ କଲମର ସ୍ଥାନ ନେଲା କି-ବୋର୍ଡ। ଏହିଠାରୁ ହିଁ 'କପି-ପେଷ୍ଟ' ସଂସ୍କୃତିର ଜନ୍ମ ହେଲା। ତଥ୍ୟ ସ୍କ୍ରିନ୍‌ରୁ ସ୍କ୍ରିନ୍‌କୁ ଗଲା ସତ, କିନ୍ତୁ ମସ୍ତିଷ୍କ ଭିତରକୁ ଗଲା ନାହିଁ। ଆଜିର ଜେନ୍ ଆଲ୍‌ଫା ପିଢ଼ିରେ ଏଆଇ ନିଜେ ନୋଟ୍ ଲେଖିଦେଉଛି। ଫଳରେ ମସ୍ତିଷ୍କ କେବଳ ଜ୍ଞାନର ଜଣେ 'ଯାତ୍ରୀ' ହୋଇ ରହିଯାଇଛି, 'ଚାଳକ' ନୁହେଁ। ୧୯୬୦ ଦଶକରେ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାଦୁଅରେ ମୂର୍ତ୍ତି ତିଆରି କରିବା ପାଠ୍ୟକ୍ରମର ଅଂଶ ଥିଲା। ଏହା କେବଳ ଖେଳ ନଥିଲା, ବରଂ ଏହା ଥିଲା ମସ୍ତିଷ୍କର ପ୍ରଶିକ୍ଷଣ। କାଦୁଅରେ କାମ କରିବା ଦ୍ୱାରା ହାତର ସୂକ୍ଷ୍ମ କୌଶଳ ବା ମୋଟୋର ସ୍କିଲ୍ ଓ ସୃଜନଶୀଳତା ବଢୁଥିଲା। ଆଜି ସେହି କାଦୁଅର ସ୍ଥାନ ନେଇଛି ଟ୍ୟାବଲେଟ୍।

ବିଶ୍ୱର ଅଭିଜ୍ଞତା ଆମକୁ କିଛି ଅଲଗା ସୂଚନା ଦେଉଛି। ଡେନମାର୍କ, ଯିଏ ଦିନେ ସବୁକିଛି ଡିଜିଟାଲ୍ କରିଦେଇଥିଲା, ସେ ଏବେ ପୁଣି ଥରେ ବହିକୁ ଫେରୁଛି। ଆମେରିକାରେ ଲ୍ୟାପଟପ୍ ଓ ଆଇପ୍ୟାଡ୍ ବଣ୍ଟାଯିବା ପରେ ଗବେଷଣାରୁ ଜଣାପଡ଼ିଲା ଯେ ପିଲାଙ୍କ ମଧ୍ୟରେ ଗଭୀର ଚିନ୍ତାଧାରା ଓ ସୃଜନଶୀଳତା କମିବାରେ ଲାଗିଛି। କଲମ ଓ କାଦୁଅର ସେହି 'ଧୀର' ସଂଘର୍ଷ ହିଁ ମସ୍ତିଷ୍କର ସ୍ନାୟୁକୁ ସକ୍ରିୟ କରିଥାଏ। ବିବର୍ତ୍ତନବାଦର ନିୟମ କହେ, ଯେଉଁ ଅଙ୍ଗର ବ୍ୟବହାର ହୁଏ ନାହିଁ ତାହା ଧୀରେ ଧୀରେ ନଷ୍ଟ ହୋଇଯାଏ। ଯଦି ଆମେ ଆମର ସ୍ମୃତିଶକ୍ତିକୁ ଗୁଗୁଲ୍ ଏବଂ ବିଶ୍ଳେଷଣ ଶକ୍ତିକୁ ଏଆଇ ପାଖରେ ବିକି ଦେବା, ତେବେ ଆମେ ପ୍ରକୃତରେ ପ୍ରଗତି କରୁନାହୁଁ, ବରଂ ଜ୍ଞାନଗତ ପତନ ଆଡ଼କୁ ଗତି କରୁଛୁ ବୋଲି ଭାବିବାକୁ ହେବ।

ଏବେ ଯନ୍ତ୍ର ବଢୁଛି, କିନ୍ତୁ ମଣିଷର ବୈଜ୍ଞାନିକ ଓ ଚିନ୍ତନ ଶକ୍ତି ଦୁର୍ବଳ ହେଉଛି। ବିଜ୍ଞତାର ସୁରକ୍ଷା ବୈଷୟିକ କିମ୍ବା ପ୍ରଯୁକ୍ତି ବିଦ୍ୟା ବିରୁଦ୍ଧରେ କୌଣସି ଯୁଦ୍ଧ ନୁହେଁ। ବୈଷୟିକ ଜ୍ଞାନକୌଶଳ ନିଶ୍ଚିତ ଭାବେ ଦରକାର, କିନ୍ତୁ ସାବଧାନତାର ସହ। ବିଶେଷକରି ପ୍ରାଥମିକ ଶିକ୍ଷା ସମୟରେ ବିଦ୍ୟାଳୟଗୁଡ଼ିକ 'ଧୀର କଲମ' ଏବଂ 'କାଦୁଅର ମୂର୍ତ୍ତି' ପରି ମୌଳିକ କାର୍ଯ୍ୟକୁ ଧରି ରଖିବା ଉଚିତ୍। ତଥ୍ୟ ପାଇଁ ଏଆଇର ସାହାଯ୍ୟ ନିଅନ୍ତୁ, କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆନାଲଗ୍ ପଦ୍ଧତିକୁ ବଞ୍ଚାଇ ରଖନ୍ତୁ। ଆମକୁ ସମୟର ଚକକୁ ଟିକେ ପଛକୁ ବୁଲାଇବାକୁ ପଡ଼ିବ, ଯେମିତି ଆମ ପିଲାମାନେ ଏଆଇ ଯୁଗର ମାଲିକ ହୋଇ ରହିବେ, କେବଳ ତାହାର ଦାସ ନୁହେଁ।

ଭୁବନେଶ୍ୱର, ମୋ: ୭୭୩୫୩୭୪୯୭

# କୀଟଙ୍କୁ କ୍ଷମାପ୍ରାର୍ଥନାର ଆଉ ଏକ ପର୍ବ: କଦଲେଟା

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ଜାପାନ ଭଳି ଭାରତରେ ମଧ୍ୟ କୀଟପତଙ୍ଗଙ୍କ ବଳିଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ପାଇଁ ବିଭିନ୍ନ ପର୍ବ ଓ ଉତ୍ସବ ପାଳନ କରାଯାଏ। ଝାଡ଼ଖଣ୍ଡରେ ଏକ ନିଆରା ପରମ୍ପରାଗତ ପର୍ବ ପାଳିତ ହୋଇଥାଏ, ଯାହା 'କଦଲେଟା ପୂଜା' ନାମରେ ପରିଚିତ। ଏହି ପର୍ବକୁ 'ଡଣ୍ଡାକଟ୍ଟନା' ମଧ୍ୟ କୁହାଯାଏ। ମୁଖ୍ୟତଃ ଝାଡ଼ଖଣ୍ଡରେ ରହୁଥିବା ସରନା ନାମକ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଏହି ପର୍ବ ଭାଦ୍ରବ ମାସ ବା ପ୍ରାୟ ସେପ୍ଟେମ୍ବର ମାସରେ ପାଳନ କରାଯାଇଥାଏ। ଏହି ସମୟରେ କ୍ଷେତରେ ଭରପୂର ଫସଲ ରହିଥାଏ। ଆର୍ଦ୍ର ଜଳବାୟୁ ଯୋଗୁଁ ଫସଲରେ ବିଭିନ୍ନ ପ୍ରକାର କୀଟ ସଂକ୍ରମଣର ଆଶଙ୍କା ଥାଏ। ତେଣୁ ଫସଲକୁ କୀଟଙ୍କଠାରୁ ରକ୍ଷା କରିବା ପାଇଁ କୀଟନାଶକ ଔଷଧ ଅଧିକ ମାତ୍ରାରେ ପ୍ରୟୋଗ କରାଯାଏ। ତେଣୁ ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୀଟନାଶକ ପ୍ରଭାବରେ ମୃତକୀଟଙ୍କ ବଳିଦାନ ଏବଂ ହତ୍ୟା ଭଳି କୁକର୍ମ ପାଇଁ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି କାମନା କରିବା। ବିଶ୍ୱାସ ରହିଛି ଯେ ନିଜର ସ୍ୱାର୍ଥ ପାଇଁ କୀଟଗୁଡ଼ିକୁ ମାରି ଦିଆଯାଉଥିବାରୁ ମଣିଷମାନେ ଯେଉଁ ପାପ କରିଥା'ନ୍ତି, କ୍ଷମା ପ୍ରାର୍ଥନା କଲେ ଉକ୍ତ ପାପ ଦୂର ହୋଇଥାଏ। ଯେଉଁଠି ଏହି ପୂଜା ଅନୁଷ୍ଠିତ ହୋଇଥାଏ, ତାହାକୁ 'ସରନା ସ୍ଥଳ', 'କଦଲେଟା ଟାଙ୍ଗ' ବା 'ପୂଜାଟାଙ୍ଗ' ବୋଲି କୁହାଯାଏ। ଲୋକମାନେ ଏକତ୍ରିତ ହୋଇ କ୍ଷମାପ୍ରାର୍ଥନା କରିବା ସହିତ କୀଟଙ୍କ ଆତ୍ମାର ସଦ୍‌ଗତି ପାଇଁ ସମବେତ ପୂଜା କରିଥା'ନ୍ତି।

ପ୍ରଥମେ ପୂଜାସ୍ଥଳକୁ ଗୋବରରେ ଲିପାଯାଇ ପବିତ୍ର କରାଯାଏ। ଏହାପରେ 'ଭେଲ୍‌ଭା' ଓ 'କେଉଁନ୍ଦ' ବା 'ତେନ୍ଦୁ' ନାମକ ଗଛର ପତ୍ରକୁ ପୂଜାସ୍ଥଳରେ ରଖାଯାଏ। ସରନା ସମ୍ପ୍ରଦାୟଙ୍କ ପୂଜକ(ପାହନ, ପୂଜାର ବା ମହତୋ)ଙ୍କ ଦ୍ୱାରା ପୂଜା ସମାପ୍ତ ହେବା ପରେ ସମସ୍ତେ ଉତ୍ତମ ଫସଲ ହେବା ସହିତ ଭଲ ବର୍ଷା ହେବା ଏବଂ ଫସଲକୁ ଜଙ୍ଗଲୀ ପଶୁ ଓ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ପ୍ରକୃତି ମାତା ଆଦିଶକ୍ତିଙ୍କୁ ପ୍ରାର୍ଥନା କରିଥା'ନ୍ତି। ଏହାପରେ କୀଟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଏ। ଏଭଳି କରିବା ଦ୍ୱାରା କୀଟହତ୍ୟା ପାପ ଦୂର ହେବା ସହିତ ଆଦିଶକ୍ତି ପ୍ରସନ୍ନ ହୋଇଥା'ନ୍ତି ଏବଂ ଗ୍ରାମବାସୀଙ୍କ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜା ପରେ ଖେଚୁଡ଼ି କିମ୍ବା ଖିରୀ ଭୋଗ ହୋଇଥାଏ, ଯାହାକୁ ପ୍ରସାଦ ଭାବେ ସମସ୍ତେ ଗ୍ରହଣ କରିଥା'ନ୍ତି। ପୂଜାସ୍ଥାନରେ ବିଭିନ୍ନ ପରମ୍ପରାଗତ ବାଦ୍ୟର ତାଳେ ତାଳେ ଲୋକନୃତ୍ୟର ଆୟୋଜନ ମଧ୍ୟ କରାଯାଏ।

କଦଲେଟା ପର୍ବର ତୃତୀୟ ଦିନରେ ଚାଷୀଭାଇମାନେ ନିଜ ନିଜ କ୍ଷେତରେ ଭେଲ୍‌ଭା, କେଉଁନ୍ଦ ଓ ଶାଳ ଗଛର ଡାଳ ପୋତିଥା'ନ୍ତି। ଏହାଦ୍ୱାରା ଫସଲ ଉପରେ ଥିବା କୁଦୃଷ୍ଟି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ମାନ୍ୟତା ଓ ଲୋକବିଶ୍ୱାସ ଅନୁସାରେ ଭେଲ୍‌ଭା ଓ କେଉଁନ୍ଦ ଗଛର ଡାଳ ଓ ପତ୍ର ଝଡ଼ାଫୁଙ୍କା ଦିଗରେ ସହାୟକ। ଏହାବ୍ୟତୀତ ଏହି ଡାଳ ଉପରେ ବିଭିନ୍ନ ପ୍ରକାର ପକ୍ଷୀ ଆସି ବସିଥା'ନ୍ତି, ଯେଉଁମାନେ ଫସଲରେ ଥିବା କେତେକ କୀଟକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ତେଣୁ ପରୋକ୍ଷ ଭାବରେ ଫସଲ ସୁରକ୍ଷିତ ହୋଇ ରହିଥାଏ।

ଭାରତର ସ୍ଥଳବିଶେଷରେ ଏଭଳି ଅନେକ କୃଷିଭିତ୍ତିକ ପର୍ବ ପାଳନ କରାଯାଏ, ଯାହାର ନିଜସ୍ୱ ସ୍ୱତନ୍ତ୍ରତା ଓ ମହତ୍ତ୍ୱ ରହିଛି। ଓଡ଼ିଶାରେ ମଧ୍ୟ ବର୍ଷା ଋତୁରେ କ୍ଷେତରେ ବେଉଷଣ ଆରମ୍ଭ ହେବା ପୂର୍ବରୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଓ ପୂଜା କରାଯିବାର ପରମ୍ପରା ଏବେ ମଧ୍ୟ କେତେକ ଗ୍ରାମରେ ବଞ୍ଚି ରହିଛି। କ୍ଷେତକୁ ଯାଉଥିବା ଚାଷୀଭାଇମାନଙ୍କୁ କୌଣସି କ୍ଷତି ନ କରିବା ପାଇଁ ଏହି ପର୍ବରେ ଗେଣ୍ଡାମାନଙ୍କୁ ପ୍ରାର୍ଥନା କରାଯାଇଥାଏ ଏବଂ ଚାଷ ପ୍ରକ୍ରିୟାରେ ଯଦି ଗେଣ୍ଡାମାନଙ୍କର ଶରୀର କ୍ଷତବିକ୍ଷତ ହୁଏ ସେଥିପାଇଁ ମଧ୍ୟ କ୍ଷମାପ୍ରାର୍ଥନା କରାଯାଏ। କୀଟଙ୍କ ବଳିଦାନ ପାଇଁ କ୍ଷମାପ୍ରାର୍ଥନା କରିବାର ଏହି ନିଆରା ଶୈଳୀ ପ୍ରକୃତରେ ଅବର୍ଣ୍ଣନୀୟ। ଏହିଭଳି ପର୍ବରେ ଭାରତୀୟ ସଂସ୍କୃତିର ମୂଳ ଜୀବେଦୟା ସ୍ପଷ୍ଟଭାବେ ଦୃଶ୍ୟମାନ ହେଉଛି, ଯାହାକି ବିଶ୍ୱସ୍ତରରେ ଏକ ଅନନ୍ୟ ଉଦାହରଣ ହୋଇପାରିବ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରୀ ଜମି ଜବରଦଖଲମୁକ୍ତ କରିବାକୁ ତତ୍ପରତା ଦେଖାଅ: ହାଇକୋର୍ଟ

କଟକ, ୧୯ ।୩(ସମିସ): ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ଦିଗରେ ତତ୍ପରତା ପ୍ରକାଶ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଗୋଟିଏପଟେ ଜବରଦଖଲ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରୁଥିବା କହୁଥିବା ବେଳେ ଏହାର କାର୍ଯ୍ୟକାରିତା ଉତ୍ସାହଜନକ ହୋଇ ନଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ପ୍ରତାପପସି ମୌଜାର ସରକାରୀ ଜମିରୁ ଜବରଦଖଲ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇ ହାଇକୋର୍ଟ ଏହା କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସାଇବୁ ମହାନ୍ତ ଓ ଶୁକଦେବ ମହାନ୍ତଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସରକାରୀ ଜମିରୁ ବେଆଇନ ଦଖଲ ଉଚ୍ଛେଦ ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରଦର୍ଶନ ଗ୍ରହଣୀୟ ନୁହେଁ । ଜବରଦଖଲ ଉଚ୍ଛେଦ ପାଇଁ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ପ୍ରକ୍ରିୟା ସରକାର ଆରମ୍ଭ କରିବା ଉଚିତ ବୋଲି ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ପୂର୍ବ ନିର୍ଦ୍ଦେଶ ପାଳନ କରି ଚମ୍ପୁଆ ତହସିଲଦାର ଆର.କେ.ପଣ୍ଡା ଆଜି ମାମଲାର ଶୁଣାଣି ବେଳେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ । ଏଥିସହ ୨୨ଜଣ ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ବୋଲି ତହସିଲଦାରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ।

ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ତହସିଲ ଅନ୍ତର୍ଗତ ପ୍ରତାପପସି ମୌଜାରେ ବ୍ୟାପକ ସରକାରୀ ଜମି ଜବରଦଖଲ କରାଯାଇଥିବା ବେଳେ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଗ୍ରାମବାସୀ ଏହି ଜନସ୍ୱାର୍ଥ ଆବେଦନ ଦାୟର କରିଥିଲେ । ସତ୍ୟପାଠ ଦାଖଲ ପାଇଁ ରହିଥିବା ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା ପାଇଁ ଚମ୍ପୁଆ ତହସିଲଦାରଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଗତ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶ ଦିଆଯାଇଥିଲା ।

## ପିଜି ପ୍ରବେଶିକା ପରୀକ୍ଷା ଆବେଦନ ଅବଧି ୨୨ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୯ ।୩(ସମିସ): ସ୍ନାତକୋତ୍ତର ନାମଲେଖାଇବାକୁ ଏକକ ପ୍ରବେଶିକା ପରୀକ୍ଷା ସିପିଇଟି ପାଇଁ ଆବେଦନ ଅବଧି ବୃଦ୍ଧି ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆବେଦନ ଅବଧି ଗତକାଲି ଶେଷ ହେଉଥିବାବେଳେ ଛାତ୍ରଛାତ୍ରୀଙ୍କ ଆବେଦନକୁ ଦୃଷ୍ଟିରେ ରଖି ଅବଧି ବୃଦ୍ଧି କରାଯାଇଛି । ଆବେଦନରେ କୌଣସି ତ୍ରୁଟି ଥିଲେ ୨୩ ତାରିଖ ୧୧ଟା ମଧ୍ୟରେ ସଂଶୋଧନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏପ୍ରିଲ ୨୩ ରେ ଏସ୍‌ଏସ୍‌ବି ୱେବସାଇଟ୍‌ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବା ପରେ ୨୭ରୁ ମେ ୧୦ ମଧ୍ୟରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ୧୧ ତାରିଖରେ ପ୍ରୋଭିଜିନାଲ୍ ଆନସାର୍ କି ପ୍ରକାଶ ପାଇବା ପରେ କୌଣସି ଉତ୍ତରକୁ ନେଇ ପରୀକ୍ଷାର୍ଥୀଙ୍କ କୌଣସି ଆପତ୍ତି ଥିଲେ ୧୨ ରୁ ୧୪ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ ।

## ଜବତ ବେଆଇନ ବାଣ ବିକ୍ରି ପାଇଁ ଅନୁମତି ଦେଲେ ହାଇକୋର୍ଟ

### ମାମଲା ଫଇସଲା ପର୍ଯ୍ୟନ୍ତ ବିକ୍ରିଲବ୍ଧ ଅର୍ଥ ବ୍ୟାଙ୍କରେ ଜମା ରହିବ

କଟକ, ୧୯ ।୩ (ସମିସ): ପୁଲିସ ଦ୍ୱାରା ଜବତ ହୋଇଥିବା ବେଆଇନ ବାଣକୁ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ । ଜବତ ବାଣଗୁଡ଼ିକୁ ସର୍ତ୍ତମୂଳକ ଭାବେ ଆବେଦନକାରୀଙ୍କୁ ଫେରସ୍ତ କରାଯିବ । ଆବେଦନକାରୀ ଏହି ବାଣଗୁଡ଼ିକୁ କେବଳ ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କୁ ହିଁ ବିକ୍ରି କରିପାରିବେ ଏବଂ ସେହି ବ୍ୟବସାୟୀଙ୍କ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରିବାକୁ ପଡ଼ିବ । ସେହିଭଳି ବାଣ ବିକ୍ରିରୁ ମିଳିଥିବା ସମସ୍ତ ଅର୍ଥ ନିମ୍ନ ଅଦାଲତରେ ଜମା କରାଯିବ । ପରେ ଏହି ଅର୍ଥକୁ ଏକ ସୁଧ ମିଳୁଥିବା ବ୍ୟାଙ୍କ ଆକାଉଣ୍ଟରେ ରଖାଯିବ । ଏହି ଜମାରାଶି ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମୀନକେତନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ଧର୍ମଗଡ଼ ଏସ୍‌ଡିଜେଏମ୍ ଅଦାଲତଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି ହାଇକୋର୍ଟ । ଏହି ପ୍ରକ୍ରିୟାରେ ବିସ୍ଫୋରକ ଅଧିନିୟମ, ୧୮୮୪ ଏବଂ ବିସ୍ଫୋରକ ନିୟମାବଳୀ, ୨୦୦୮ ର ସମସ୍ତ ନିୟମାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶିତ ରାୟରେ ହାଇକୋର୍ଟ କହିଛନ୍ତି ଯେ ବାଣଗୁଡ଼ିକ ଅଧିକ ଦିନ ରହିଲେ ଶୀଘ୍ର ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ବାଣଗୁଡ଼ିକ ନଷ୍ଟ ହୋଇଯିବା ଅପେକ୍ଷା ଏହାକୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତରେ ମୁକ୍ତ କରିବା ନ୍ୟାୟର ପରିପନ୍ଥୀ ହେବ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଆବେଦନକାରୀ ବାଣ ଫେରସ୍ତ ପାଇବାର ଦୁଇ ସପ୍ତାହ ମଧ୍ୟରେ ବିକ୍ରି ପ୍ରକ୍ରିୟା ଶେଷ କରିବାକୁ ହେବ । ବାଣଗୁଡ଼ିକୁ ମୁକ୍ତ କରିବା ପୂର୍ବରୁ ସେଗୁଡ଼ିକର ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରାଯିବ । ଏଥିରେ ବ୍ୟାଚ୍ ନମ୍ବର ଏବଂ ବାଣର ପ୍ରକାର ସ୍ପଷ୍ଟ ଭାବେ ଦେଖାଯିବା ଆବଶ୍ୟକ, ଯାହାକୁ ପରବର୍ତ୍ତୀ ସମୟରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ ବୋଲି ଅଦାଲତ କହିଛନ୍ତି ।

ପ୍ରକାଶଥାଉକି, ଲକ୍ଷାଧିକ ଟଙ୍କାର ଜବତ ବାଣ ଫେରସ୍ତ ଆବେଦନ କରି ଏସ୍‌ଡିଜେଏମଙ୍କ ଅଦାଲତରେ ଆବେଦନକାରୀ ଦାୟର କରିଥିବା ଆବେଦନ ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ସରକାରୀ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ନାଗରିକଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇ ପାରିବ ନାହିଁ : ହାଇକୋର୍ଟ

କଟକ, ୧୯ ।୩ (ସମିସ): କୌଣସି ଜନହିତକର କାର୍ଯ୍ୟରେ ବ୍ୟବହୃତ ବ୍ୟକ୍ତିଗତ ଜମିର ମାଲିକଙ୍କୁ ତାଙ୍କର ନ୍ୟାୟସଙ୍ଗତ କ୍ଷତିପୂରଣରୁ ସରକାର ବଞ୍ଚିତ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ ଯେତେବେଳେ ଜଣେ ନାଗରିକଙ୍କ ଜମି ସରକାରୀ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୁଏ, ସେତେବେଳେ ସେ କ୍ଷତିପୂରଣ ପାଇବାକୁ ସମ୍ପୂର୍ଣ୍ଣ ହକ୍‌ଦାର । ବ୍ରହ୍ମପୁରର ଏକ ଜଳଯୋଗାଣ ପ୍ରକଳ୍ପ ପାଇଁ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମି ବ୍ୟବହାର କରାଯାଇଥିବାରୁ ଜମି ମାଲିକଙ୍କୁ ୧୨ ପ୍ରତିଶତ ସୁଧ ସହ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ବିଷ୍ଣୁପ୍ରସାଦ ସାହୁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆସନ୍ତା ୬ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ କ୍ଷତିର ଆକଳନ କରି ସରକାର ଏକ କ୍ଷତିପୂରଣ ରାଶି ସ୍ଥିର କରିବେ । ନିର୍ଦ୍ଧାରିତ କ୍ଷତିପୂରଣ ରାଶିକୁ ଗତ ୨୦୧୯ ଡିସେମ୍ବରରୁ ବାର୍ଷିକ ୧୨ପ୍ରତିଶତ ସୁଧ ହାରରେ ପ୍ରଦାନ କରିବାକୁ ହେବ । କ୍ଷତିପୂରଣ ନିର୍ଦ୍ଧାରଣ ହେବାର ୪ ସପ୍ତାହ ମଧ୍ୟରେ ସମସ୍ତ ଅର୍ଥ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ଆବେଦନକାରୀଙ୍କୁ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ 'ଗ୍ରେଟର୍ ବ୍ରହ୍ମପୁର ଜଳ ଯୋଗାଣ ପ୍ରକଳ୍ପ' (ଜାନିବିଲି ପ୍ରକଳ୍ପ) ପାଇଁ ଆବେଦନକାରୀଙ୍କ ବିନା ଅନୁମତିରେ ତାଙ୍କ ଜମି ମଧ୍ୟରେ ୧୧୦୦ ମିଲିମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବିଶାଳ ପାଇପ୍ ଲାଇନ୍ ବିଛାଯାଇଥିଲା । ପାଇପ୍ ଲାଇନ୍ ବିଛାଯିବା ଯୋଗୁଁ ଆବେଦନକାରୀଙ୍କର ପ୍ରାୟ ୫୫ବର୍ଗମିଟର ଜମି ପ୍ରଭାବିତ ହୋଇଥିବା କଥା ସ୍ପଷ୍ଟ ହୋଇଛି । ଅନ୍ୟପଟରେ ଆବେଦନକାରୀ ବାରମ୍ବାର ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ଏପର୍ଯ୍ୟନ୍ତ ତାଙ୍କୁ କୌଣସି କ୍ଷତିପୂରଣ ଦିଆଯାଇନଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ମାମଲା ଶୁଣାଣି ବେଳେ ରାଜ୍ୟ ସରକାର ସ୍ୱୀକାର କରିଥିଲେ ଯେ ଟ୍ରାଫିକ୍ ଏବଂ ଅନ୍ୟାନ୍ୟ ଜଟିଳତା ଏଡ଼ାଇବା ପାଇଁ ପାଇପ୍ ଲାଇନ୍‌ଟିକୁ ରାସ୍ତା ପରିବର୍ତ୍ତେ ଆବେଦନକାରୀଙ୍କ ପତିତ ଜମି ଦେଇ ନିଆଯାଇଛି । ଏଣୁ ସୁଧ ସହ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 65-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ଷ୍ଟେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ଇବା ପାଇଁ ଷ୍ଟେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ : ₹ 1,97,10,244.28, EMD : ₹ 2,48,600/-, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.03.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.04.2026ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1243/Q/25-26



## AFFIDAVIT

I Sovika Das, W/o Subhananda Pradhan Resident of Fringi Bazar, Po- Telenga Bazar, Ps- Purighat, Dist-Cuttack, Pin-753009 Odisha Declare By This Affidavit No 470 dtd-20/01/2026 That Now Onwards I shall Be Known As **Sovika Pradhan** For All Future Purposes.

## AFFIDAVIT

I, Suryamani Hantal, daughter of Late Mangala Das, wife of Late Mohan Das, resident of Village: Kuda, P.O: Gollur, P.S: Padwa, Dist: Koraput, Odisha, PIN: 764038, have changed my name to Suryamani Das as per affidavit no.25 dated 16/03/2026 sworn before the Executive Magistrate, Nandapur, Dist: Koraput, Odisha. Henceforth, I shall be known as **Suryamani Das** for all purposes.

**Suryamani Das**

## AFFIDAVIT

By virtue of an affidavit before the Tahasilder cum Executive Magistrate, Betnoti, affidavit no-4816 on dated 03/12/2025. I Krushna Chandra Mohanta s/o-Surendra Mohanta, At:-Astrapura, Po.- Aguad, p.s. Badasahi, dist:-Mayurbhanj, pin:- 757025, Odisha, which is my and my father actual Name mentioned in my Voter card. But in my adhara card wrongly it is mentioned as Krisna Mahanta S/o- Suren Mahanta So from today I will be known as **Krushna Chandra Mohanta,** S/o, Surendra Mohanta for all purpose.

## AFFIDAVIT

By virtue of an affidavit sworn before the Notary Public, Bhubaneswar on 19/03/2026, I, **Soumya Sudatta Nanda,** aged 24 years, D/o Bibhudutta Nanda, residing at Flat No. 7, 4th Floor, Suryamani Apartment, Nayapalli, Bhubaneswar, Khordha, PIN-751015, Odisha solemnly affirm that my name **Sudatta Nanda** has been changed to **Soumya Sudatta Nanda** and it is one and same person which is myself. Hence, as mentioned in my Central Board of Secondary School Examination certificate, I will be known as **Soumya Sudatta Nanda** for all official and non-official purposes.

## AFFIDAVIT

By virtue of an affidavit (CF No. 01, dtd- 19/03/2026) sworn before the Executive Magistrate, Padampur. I, **Shyamlal Tandi** (new name), S/o Nanda Tandi, permanent & current resident of At- D.Nuapali, Po- Ganiapali, Ps- Melchhamunda, Dist-Bargarh, PIN: 768049, State-Odisha declare that I have changed my name from **Janaik Tandi** (old name) to **Shyamlal Tandi** (new name). Henceforth, I shall be known as **Shyamlal Tandi** (new name) for all future purposes.

**(Shyamlal Tandi)**

## AFFIDAVIT

By virtue of an affidavit no- 898, dated- 19/3/2026 sworn before Executive Magistrate, Banpur, declare that I, Babuli Behera, aged about- 36 years, W/o- Laxmidhar Jalli of Address At- Pathara, Po-Pathara, Ps- Khallikote, Dist-Ganjam, Odisha, Pin-761029, declare that I have changed my name from Babuli Jalli to Babuli Behera. Henceforth, I Babuli Jalli & Babuli Behera both are one and same person. But now onwards I shall be known as **Babuli Behera,** for all future purposes.

**Babuli Behera**

## AFFIDAVIT

I, Govind Kumar Patel, aged about 73 years, S/o- Karshan Patel, resident of At- Shanti Nivas, Jail Road, Ps-Town, Dist- Balasore, Pin-756001, Odisha do hereby declare by this affidavit No. 950, dtd-06/02/2026, that now onwards I shall be known as **GOVIND PATEL** for all future purposes.

## LOST / ହଜିଛି

ଆମ୍ଭେ ଶ୍ରୀ ନିରଞ୍ଜନ ସେଠୀ, ବ୪ ୨ର୍ଷ, ପିତା-ଜାଗର ସେଠୀ, ସା/ପୋ- ପାଳିଆବିନ୍ଧା, ଥାନା-ତିହିଡି, ଜି-ଭଦ୍ରକ ଘୋଷଣା କରୁଅଛୁ କି ଗତ ତା ୦୪.୦୩.୨୦୨୬ ରିଖ ଦିନ ୧୨ ଘଟିକା ସମୟରେ ମୁଁ ତିହିଡି ବ୍ଲକ୍ ଅଫିସ୍‌କୁ ଆସୁଥିବା ସମୟରେ ମୋ ଡକ୍ୟୁମେଣ୍ଟ ବ୍ୟାଗ୍ କେଉଁଆଡେ ମୋ ଅଜାଣତରେ ପଡିଯାଇଅଛି । ଆମ୍ଭେ ବହୁତ ଖୋଜାଖୋଜି କରି ପାଇଲୁନାହିଁ । ଉକ୍ତ ବ୍ୟାଗ୍‌ରେ ଆମ୍ଭେ ଉମାକାନ୍ତ ପୃଷ୍ଟି, ସୁରେନ୍ଦ୍ର ପୃଷ୍ଟି, ପିତା-ଗଙ୍ଗାଧର ପୃଷ୍ଟି, ସା/ପୋ- ପାଳିଆବିନ୍ଧା, ଥାନା- ତିହିଡି, ଜି-ଭଦ୍ରକ ଙ୍କ ଠାରୁ କିଣିଥିବା ଅର୍ଜିନାଲ ବିକ୍ରୟ କବଲା ନଂ ୧୦୩୦୨୧୦୦୩୨୯, ମୌଜା-ପାଳିଆବିନ୍ଧା, ଖାତା ନଂ - ୧୩୬୨/୪୮୪, ପ୍ଲଟ୍ ନଂ - ୭୭୦, ଏରିଆ ଏ୦.୧୫ ଡି., କିଣା ତାରିଖ ତା ୧୫.୦୩.୨୦୨୧ ରିଖ ଉଦ୍ଦିଷ୍ଟ ଥିଲା । ଉକ୍ତ ହଜିବା ବିଷୟ ମୁଁ ତିହିଡି ଥାନାଧିକାରୀଙ୍କୁ ଅବଗତ କରାଇଅଛି ।

ସାକ୍ଷର / - ନିରଞ୍ଜନ ସେଠୀ
ମୋ.୦୭୮୭୩୨୭୦ ୭୨୦


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନର ଚରମ...

ଏହାର ପ୍ରତିଶୋଧ ନେବାକୁ ଯାଇ ଏହା ପଡ଼ୋଶୀ ସାଉଦୀ ଏବଂ କତାରର ବଡ଼ ବଡ଼ ତୈଳ ପ୍ରତିଷ୍ଠାନ ଉପରେ ଘନ ଘନ ବୋମାମାଡ଼ କରି ଛାରଖାର କରିଦେଇଛି । ।କେବଳ ଏତିକି ନୁହେଁ, ଇସ୍ରାଏଲର ବୃହତ୍ତ ହାଇଫା ତୈଳ ବିଶୋଧନାଗାର ଏବଂ ଆସଦୋଦ ବିଶୋଧନାଗାର ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ । ଆକ୍ରମଣରେ ଏହି ଦୁଇଟି ବିଶୋଧନାଗାର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଫଳରେ ସାରା ବିଶ୍ୱରେ ତୈଳ ସଙ୍କଟ ଆହୁରି ଉତ୍କଟ ହେବାକୁ ଲାଗିଲାଣି । ଏହାକୁ ନେଇ ବ୍ୟସ୍ତ ହୋଇପଡ଼ିଥିବା ଆମେରିକାର ରାଷ୍ଟ୍ରପତି ଇସ୍ରାଏଲ ଉପରେ ବିରକ୍ତି ପ୍ରକାଶ କରି ଏଭଳି ଭୁଲ ନକରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଇରାନର 'ସାଉଥ ପାର୍ସ' ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲ ଯେଉଁ ଆକ୍ରମଣ କରିଛି, ସେ ସଂପର୍କରେ ଆ ।ମେରିକାକୁ ସୂଚନା ଦେଇନଥିଲା । ଇସ୍ରାଏଲ ଆଉ ଏଭଳି ଆକ୍ରମଣ କରିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେବା ସହିତ କତାର ଉପରେ ଆକ୍ରମଣ ନକରିବା ଲାଗି ଇରାନକୁ ଚେତାବନୀ ଦେଇଛନ୍ତି ।

ତେଲ ପରିବହନ ପାଇଁ ଇରାନ ପକ୍ଷରୁ ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିଦିଆଯିବା ପରେ ତେଲ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ସାଉଦି ଏବଂ କତାର ତେଲ ପ୍ରତିଷ୍ଠାନ ଉପରେ ଇରାନ ଆକ୍ରମଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ସାଉଦି ଆରବର ଗୁରୁତ୍ୱପୂର୍ଣ୍ଣ ୟାନୁବ ବନ୍ଦର ଉପରେ ଇରାନ ପ୍ରଚଣ୍ଡ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି । ଲୋହିତ ସାଗର ସ୍ଥିତ ୟାନୁବ ବନ୍ଦରରେ ଥିବା ସାଉଦିର ବୃହତ୍ତ ଆରାମକୋର ତୈଳ ବିଶୋଧନାଗାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ ସାମରେଫ୍ ସମେତ ସାଉଦି ଆରବ, ୟୁଏଇ ଓ କତାରର ଅନେକ ତୈଳ ପ୍ରତିଷ୍ଠାନକୁ ଖାଲି କରିବା ପାଇଁ ଦିଆଯାଇଥିବା ଚେତାବନୀ ପରେ ଏହି ଏହି ଆକ୍ରମଣ ହୋଇଛି । ଏହାସହିତ କତାରର ରାସ୍ ଲାଫାନ ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି । ଆକ୍ରମଣ ଯୋଗୁଁ ପ୍ଲାଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ହେଉଥିବା ହର୍ମୁଜ ପ୍ରଣାଳୀ ବନ୍ଦ ହେବା ପରେ ୟାନୁବ ବନ୍ଦର ହିଁ ରପ୍ତାନୀ ପାଇଁ ଶେଷ ଆଶା ଥିଲା । କିନ୍ତୁ ଏଠାରେ ଆକ୍ରମଣ ହେବା ପରେ ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବୃଦ୍ଧି ପାଇବା ସହ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଇରାକ ଓ ଇରାନ ସମେତ ଉପସାଗରୀୟ ଅଞ୍ଚଳ ବିଶ୍ୱର ୩୧ ପ୍ରତିଶତ ତୈଳ ଓ ୮ ରୁ ୧୭ ପ୍ରତିଶତ ଗ୍ୟାସ୍ ଉତ୍ପାଦନ କରିଥାଏ ।

କତାରର ସବୁଠାରୁ ବଡ଼ ତଥା ବିଶ୍ୱର ଅନ୍ୟତମ ପ୍ରମୁଖ ଏଲ୍‌ଏନ୍‌ଜି ପ୍ଲାଣ୍ଟ ରାସ୍ ଲାଫାନ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ହେବା ପରେ ଏବେ ଭାରତ ପାଇଁ ଚିନ୍ତା ବଢ଼ିଯାଇଛି । ଇରାନର ଏହି ଆକ୍ରମଣ ଯୋଗୁଁ ବିଶ୍ୱର ଏହି ବୃହତ୍ତମ ଏଲ୍‌ଏନ୍‌ଜି ସୁବିଧାରେ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ଇସ୍ରାଏଲର ସାଉଥ ପାର୍ସ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇରାନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗତ ୩ ସପ୍ତାହ ଧରି ଚାଲିଥିବା ଏହି ଯୁଦ୍ଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତ ବହୁଳ ହର୍ମୁଜ ପ୍ରଣାଳୀ ଏବେ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇଛି । ଏଠାରେ ୭୦୦ରୁ ଅଧିକ ମାଲବାହୀ ଜାହାଜ ଅଟକି ରହିଛନ୍ତି । ଭାରତୀୟ ଦୃଷ୍ଟିକୋଣରୁ ଏହି ସଙ୍କଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଭାରତ ନିଜର ଶକ୍ତି ଆବଶ୍ୟକତା ପାଇଁ ବହୁ ପରିମାଣରେ କତାର ଉପରେ ନିର୍ଭର କରିଥାଏ । ଭାରତ ନିଜର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦ ପ୍ରତିଶତ ଅନ୍ତର୍ଜାତୀୟ ବଜାରରୁ ଆଣିଥାଏ । ଏଥିମଧ୍ୟରୁ ପ୍ରାୟ ୨୦ ପ୍ରତିଶତ କତାରରୁ ଆସିଥାଏ । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ଭାରତକୁ ଶିଳ୍ପ ଓ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଗ୍ୟାସ ବ୍ୟବହାର କମାଇବାକୁ ପଡ଼ିବ । ଭାରତ ଦୈନିକ ୧୮୯ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ବ୍ୟବହାର ମଧ୍ୟରୁ ପ୍ରାୟ ୪୭.୪ ଏମ୍‌ଏମ୍‌ଏସ୍‌ସିଏମ୍‌ଡି ଯୋଗାଣ ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଇତିମଧ୍ୟରେ ଇରାନ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର ପ୍ରମୁଖ ବନ୍ଦର ସହର ହାଇଫା ସ୍ଥିତ ଏକ ତୈଳ ବିଶୋଧନାଗାର କ୍ଷତିଗ୍ରସ୍ତ ହୋଇଛି । ଇରାନ ପକ୍ଷରୁ ଶତାଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏଗୁଡିକ ମଧ୍ୟରୁ ଇସ୍ରାଏଲର ଏୟାର ଡିଫେନ୍ସ ସିଷ୍ଟମକୁ ଭେଦ କରି ହାଇଫାର ଶିଳ୍ପାଞ୍ଚଳରେ ପଡ଼ିଛି । ତୈଳ ବିଶୋଧନାଗାରରେ ଭୟଙ୍କର ନିଆଁ ଲାଗିଯାଇଛି । ଆକାଶରେ ଘନ କଳା ଧୂଆଁ ଦେଖିବାକୁ ମିଳିଛି । ହାଇଫା ହେଉଛି ଇସ୍ରାଏଲର ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କେନ୍ଦ୍ର । ଏଠାରେ ବିଶୋଧନାଗାର କ୍ଷତିଗ୍ରସ୍ତ ହେବା ଫଳରେ ଇସ୍ରାଏଲର ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଏହି ଆକ୍ରମଣର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ହେଉଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏହାକୁ ଇରାନର ଏକ ବଡ଼ ଭୁଲ ବୋଲି ଅଭିହିତ କରିଛନ୍ତି । ହାଇଫା କରି ଗୁରୁତ୍ୱପୂର୍ଣ୍ଣ ତୈଳ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବାର ଆଶଙ୍କା ରହିଛି ।

### ସେୟାର ବଜାରରେ...

ଏକ୍ସଚେଞ୍ଜ (ନିଫ୍‌ଟି) ସୂଚକାଙ୍କରେ ହ୍ରାସ ଦେଖିବାକୁ ମିଳିଛି । ବଜାରର ଏଭଳି ସ୍ଥିତିରେ ନିବେଶକମାନେ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା ହରାଇଥିବା ଜଣାପଡିଛି ।କାବରାରରେ ନିଫ୍‌ଟିରେ ୭୭୫.୬୫ ପଏଣ୍ଟ ଅର୍ଥାତ ୩.୨୬%ହ୍ରାସ ହୋଇଥିବା ବେଳେ ୨୩,୦୦୨ରେ ବନ୍ଦ ହୋଇଛି । ସେହିପରି ଆଜି ସେନସେକ୍ସରେ ୨,୪୯୬.୮୯ ପଏଣ୍ଟ ଅର୍ଥାତ ୩.୨୬% ହ୍ରାସ ଘଟି ତାହା ୭୪,୨୦୭.୨୪ ପଏଣ୍ଟରେ ବନ୍ଦ ହୋଇଥିବାବେଳେ ନିଫ୍‌ଟିରେ ୭୭୫.୬୫ ପଏଣ୍ଟ ଅର୍ଥାତ ୩.୨୬% ହ୍ରାସ ଘଟି ୨୩,୦୦୨ କାରବାର ଶେଷ ହୋଇଛି । ପାଖାପାଖି ୨ ବର୍ଷ ପରେ ଉଭୟ ସୂଚକାଙ୍କରେ ଏଭଳି ବୃହତ୍ ହ୍ରାସ ଘଟିଛି । ଏହି ପରିସ୍ଥିତିର ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ଅଶୋଧିତ ତୈଳ ଯୋଗାଣରେ ବାଧା ଭୟ ଦ୍ରୁତ ବଢିଥିଲା । ସାଉଦୀ ଆରବ ୟାନବୁ ବନ୍ଦରରେ ତୈଳ ଲୋଡିଂ ବନ୍ଦ କରାଯିବା ପରେ ବ୍ରେଣ୍ଟ କ୍ରୁଡ ମୂଲ୍ୟ ପାଖାପାଖି ୧୧% ବଢି ବ୍ୟାରେଲ ପିଛା ୧୧୯.୫ ଡଲାରରେ ପହଞ୍ଚିଛି । ଏଣୁ ଦିନରେ କାରବାର ମଧ୍ୟରେ ଘରୋଇ ସେୟାର ବଜାରରେ ଅସ୍ଥିରତା ଢ଼େର ବଢି ଯାଇଥିଲା । କେବଳ ଭାରତ ନୁହେଁ ବିଶ୍ୱର ଅଧିକାଂଶ ପୁଞ୍ଜି ବଜାରର ବେଞ୍ଚମାର୍କ ସୂଚକାଙ୍କ ଗୁରୁବାର ଦୁର୍ବଳ ରହିଛି । ଏଣୁ ମିଡ୍‌କ୍ୟାପ ଓ ସ୍ମଲ କ୍ୟାପ୍ ସେୟାରରେ ମୂଲ୍ୟ ହ୍ରାସ ଘଟିଛି । ଏଥିରେ ଉଭୟ ସୂଚକାଙ୍କରେ ୩% ହ୍ରାସ ପରିଲକ୍ଷିତ ହୋଇଛି । ବଜାର କାରବାରରେ ଅଟୋମୋବାଇଲ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ଏହା ପଛକୁ ଆର୍ଥିକ ସେବା ଓ ଆଇଟି ସେୟାର ରହିଛି । ଏହି ସେୟାରଗୁଡିକ ପ୍ରାୟତଃ ବୈଶ୍ୱିକ ଅନିଶ୍ଚିତତାରେ ଋଣାତ୍ମକ ପ୍ରଦର୍ଶନ କରିଥାନ୍ତି । ଏଥିରୁ ବୈଶ୍ୱିକ ଆର୍ଥିକସ୍ଥିତି ଗୁରୁତର ହେଉଥିବାର ସୂଚନା ମିଳିଛି । ତେବେ ବିଶ୍ଳେଷକମାନେ କହିଛନ୍ତି ଯେ ବଜାରର ମୁଡ ଏବେ ସତର୍କ ରହିଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଆହୁରି ବଢିବା ଓ ଶକ୍ତି କ୍ଷେତ୍ରର ବ୍ୟୟ ସମ୍ଭାବିତ ଆର୍ଥିକ ପ୍ରଭାବକୁ ନେଇ ନିବେଶକ ଏବେ ଚିନ୍ତିତ ।

### ବିରୋଧୀ ଅଟଳ...

ବିଜେପି ବିଧାୟକମାନେ ବିରୋଧୀ ଦଳର ପ୍ରତିବାଦ ଓ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ନିନ୍ଦା କରିଥିଲେ । ବିଜେପି ବିଧାୟକ ରୁପୁ ଭତ୍ରା, ମନୋରଞ୍ଜନ ଦ୍ୟନ୍ ସାମନ୍ତରାୟ, ଭାସ୍କର ମଢେଇ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ଦୁଷ୍ମନ୍ତ ସ୍ୱାଇଁ, ସନାତନ ବିଜୁଳି ପ୍ରମୁଖ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା କଥା ଆଲୋଚନା ପାଇଁ ଆଶା ରଖିଛନ୍ତି । ସରକାର ଏସସିବି ହସ୍ପିଟାଲ ଅଘଟଣ ଘଟିବା ପରେ ତତ୍ପରତା ଦେଖାଇଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛନ୍ତି । ୪ ଜଣଙ୍କୁ ନିଲମ୍ବିତ କରାଯାଇଛି; ଏହାସହ ଏହି ଘଟଣାର ତଦନ୍ତ ଚାଲିଛି । ତଥାପି ବିରୋଧୀ ଦଳର ବିଧାୟକମାନେ ଗୃହ ଚଳାଇ ଦେଉନାହାନ୍ତି । ଏହା ଦୁର୍ଭାଗ୍ୟଜନକ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଥିଲେ । ଅପରପକ୍ଷେ ଗୃହକୁ ସ୍ୱାଭାବିକ କରିବା ଲାଗି ବାଚସ୍ପତି ଗୃହକୁ ୧୧ଟା ୫୬ ମିନିଟରେ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ । ତେବେ ସର୍ବଦଳୀୟ ବୈଠକରୁ କୌଣସି ସୁଫଳ ମିଳି ନ ଥିବାରୁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବି ରଖିଥିଲେ । ଅପରାହ୍ଣରେ ମଧ୍ୟ ଗୃହରେ ସମାନ ପ୍ରତିବାଦ, ହଟ୍ଟଗୋଳ ଜାରି ରହିଥିଲା । ଗତ ୨ ଦିନ ପରି ଗୁରବାର ମଧ୍ୟ ବିରୋଧୀ ଖର୍ଚ୍ଚଦାବୀ ଆଲୋଚନାକୁ ବର୍ଜନ କରିଥିଲେ ।

ଅପରପକ୍ଷେ ସରକାର ଜୋର ଜବରଦସ୍ତ ଗୃହ ଚଳାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଗୃହ ବାହାରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ଏସସିବି ଘଟଣାରେ ସରକାର ନୈତିକ ଦାୟିତ୍ୱ ତୁଲାଉନାହାନ୍ତି । ଏପରିସ୍ଥଳେ ବାଚସ୍ପତି ଗଣତନ୍ତ୍ରକୁ ବଞ୍ଚାନ୍ତୁ । ପୂର୍ବ ସରକାରରେ ଅଗ୍ନିକାଣ୍ଡ ହେଲେ ପଦକ୍ଷେପ ନିଆଯାଉଥିଲା । ମାଲିକ ଠାରୁ ଆରମ୍ଭ କରି ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯାଇଛି । ଏପରିକି ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଇସ୍ତଫା ଦେଇଛନ୍ତି । ମାତ୍ର ଏସସିବି ଘଟଣାରେ ୧୩ଜଣ ଜୀବନ ଗଲା ପରେ କାହିଁକି ସରକାର କାର୍ଯ୍ୟାନୁଷ୍ଠାନ ନେବେ ନାହିଁ । ତୁରନ୍ତ ନୈତିକ ଦାୟିତ୍ୱ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

### ଜୟନ୍ତପୁର ପିଚୁ...

ସମ୍ବଲପୁର ଫାୟାର୍ ଷ୍ଟେସନ ଇନ୍‌ଚାର୍ଜ ସୁଶାନ୍ତ କୁମାର ରାଉଳଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ସମ୍ବଲପୁର ଫାୟାର୍ ଷ୍ଟ୍ରାଇକିଂ ଫୋର୍ସର ସଦସ୍ୟମାନେ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରଥମେ ଫୋମ୍ ମେକାନିଜିମ୍‌ର ସାହାଯ୍ୟ ନେଇଥିଲେ । ପ୍ରାଥମିକ ତଦନ୍ତରୁ ପିଚୁ କାରଖାନାର ଏକ ସାମ୍ପଲ ଭାଲ୍‌ଭ୍‌ରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଗରମ ପିଚୁ ବାହାରକୁ ବାହାରି ଆସିଥିଲା । ଫଳରେ ନିଆଁ ଲାଗିଯାଇ ପ୍ରବଳ ଧୂଆଁ ବାହାରିଥିଲା । ପରେ ଏହି ନିଆଁ ଆଖପାଖକୁ ବ୍ୟାପିଥିବା କୁହାଯାଉଛି । ଅଗ୍ନିକାଣ୍ଡରେ ବହୁଳ ଭାବେ କ୍ଷୟକ୍ଷତି ହୋଇଥିବା ବେଳେ ତାହାର ଆକଳନ ଚାଲିଛି ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ, ଏହି ପିଚୁ କାରଖାନା ପାଖରେ ଅଗ୍ନି ସୁରକ୍ଷା ସାର୍ଟିଫିକେଟ୍(ଏଫ୍‌ଏସି) ନଥିବା ଫାୟାର୍ ଷ୍ଟେସନ୍ ଇନ୍‌ଚାର୍ଜ କହିଛନ୍ତି । ସମ୍ବଲପୁର ଅଗ୍ନିଶମ ବିଭାଗ ପକ୍ଷରୁ ପୂର୍ବରୁ ଏଥିସକାଶେ କାରଖାନାକୁ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା । ଅଗ୍ନିକାଣ୍ଡକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି । ତେବେ, ଏନେଇ କାରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏହି ପିଚୁ କାରଖାନା ପାଖରେ ଥିବା ଅନ୍ୟ ଦୁଇଟି ପିଚୁ କାରଖାନାରେ ମଧ୍ୟ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।

### ଭିଡିଓ କରି...

ଅଞ୍ଚଳରେ ଲିଭ୍-ଇନ୍‌ରେ ରହୁଥିଲେ । ଏକାଠି ରହିବା ମଧ୍ୟରେ ପରିବାର ତାଙ୍କ ଋଣ ବୋଝରେ ଥିବା ଯୁବତୀଜଣଙ୍କ କହି ଆସୁଥିବା ବେଳେ ସୁଧାଂଶୁ ମଧ୍ୟ ତାଙ୍କୁ ଆର୍ଥିକ ସହାୟତା କରି ଆସୁଥିଲେ । ସୁଧାଂଶୁ ବର୍ଷକ ମଧ୍ୟରେ ପ୍ରାୟ ୯ ଲକ୍ଷ ଟଙ୍କା ଯୁବତୀଙ୍କୁ ଦେଇ ସାରିଥିଲେ । ଗତ ଜାନୁଆରୀ ପହିଲାରେ ହଠାତ୍ ଯୁବତୀଙ୍କ ମଧ୍ୟରେ ପରିବର୍ତ୍ତନ ଆସିଥିଲା । ସେ ସୁଧାଂଶୁଙ୍କଠାରୁ ଅଲଗା ହୋଇ ନିଜ ଘରକୁ ପଳାଇଥିଲେ । ସୁଧାଂଶୁ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ । ଅଲଗା ହେବାର କାରଣ ପଚାରିବାରୁ, ଯୁବତୀଜଣଙ୍କ କୌଣସି ଉତ୍ତର ଦେଇନଥିଲେ ।

ଗତବର୍ଷ ନଭେମ୍ବରରେ ଯୁବତୀଜଣଙ୍କ ସହିଦନଗର ଥାନାରେ ସୁଧାଂଶୁଙ୍କ ବିରୋଧରେ ଏତଲା ଦେବା ପରେ ପୁଲିସ ନୋଟିସ୍ ଦେଇ ଛାଡ଼ିଥିଲା । ଯୁବତୀଜଣଙ୍କ ଗତ ୩ ତାରିଖ ଦିନ ପୁଣି ସୁଧାଂଶୁଙ୍କ ନାମରେ ପିପିଲି ଥାନାରେ ଏକ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ସୁଧାଂଶୁ ନିକଟରେ ଭୁବନେଶ୍ୱର ଆସି ଗଣମାଧ୍ୟମ ସାମ୍ନାରେ ଅତ୍ୟାଚାର ସଂପର୍କରେ ବଖାଣିଥିଲେ । ମାଟ୍ରିମୋନିର ସମ୍ପର୍କ ତିଆରି କରି କିଭଳି ଆର୍ଥିକ ଓ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି, ସେନେଇ କହିଥିଲେ ।

ଗତକାଲି ଯୁବତୀଜଣଙ୍କ ସୁଧାଂଶୁଙ୍କ ନାମରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ପିପିଲି ଥାନା ଗୋବିନ୍ଦପୁରସ୍ଥିତ ଭଡ଼ାଘରେ ଚଢ଼ଉ କରିଥିଲେ ମଧ୍ୟ ସୁଧାଂଶୁଙ୍କୁ ନପାଇ ଛକି ରହିଥିଲା । ରାତିରେ ସୁଧାଂଶୁ ଫେରିବା ବେଳକୁ ପୁଲିସକୁ ଦେଖି ଘର ଭିତରେ ପଶି କବାଟ ବନ୍ଦ କରି ଦେଇଥିଲେ । ପୁଲିସ ତାଙ୍କୁ ଗିରଫ କରିବାକୁ କବାଟ ବାଡ଼େଇଥିଲେ ମଧ୍ୟ ଭିତରପଟୁ ଉତ୍ତର ମିଳି ନଥିଲା । କବାଟ ଭାଙ୍ଗି ଘରକୁ ପଶିବା ବେଳକୁ ସୁଧାଂଶୁ ରଶି ଲଗାଇ ଝୁଲି ପଡ଼ିଥିଲେ ।

ଗିରଫଦାରୀ ଭୟରେ ସୁଧାଂଶୁ ଆତ୍ମହତ୍ୟା କରିଥିଲେ ମଧ୍ୟ ମୃତଦେହକୁ ପିପିଲି ଡାକ୍ତରଖାନାକୁ ନେଇ ଆତ୍ମହତ୍ୟାର ରୂପ ଦେବାକୁ ପୁଲିସ ଉଦ୍ୟମ କରିଥିଲା । ଏମିତିକି, ସୁଧାଂଶୁ ଦୁର୍ଘଟଣାର ଶିକାର ହୋଇ ଡାକ୍ତରଖାନାରେ ପଡ଼ିଛନ୍ତି ବୋଲି ପରିବାରଲୋକଙ୍କୁ ଫୋନ୍ ଯୋଗେ ଜଣାଇଥିଲା । ହେଲେ ପରିବାରଲୋକେ ଆସି ପହଞ୍ଚିବା ପରେ ପୂରା ଘଟଣା ପଦାକୁ ଆସିଥିଲା । ସେପଟେ ସୁଧାଂଶୁଙ୍କ ଆତ୍ମହତ୍ୟା ପରେ ମୃତ୍ୟୁ ପୂର୍ବର ଭିଡିଓ ଭାଇରାଲ ହେବାରେ ଲାଗିଛି । ପୁଅ ବୋଲି ତାଙ୍କୁ ନ୍ୟାୟ ମିଳିବନି, ସେଥିପାଇଁ ସେ ଆତ୍ମହତ୍ୟା କରିବେ ବୋଲି ଭିଡିଓରେ କହୁଛନ୍ତି ।


## Office of the Project Administrator, ITDA, Th. Rampur at Bhawanipatna

19001/92/2526

**e-procurement notice**

Letter No: 614 Date: 18.03.2026

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his/her own Digital Signature Certificate (DSC).

1. No. of works: 02
2. Nature of work: Civil construction
3. BID identification No.: ITDA, THR-05/2025-26
4. Date and Time of availability of Bid document in portal: From 11:00 A.M. of 20.03.2026 to 31.03.2026 up to 5:00 P.M. for online bidding
5. Last date & time for receipt of BIDs in portal: 31.03.2026 up to 5:00 P.M.
6. BIDs received online shall be opened on: 02.04.2026 at 11:00 A.M.
7. Name and address of the officer: Project Administrator, ITDA, Th. Rampur at Bhawanipatna

Project Administrator
ITDA, Th. Rampur, Bhawanipatna

OIPR-19001/19449/1/25-26/0006



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟଙ୍କପାଣି ରୋଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟଙ୍କପାଣି ରୋଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

| ଟଙ୍କପାଣି ରୋଡ ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ବିନୋରୀ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ବନ୍ଦନା ପ୍ରଧାନ,** ସା: ଏମ୍‌ଆଇଜି-୮୬, କଳିଙ୍ଗ ବିହାର ସ୍କୋୟାର, ଏମ୍ସ ନଗର, ପାତ୍ରପଡା, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା-୭୫୧୦୧୯ / **ବନ୍ଧକଦାତା: ଶ୍ରୀମତୀ ବନ୍ଦନା ପ୍ରଧାନ,** ପିତା: ଶ୍ରୀ ନିରଞ୍ଜନ ପ୍ରଧାନ, **ଠିକଣା-୧:** ସା: ପ୍ଲଟ୍ ନଂ.: ୩/୩୧୫, ଫେଜ୍-୩, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ପୋ: ଡୁମୁଡୁମା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୯, **ଠିକଣା-୨:** ସା: ପ୍ଲଟ୍ ନଂ.: ୩୭/୪୬୮, ଖାତା ନଂ.: ୨୦୩/୭୨, ମୌଜା: ଚମ୍ପାପୁର, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୦୫୫ | ଟ.୨୫,୦୪,୯୦୪.୫୮ + ସେବାବଦ ସୁଧ | ୧୬.୧୨.୨୦୨୫ / ୧୭.୦୩.୨୦୨୬ | **ଶ୍ରୀମତୀ ବନ୍ଦନା ପ୍ରଧାନ,** ପିତା: ଶ୍ରୀ ନିରଞ୍ଜନ ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭/୪୬୮, ଖାତା ନଂ.: ୨୦୩/୭୨, ମୌଜା: ଚମ୍ପାପୁର, ଏସ୍‌ଆରଓ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, କ୍ଷେତ୍ର: ଏକର୦.୦୩୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ବ୍ରଜବନ୍ଧୁ ବେହେରାଙ୍କ ପ୍ଲଟ୍ ନଂ.: ୧୦୮, ପୂର୍ବ: ରାଜ କିଶୋର ବେହେରାଙ୍କ ପ୍ଲଟ୍ ନଂ.: ୧୦୫, ପଶ୍ଚିମ: ପ୍ଲଟ୍ ନଂ.: ୩୭ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୯.୦୩.୨୦୨୬**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ THE SAKALA



# ପାଟଣାଗଡ଼ ବ୍ଲକ୍ | ସିଏସ୍ଏସ୍ ନିଯୁକ୍ତିରେ ଜାଲିଆତି ଘଟଣାର ତଦନ୍ତ

- ଲରମ୍ଭା ଜିପିଏଲ୍ଏଫ୍ ସଭାପତିଙ୍କୁ ବହିଷ୍କାର ନିଷ୍ପତ୍ତି
- ବ୍ଲକ୍ ସଂଯୋଜକଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ

ପାଟଣାଗଡ଼,୧୯ ।୩ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ସିଏସଏସ ପୋଷ୍ଟ ନିଯୁକ୍ତିରେ ଜାଲିଆତି ଓ ଲାଞ୍ଚ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଗୁରୁବାର ଏହାର ତଦନ୍ତ ଆରମ୍ଭ ହୋଇଛି । ପାଟଣାଗଡ଼ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପାଇଁ ପ୍ରତ୍ୟେକ ଗାଁ ଓ ପଞ୍ଚାୟତ ପାଇଁ ଗୋଟିଏ ଲେଖାଏଁ ସିଏସଏସ ପଦବୀ ପାଇଁ ହୋଇଥିବା ନିଯୁକ୍ତିରେ ପ୍ରଥମେ ଲରମ୍ଭା ଜିପିରୁ ଜାଲିଆତି କରାଯାଇ ପଦବୀ ହାତେଇଥିବା ଅଭିଯୋଗ ହୋଇଥିଲା ।

ପ୍ରଥମେ ବିଡ଼ିଓ ଓ ପରେ କୌଣସି ସୁଫଳ ନ ମିଳିବାରୁ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କଠାରେ ନିଯୁକ୍ତି ଜାଲିଆତି ଓ ଦରମା ପାଇଁ ବ୍ଲକ ସଂଯୋଜକ ଲାଞ୍ଚ ନେଉଥିବା ଲରମ୍ଭା ଜିପିର ଜିପିଏଲଏଫ ଇସି ଗ୍ରୁପର ମହିଳା ସଦସ୍ୟା ସସ୍ମିତା ଛତ୍ରିଆଙ୍କ ସହ ଅନ୍ୟ ସଦସ୍ୟା ଅଭିଯୋଗ ଆଣିଥିଲେ । ଏହି ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଘଟଣାରେ ଗୁରୁବାର ପାଟଣାଗଡ଼ ବିଡ଼ିଓ ଓ ବିପିଏମ ଅପରାହ୍ନ ୩ଟାରେ ଲରମ୍ଭା ଯାଇ ତିନି ଘଣ୍ଟା ପର୍ଯ୍ୟନ୍ତ ତଦନ୍ତ କରି ଫେରିଛନ୍ତି । ଲରମ୍ଭା ପଞ୍ଚାୟତ କାର୍ଯ୍ୟାଳୟଠାରେ ତଦନ୍ତ ହୋଇଥିଲା ।୧୬ ଜଣ ଜିପିଏଲଏଫ ଇସି ସଦସ୍ୟା ଏହି ତଦନ୍ତରେ ଉପସ୍ଥିତ ଥିଲେ । ଗୋଟି ଗୋଟି କରି ଉପସ୍ଥିତ ସମସ୍ତ ସଦସ୍ୟାଙ୍କୁ ଲାଞ୍ଚ କାରବାର ବିଷୟରେ ପଚରାଯାଇଥିଲା । ଲରମ୍ଭା ଜିପିଏଲଏଫ ସଭାପତି ଯାଜ୍ଞସେନି ଦଣ୍ଡସେନା କିଭଳି ଲାଞ୍ଚ ମାଗୁଥିଲେ ଏହାର ଅଡ଼ିଓ ସହ ଫୋନ ପେ ପ୍ରମାଣ ତଦନ୍ତକାରୀ ଅଧିକାରୀଙ୍କୁ ଇସି ସଦସ୍ୟା ଦେଖାଇଥିଲେ । ପରେ ଲରମ୍ଭା ଜିପି ସଭାପତି ଶ୍ରୀମତୀ ଦଣ୍ଡସେନାଙ୍କୁ ବହିଷ୍କାର ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଇସି ସଦସ୍ୟା ସସ୍ମିତା ଛତ୍ରିଆ କହିଛନ୍ତି ଯେ ଏହି ତଦନ୍ତ ବ୍ଲକ ସଂଯୋଜକ ବିଚିତ୍ରାନନ୍ଦ ମୁଦୁଲିଙ୍କୁ ସୁହାଇଲା ଭଳି ତଦନ୍ତ କରାଯାଇଛି । ଲରମ୍ଭା ଜିପି ସଭାପତି ଶ୍ରୀମତୀ ଦଣ୍ଡସେନା ଦରମା ପାସ୍ କରିବା ପାଇଁ ସେମାଙ୍କଠାରୁ ବ୍ଲକ ସଂଯୋଜକଙ୍କୁ ଦେବାକୁ କହି ଯେଉଁ ଲାଞ୍ଚ ଟଙ୍କା ନେଉଥିଲେ ଏହାର ତଦନ୍ତ ହୋଇନାହିଁ । କେବଳ ସଭାପତିଙ୍କୁ ବହିଷ୍କାର କରାଯିବ କହି ମାମଲାକୁ ଚାପି ଦେବାପାଇଁ ଉଦ୍ୟମ କରାଯାଇଛି । ଟଙ୍କା ଲାଞ୍ଚ ନେଇ ସଭାପତି ବ୍ଲକ ସଂଯୋଜକଙ୍କୁ ଦେଉଥିଲେ । ସଂଯୋଜକ ସେ ଟଙ୍କା କାହାକୁ ଦେଉଥିଲେ ଏହାର ବିଧିବଦ୍ଧ ତଦନ୍ତ କରାଯାଉ । କେବଳ ତଳିଆ କର୍ମଚାରୀଙ୍କ ଉପରେ ଦୋଷ ଲଦି ବଡ଼ ବଡ଼ିଆଙ୍କୁ ଖସାଇବାକୁ ଉଦ୍ୟମ କରାଯାଇଛି । ଯାହାଙ୍କ ବିରୋଧରେ ସେମାନେ ଅଭିଯୋଗ ଆଣିଛନ୍ତି ସେ ଯଦି ତଦନ୍ତକାରୀ ଅଧିକାରୀ ହେବେ ତେବେ ତଦନ୍ତ କିଭଳି ହେବ ବୋଲି ସେ କହିଛନ୍ତି । ଏହି ତଦନ୍ତରେ ଜିପିଏଲଏଫ ସଦସ୍ୟା ସନ୍ତୁଷ୍ଟ ନୁହନ୍ତି । କେବଳ ଲାଞ୍ଚ କାରବାରର ତଦନ୍ତ ହୋଇଛି । ନିଯୁକ୍ତି ଜାଲିଆତିର ତଦନ୍ତ କାହିଁକି ହେଲାନି । ଏହି ମାମଲାର ମାଷ୍ଟର ମାଇଣ୍ଡ ବ୍ଲକ ସଂଯୋଜକଙ୍କୁ ବହିଷ୍କାର କରାଯାଉ । ସେ କାହାକୁ ଟଙ୍କା ଦେଉଥିଲେ ଏହି ଘଟଣାରେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉ । ନଚେତ ଭିଜିଲାନ୍ସର ଦ୍ୱାରସ୍ଥ ହେବୁ ବୋଲି ଜିପିଏଲଏଫ ଇସି ସଦସ୍ୟା ସସ୍ମିତା ଛତ୍ରିଆ,ଜୟଶ୍ରୀ ପଶାୟତ, ଆରତୀ କର୍ମିଙ୍କ ସହ ଅନ୍ୟ ସଦସ୍ୟାମାନେ କହିଛନ୍ତି ।

## ସାମାଜିକ ଗଣମାଧ୍ୟମରେ ଅପପ୍ରଚାର ନେଇ ଏତଲା



ଡୁଙ୍ଗୁରିପାଲି,୧୯ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନାରେ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକୁ ନେଇ ଥାନାରେ ଅଭିଯୋଗ ହୋଇଛି । ଅଞ୍ଚଳର ଜଣେ ସମାଜସେବୀଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଜଣେ ବ୍ୟକ୍ତି ମିଥ୍ୟା ଅପପ୍ରଚାର କରିବା ସହ ବିବାଦୀୟ ମନ୍ତବ୍ୟ ଦେଉଛନ୍ତି । ଏହାକୁ ନେଇ ଉମେଶ ପୂଜାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଶ୍ରୀ ପୂଜାରୀ ଅଞ୍ଚଳର ଯୁବଗୋଷ୍ଠୀ, ସମାଜସେବୀ, ସ୍ଥାନୀୟ ସରପଞ୍ଚ, ଆଇନଜୀବୀ ଏବଂ ବୁଦ୍ଧିଜୀବୀଙ୍କ ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର ପୋଷ୍ଟ କରାଯାଉଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି । ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି ।

## ଶ୍ରୀକାନ୍ତ ମିଶ୍ର ବିଜେପି ରାଜ୍ୟ କୃଷକ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ



କନ୍ଧମାଳ,୧୯ ।୩(ସମିସ): ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ସମାଜସେବୀ ଶ୍ରୀକାନ୍ତ ମିଶ୍ର ବୌଦ୍ଧ ଜିଲ୍ଲାର ସାଧାରଣ ସମ୍ପାଦକ ଭାବେ ମନୋନିତ ହୋଇଛନ୍ତି । ରାଜ୍ୟ ବିଜେପି କୃଷକ ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଭାବେ ଶ୍ରୀ ମିଶ୍ର ମନୋନିତ ହୋଇଥିବାରୁ ଜିଲ୍ଲା ସଭାପତି କେନ୍ଦୁପତ୍ର ତୋଳାଳି ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ସ୍ୱାଗତ କରିଥିଲେ ।

## ଶ୍ରୀରାମ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଡୁଙ୍ଗୁରିପାଲି,୧୯ ।୩(ସମିସ): ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଗୋବିନ୍ଦ ମେହେର ଏଥିରେ ସଭାପତିତ୍ୱ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟମୁଖ୍ୟ ଅଧ୍ୟାପକ ମିନକେତନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୋନପୁର ଆଦର୍ଶ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଅଧ୍ୟାପକ ଡ. ବିଶ୍ୱପ୍ରାଜ୍ଞ ମହାନ୍ତି ମୁଖ୍ୟ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ମିନକେତନ ପାତ୍ର ଆଲୋଚନା କରିଥିଲେ । ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ମାମିନା ଭୋଇ ବିବରଣୀ ପ୍ରଦାନ କରିଥିଲେ । ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ବର୍ଷାରାଣୀ ମେହେର, ଶୁଭଲକ୍ଷ୍ମୀ ପ୍ରଧାନ, ବୃନ୍ଦାବନ ବାରିକ, ଆଲୋକ ଜୁଆଡ଼ି ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ଜ୍ୟୋତିର୍ମୟୀ ବାରିକ କୃତଜ୍ଞତା ଜ୍ଞାପନ କରିଥିଲେ ।

## କନ୍ଧମାଳ ହାଇସ୍କୁଲରେ ବ୍ଲକ୍ସ୍ତରୀୟ ପ୍ରତିଭା କାର୍ଯ୍ୟକ୍ରମ



କନ୍ଧମାଳ,୧୯ ।୩(ସମିସ): କନ୍ଧମାଳ ହାଇସ୍କୁଲ ଖେଳ ପଡିଆରେ ବ୍ଲକ୍ସ୍ତରୀୟ ପ୍ରତିଭା (କ୍ରୀଡ଼ା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଧାନ, ଉମାକାନ୍ତ ପଣ୍ଡା, ଶୁଭଶ୍ରୀ ଡାଙ୍ଗ, ସୌରଭ, କୁମାର ସାହୁ, ପ୍ରଦୀପ ରାଉତ, ଜିତେନ୍ଦ୍ର ହୋତା ପ୍ରମୁଖ ସହଯୋଗ କରିଥିଲେ । ଏଠାରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଜିଲ୍ଲା ସ୍ତରକୁ ଯିବେ । ଯେଉଁମାନେ ଜିଲ୍ଲା ସ୍ତରରେ ଭଲ ପ୍ରଦର୍ଶନ କରିବେ ସେମାନେ ରାଜ୍ୟ ସ୍ତରକୁ ଯିବେ । ରାଜ୍ୟସ୍ତରରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ କ୍ରୀଡ଼ା ଛାତ୍ରାବାସରେ ରହିବାର ସୁଯୋଗ ପାଇବେ ।

## କୃଷ୍ଣପାଲିରେ ଗୋପାଳ ସମାଜର ବାର୍ଷିକ ବୈଠକ

ହରଭଙ୍ଗା,୧୯ ।୩ (ସମିସ): ତିଳେଶ୍ୱର ପଞ୍ଚାୟତର କୃଷ୍ଣପାଲିଠାରେ ଗୋପାଳ ସମାଜର ବାର୍ଷିକ ବୈଠକ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସମାଜର ବିଭିନ୍ନ ପ୍ରାନ୍ତରୁ ସଦସ୍ୟମାନେ ଯୋଗଦେଇ ସାମାଜିକ ସଂସ୍କାର ଓ ସଂଗଠନର ଅଭିବୃଦ୍ଧି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଏହି ବୈଠକ ସଭାପତି ଅଚ୍ୟୁତ ବାଘଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପରଦେଶୀ ବାଘ ସଭା ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ବଡ଼, ସାନ ଭାଇ ମୃତ; ମଝିଆ ଗୁରୁତର

ଜହ୍ନାପଙ୍କ,୧୯ ।୩(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ତଥା ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅଧୀନ ତେଲିବନ୍ଧ ପନ୍ଥାଇ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଗୋଟିଏ ପରିବାରର ବଡ଼ ଓ ସାନ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି । ମଝିଆ ଭାଇ ଗୁରୁତର ହୋଇଛନ୍ତି । ବୁଧବାର ରାତିରେ ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ପଳସପାଟ ଗ୍ରାମର ଗୋଟିଏ ପରିବାରର ତିନି ଭାଇ ତାଙ୍କ ଟିଭିଏସ ରାଇଡ଼ର (ଓଡି ୨୭ ଇ ୧୨୨୪) ଗାଡ଼ିରେ ଜହ୍ନାପଙ୍କ ପଟୁ ନିଜ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପନ୍ଥାଇ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ୩ ଭାଇ ଦିଲ୍ଲୀପ ଉର୍ମା (୩୫), ବିଜୟ ଉର୍ମା (୨୧), ରୋହିତ ଉର୍ମା (୨୫) ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଭୟ ତିନି ଜଣଙ୍କୁ ଉଦ୍ଧାର କରି ଦୁଇଟି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ନେଇଥିଲେ । ଦିଲ୍ଲୀପ ଓ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁତର ରୋହିତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ବାଇକ୍କୁ ଜବତ କରି ତଦନ୍ତ କରୁଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ବଦଳିଲେ ହାବିଲଦାର ଓ କନେଷ୍ଟବଳ

ଶଗଡ଼ା,୧୯ ।୩(ସମିସ): ବୌଦ୍ଧ ଜିଲ୍ଲା ପୁଲିସ ବିଭାଗର ହାବିଲଦାର ଓ କନଷ୍ଟେବଳ ପଦବୀରେ ଏକ ବଡ ଧରଣର ଅଦଳବଦଳ କରାଯାଇଛି । ବୌଦ୍ଧ ଏସପିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ହାବିଲଦାର ଅମିତାଭ ଶତପଥୀଙ୍କୁ ବୌଦ୍ଧରୁ ଘଣ୍ଟାପଡା, ଟୁକୁ ମେହେରଙ୍କୁ ବୌଦ୍ଧରୁ କଣ୍ଟାମାଳ, ହିମାଂଶୁ ଶେଖର ଡାଙ୍ଗଙ୍କୁ କଣ୍ଟାମାଳରୁ ବୌଦ୍ଧ, ସପ୍ତେଶ୍ୱର କହଁରଙ୍କୁ ଘଣ୍ଟାପଡାରୁ ବୌଦ୍ଧ, ସୌମ୍ୟରଂଜନ ମେଣ୍ଡିଲିଙ୍କୁ ଜହ୍ନାପଙ୍କରୁ ମନମୁଣ୍ଡା, ବିବସ୍ୱ ସାହୁଙ୍କୁ ମନମୁଣ୍ଡାରୁ ଜହ୍ନାପଙ୍କ, କନଷ୍ଟେବଳ ଭକ୍ତ ଲୁହାରଙ୍କୁ କଣ୍ଟାମାଳରୁ ବୌଦ୍ଧ ବଦଳି ହୋଇଛି । ରଜନୀକାନ୍ତ ସ୍ୱାଇଁ କଣ୍ଟାମାଳରୁ ବୌଦ୍ଧ ଆଦର୍ଶ ଥାନା, ରାଜକିଶୋର ନାୟକ ବୌଦ୍ଧରୁ କଣ୍ଟାମାଳ, ପଙ୍କଜ ଯାନୀ ଘଣ୍ଟାପଡାରୁ ହରଭଙ୍ଗା କୋର୍ଟ, ଜେମାକାନ୍ତ କହଁର ପଳସାଗୋରା ବିଟରୁ ବୌଦ୍ଧ, ନିରଞ୍ଜନ ପୃଷ୍ଟି ହରଭଙ୍ଗାରୁ ଘଣ୍ଟାପଡା, ଟିଲୋତ୍ତମା ଦେହୁରୀ ଘଣ୍ଟାପଡାରୁ ବୌଦ୍ଧ, ସୁନୀଲ ପ୍ରଧାନ କଣ୍ଟାମାଳରୁ ଜହ୍ନାପଙ୍କ, ସୁଶାନ୍ତ ନାୟକ ମନମୁଣ୍ଡାରୁ ବୌଦ୍ଧ ଆଦର୍ଶ ଥାନା, କିଶୋର ବେହେରା ବୌଦ୍ଧ ଆଦର୍ଶ ଥାନାରୁ ମନମୁଣ୍ଡା, ରାଜେଶ ଭୋଇ ହରଭଙ୍ଗା କୋର୍ଟରୁ ପଳସାଗୋରା ବିଟ, ସ୍ୱାଧୀନ ପ୍ରଧାନ ବୌଦ୍ଧରୁ କଣ୍ଟାମାଳ, ମାଳବିକା ଚାନ୍ଦ କଣ୍ଟାମାଳ କୋର୍ଟରୁ ମନମୁଣ୍ଡା, ଅଞ୍ଜନା ସାହୁ ମନମୁଣ୍ଡାରୁ ଜହ୍ନାପଙ୍କ, ଲିନା ବେହେରା ବୌଦ୍ଧରୁ କଣ୍ଟାମାଳ କୋର୍ଟ, ପୁରନ୍ଦ୍ର ମହାନନ୍ଦିଆ ପୁରୁଣାକଟକରୁ ଘଣ୍ଟାପଡା, ତ୍ରିଲୋଚନ ସ୍ୱର ଘଣ୍ଟାପଡାରୁ ପୁରୁଣାକଟକ, ଧୀରୋଜ ଭୋଇ ବୌଦ୍ଧରୁ ପଳସାଗୋରା ବିଟ, ସୁଶୀଲ ରଣା ପଳସା ଗୋରକ୍ଷରୁ କଣ୍ଟାମାଳ, ଉଦୟ ଜାନି ଆଡ଼େନିଗଡରୁ ଘଣ୍ଟାପଡା, ଘନଶ୍ୟାମ ସେଠ ବୌଦ୍ଧରୁ କଣ୍ଟାମାଳ ଥାନାକୁ ବଦଳି ହୋଇଛନ୍ତି ।

## ଗୋଟିଏ ପରିବାରର ଦୁଇ ବଖରା ଭସ୍ମୀଭୂତ

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ବୁରକଟା ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି । ଅମ୍ବରିସ ମାଝୀଙ୍କ ଦୁଇ ବଖରା ଘର ଭସ୍ମୀଭୂତ ହୋଇ ଯାଇଛି । ପରିବାରର କୌଣସି ସଦସ୍ୟ ଉପସ୍ଥିତ ନ ଥିବା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ । ସେତେବେଳକୁ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡି ଭସ୍ମୀଭୂତ ହୋଇ ଯାଇଥିଲା ।

● ସୁବର୍ଣ୍ଣପୁର ଗ୍ରାମରେ ବଜ୍ରପାତ

## ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ସହ ପୋଡ଼ିଗଲା ଘର

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ଗାଁର ସନ୍ତୋଷ ମେହେରଙ୍କ ଘରେ ବଜ୍ରପାତ ହେବାରୁ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ସହ ଗୋଟିଏ ବଖରା ଘର ପୋଡ଼ି ଯାଇଛି । ବୁଧବାର ରାତିରେ କାଳବୈଶାଖୀ ବର୍ଷା ସହ ପ୍ରବଳ ବଜ୍ରପାତ ହୋଇଥିଲା । ଏହାଫଳରେ ସନ୍ତୋଷଙ୍କ ଘର ଉପରେ ବଜ୍ରପାତ ଘଟି ଟିଭି, କୁଲର, ଫ୍ରିଜ୍ ସହ ଗୋଟିଏ ବଖରା ଘର ପୋଡ଼ି ନଷ୍ଟ ହୋଇ ଯାଇଛି ।

## ବିଶ୍ୱ ପଖାଳ ଦିବସ ପାଇଁ ପ୍ରସ୍ତୁତି

ବୌଦ୍ଧ,୧୯ ।୩(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ବିଶ୍ୱ ପଖାଳ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ବସିଥିଲା । ବୌଦ୍ଧ ଟାଉନ୍ ହଲ ଠାରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୨ରୁ ତାଳପାଲିପଡ଼ା ରାମମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବଲାଙ୍ଗିର,୧୯ ।୩(ସମିସ): ବଲାଙ୍ଗୀର ସହରର ତାଳପାଲିପଡା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଉତ୍ସବମୁଖର ହେବ । ତାଳପାଲିପଡାରେ ପୁନଃନିର୍ମିତ ଶ୍ରୀରାମ ମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ସେଥିପାଇଁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ୨୨ ତାରିଖ କଳସ ଶୋଭାଯାତ୍ରା ହେବ । ୨୫ରେ ବିଗ୍ରହ ପ୍ରତିଷ୍ଠା କରାଯିବ । ୨୬ ତାରିଖରେ ସିଂହାସନ ଆରୋହଣ, ଗର୍ଭଗୃହରେ ଶୋଡଷ ଉପଚାର ପୂଜା ସହିତ ପୂର୍ଣ୍ଣାହୁତି କରାଯିବ । ପ୍ରତିଦିନ ହୋମଯଜ୍ଞ ସହିତ ନାମସଂକୀର୍ତ୍ତନ କରାଯିବ । ଶେଷଦିନରେ ଛତିଶଗଡ ଝାରବନ୍ଧ ଓ ଧାନବସାର ବୈଠକୀ କୀର୍ତ୍ତନ ହେବ ।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ



ବଲାଙ୍ଗିର,୧୯ ।୩(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆୟୋଜନ କ୍ରମେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ପାଇଁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ତାଲିମ ଆରମ୍ଭରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର କାର୍ଯକ୍ରମ କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଉପରେ ଜଣାଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ୍ ବିଡ଼ିଓ ବାସନ୍ତୀ ସେଠ୍ ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ପଞ୍ଚାୟତ ବିକାଶ ପାଣ୍ଠିର ୫ ପ୍ରତିଶତ ଯୋଜନା ରଖି ଖର୍ଚ୍ଚ କରିବା ପାଇଁ ତାଲିମରେ ଜଣାଇଥିଲେ । ତାଲିମରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ନାଗ ଉପସ୍ଥିତ ରହି ତାଲିମ୍ ନେଇ ଶିକ୍ଷା ଲାଭ କରି କାମରେ ଲଗାଇବା ପାଇଁ ସମସ୍ତ ସରପଞ୍ଚ ଓ ଇଓମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ତାଲିମର ଲକ୍ଷ୍ୟ ଉପରେ ସରପଞ୍ଚ ଓ ଇଓମାନଙ୍କ ଭୂମିକା ଉପରେ ଜଣାଇଥିଲେ । ସେହିପରି ଆଶୀର୍ବାଦ, ଗ୍ରୀନ ପାସେଜ, ପୃଷ୍ଟପୋଷକତା ସହାୟତା ରାଶି, ଯଶୋଦା ଯୋଜନା ସମ୍ପର୍କରେ ଜଣାଇଥିଲେ । ଏହି ତାଲିମ ପ୍ରଦାନ ପୂର୍ବରୁ ଏବଂ ତାଲିମ ପରବର୍ତ୍ତି ପର୍ଯ୍ୟାୟରେ ୧୦ଟି ପ୍ରଶ୍ନ ପ୍ରସ୍ତୁତି କରି ସମସ୍ତ ସରପଞ୍ଚ ଓ ପିଇଓଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକ୍ର ୨୨ଟି ପଞ୍ଚାୟତର ସରପଞ୍ଚ, ଇଓ, ଏଡିଇଓ ଉପସ୍ଥିତ ଥିଲେ । ଏହି ଅବସରରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଉପସ୍ଥିତ ରହି ଡ୍ରପ ଆଉଟ୍ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ଉପରେ ବିଭିନ୍ନ ଯୋଜନା ଉପରେ ମତାମତ ଦେଇଥିଲେ । ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ଅଞ୍ଜୁମନ୍ ନିଶା ଉପସ୍ଥିତ ରହି ବାଲ୍ୟ ବିବାହ ଉପରେ ଜଣାଇଥିଲେ । କାର୍ଯକ୍ରମରେ ଚାଇଲ୍ଡ ହେଲ୍ପ ଲାଇନର ସୁଦନ ଖମାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୟୁଥ୍ ସର୍ଭିସ ସେଣ୍ଟରର ସମ୍ପାଦକ ଉମେଶ ପୁରୋହିତ ଚାଇଲ୍ଡ ଫ୍ରେଣ୍ଡଲି ଗ୍ରାମ ପଞ୍ଚାୟତ ଗଠନ କରିବାରେ ଗ୍ରାମ ପଞ୍ଚାୟତର ଭୂମିକା ଉପରେ ଉପସ୍ଥାପନା କରିଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଉପସ୍ଥିତ ରହି ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁଙ୍କ ପାଇଁ ୧୦୯୮ କୁ ଫୋନ କରିବାକୁ ଜଣାଇବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ

ଡୁଙ୍ଗୁରିପାଲି,୧୯ ।୩(ସମିସ): ଚୈତ୍ର ମାସ ଶୁକ୍ଳ ପକ୍ଷର ପ୍ରତିପଦା ତିଥି ଅବସରରେ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି । ହିନ୍ଦୁଶାସ୍ତ୍ର ମତରେ ଆଜିର ଦିନରେ ବ୍ରହ୍ମାଙ୍କ କାଳ ଗଣନା ଆରମ୍ଭ ହେବା ସହ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ସମେତ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ସମ୍ପନ୍ନ ହୋଇଥିବା ଉଲ୍ଲେଖ ରହିଛି । ପୁନଶ୍ଚ ଆର୍ଏସ୍ଏସ୍ ସଂସ୍ଥାପକ ଡକ୍ଟର୍ କେ.ଭି.ହେଡ୍ ଗେୱରଙ୍କ ଜନ୍ମଦିନ । ତେବେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଲଳିତ ଭୋଇ, ସମ୍ମାନୀତ ଅତିଥି ଭାବେ ପରିଚାଳନା ସଭାପତି ଚତୁର୍ଭୁଜ ସାହୁ ଯୋଗ ଦେଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଅଶ୍ୱିନୀ ନାୟକ ସହଯୋଗ କରିଥିଲେ । ସମ୍ପାଦକ ମୀନକେତନ ଖମାରୀ, ଗୁରୁଜୀ ଗୋପାଳ ଦଣ୍ଡସେନା, ରାମେଶ୍ୱର ପ୍ରଧାନ, ରମେଶ ଗଡ଼ତିଆ, ରାଧାରାଣୀ ତ୍ରିପାଠୀ, ଲିଲିମା ଦାସ ହୁନ୍ଦୁ ନବବର୍ଷ ଉପରେ ଆଲୋକପାତ କରିଥିଲେ । ଅନନ୍ତ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦ ବାଉଁଶ କାରିଗରଙ୍କ କେରଳ ଯାତ୍ରା

ମନମୁଣ୍ଡା,୧୯ ।୩(ସମିସ): ବୌଦ୍ଧ ଜିଲ୍ଲା ସିନ୍ଦୂରପୁର ଗ୍ରାମର ୧୦ ଜଣ ନିପୁଣ ବାଉଁଶ କାରିଗର କେରଳକୁ ଏକ୍ସପୋଜର ଭିଜିଟ ପାଇଁ ଗସ୍ତ କରିଛନ୍ତି । ସେମାନେ ସେଠାରେ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ତାଲିମ ନେବେ । ବାଉଁଶ ହସ୍ତଶିଳ୍ପ ସମ୍ବନ୍ଧୀୟ ଆଧୁନିକ ପ୍ରଯୁକ୍ତି ଓ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ । ମୀନାକ୍ଷୀ କୁମୁରା (ଏସିଏଫ୍, ବୌଦ୍ଧ) ଏବଂ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ଶ୍ରେଷ୍ଠ ୧୦ ଜଣ ନିପୁଣ ବାଉଁଶ କାରିଗରଙ୍କୁ ମନୋନୟନ କରିଥିଲେ । ସେମାନେ ହେଲେ ଗୋବିନ୍ଦ ଦେହୁରୀ, ସର୍ବଣ ତାମାଲିଆ, ଚିନ୍ତାମଣି ନାଏକ, ସୁରେନ୍ଦ୍ର ପ୍ରଧାନ, ପ୍ରିୟଙ୍କା ପ୍ରଧାନ, ଯଶୋଦା ପ୍ରଧାନ, ଆଦିତ୍ୟ ରାଜହଂସା, ମୋହନା ପଟ୍ଟନାୟକ । ଏହି ଏକ୍ସପୋଜର ଭିଜିଟର ଉଦ୍ଦେଶ୍ୟ ହେଉଛି ବାଉଁଶ କାରିଗରମାନଙ୍କ କୌଶଳ ବୃଦ୍ଧି କରିବା, ସ୍ୱଦେଶୀ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଓ ତାଙ୍କର ଜୀବିକାର ଉନ୍ନତି ସୁନିଶ୍ଚିତ କରିବା ।

## ତରଭା ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା



ତରଭା,୧୯ ।୩(ସମିସ): ତରଭା ବରିଷ୍ଠ ନଗରିକ କମିଟିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏଫଆରସିସିରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ଅଧ୍ୟକ୍ଷତା କରି ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏଥିରେ ସର୍ବ ସମ୍ମତି କ୍ରମେ ୨ ବର୍ଷ ପାଇଁ ଦେବେନ୍ଦ୍ର ବିଜୟ ସାହୁଙ୍କୁ ସଂଘର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ କୁମାର ସାହୁ, ଉପସଭାପତି ଭାବେ ଜୟକିଶୋର ସାହୁ, ରାଜକିଶୋର ସାହୁ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, ସହ ସମ୍ପାଦକ ବିଜୟ କୁମାର ମେହେର, କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର ବିଜୟ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଡାକ୍ତର ଉପେନ୍ଦ୍ର ପଣ୍ଡା, ଜୟପ୍ରକାଶ ନାରାୟଣ ସାହୁ, ଶୈଳେନ୍ଦ୍ର କୁମାର ସାହୁ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଅକ୍ଷୟ କୁମାର ବାଘ, ଚତୁର୍ଭୁଜ ସାହୁ, ସଦାନନ୍ଦ ପାଣିଗ୍ରାହୀଙ୍କୁ ପରିଚାଳନା କମିଟିର ସଭ୍ୟ ଭାବେ ଗ୍ରହଣା କରାଯାଇଛି । ହରିବନ୍ଧୁ ପାଣିଗ୍ରାହୀ, କ୍ଷେତ୍ରବାସୀ ସାହୁ ଓ ରାଜ କିଶୋର ସାହୁଙ୍କୁ ଉପଦେଷ୍ଟା କମିଟିର ସଭ୍ୟ ଭାବେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଶେଷରେ ଉପସଭାପତି ଜୟକିଶୋର ସାହୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିବିକ୍ରମ ସାହୁ, ଲକ୍ଷ୍ମଣ ରଣା, ଶଙ୍କର ଭବାନୀ ସାହୁ, ଶିବନାରାୟଣ ସାହୁ, ପର୍ଶୁରାମ ସାହୁ, ଗିରୀନ୍ଦ୍ର ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୪ ଚାଷୀଙ୍କୁ ବିଦ୍ୟୁତ୍ ବିଭାଗର ମାନସିକ ନିର୍ଯାତନା

**୨ ବର୍ଷ ହେଲା ବିଲରେ ଲାଗିନି ମିଟର** | **ଚାଷୀଙ୍କ ଆଶା ଧୂଳିସାତ କଲା ବିଦ୍ୟୁତ ବିଭାଗ**

ଶଗଡ଼ା,୧୯ ।୩(ସମିସ): ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି । କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ସଦର ଗ୍ରାମର ୪ଜଣ ଚାଷୀ ୨୦୧୯ ମସିହାରେ ବିଜୁ କୃଷକ ବିକାଶ ଯୋଜନାରେ ୨୦ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ । ୨୦୨୪ମସିହାରେ ନଳକୂପରେ ବିଦ୍ୟୁତ ସଂଯୋଗ ଦିଆ ଯାଇଥିଲା । ବାରମ୍ବାର ଅଭିଯୋଗ



ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ । ଅଣ ଜଳସେଚିତ ଜମିରେ ଅଧିକ ଚାଷ କରି ଲାଭବାନ ହୋଇ ପରିବାର ଚଳାଇବା ଆଶା ନେଇ ଚାଷୀ ଏହି ବୋର୍ୱେଲ ଖନନ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀର ବୋର୍ୱେଲ୍ରେ ବିଦ୍ୟୁତ ମିଟର ଲାଗି ନ ଥିବା ଅଭିଯୋଗ କରିଛନ୍ତି । ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀମାନେ ଦାୟୀ କରିଛନ୍ତି । ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି; କିନ୍ତୁ କିଛି ସୁଫଳ ମିଳି ନ ଥିବା କହିଛନ୍ତି । ଯୋଗୀନ୍ଦ୍ରପୁର ଗ୍ରାମର ସୁପକାର ବଗର୍ତ୍ତୀ, ପରମାନନ୍ଦ ପ୍ରଧାନ, ଗୌରଚରଣ ପ୍ରଧାନ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ । ୧୫ ଦିନରେ ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ ସଂଯୋଗ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ତେଲିବନ୍ଧ ପଞ୍ଚାୟତରେ ଗ୍ରାମସଭା

ଜହ୍ନାପଙ୍କ,୧୯ ।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ଅଫିସଠାରେ ସରପଞ୍ଚ ରତ୍ନାକର ନାଏକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗ୍ରାମସଭା ଅନୁଷ୍ଠିତ ହୋଇଛି । ଜିଆରଏଏସ ନରେଶ ମଳିକ ସ୍ୱାଗତ ଭାଷଣ ଦେବା ସହିତ ଭିବି-ଜି ରାମ-ଜି ସମ୍ପର୍କରେ ବୁଝାଇଥିଲେ । ଏଥିରେ ଅତିଥି ଭାବେ ଗୋଷ୍ଠୀ ସାମାଜିକ ସମୀକ୍ଷକ ଗୋପାଳ ମେହେର, ତେଲିବନ୍ଧ ସେବା ସମବାୟ ସମିତି ସଭାପତି ତ୍ରିପୁର ମହାକୁଡ଼, ନିର୍ବାହୀ ଅଧିକାରୀ ଆଜାଦ ନାଏକ ଯୋଗଦେଇ ସମସ୍ତେ କେମିତି କାମ ପାଇ ପାରିବେ ସେ ନେଇ ସୂଚନା ଦେଇଥିଲେ । ଏହି ଯୋଜନାରେ ଠିକ୍ ସମୟରେ ମଜୁରି ପ୍ରଦାନ, ଜଳ ସୁରକ୍ଷା ଏବଂ ସଂରକ୍ଷଣଭିତ୍ତିକ କାର୍ଯ୍ୟ, ଜୀବିକା ବୃଦ୍ଧି ସମ୍ବନ୍ଧୀୟ କାର୍ଯ୍ୟ, ଗ୍ରାମୀଣ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ କାର୍ଯ୍ୟ, ଜଳବାୟୁ ପରିବର୍ତ୍ତନ ଓ ପ୍ରତିକୂଳ ପାଣିପାଗ ସମାଧାନ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କମ୍ପରା ଗ୍ରାମର ସୁଜିତ ଚାନ୍ଦ ଓ ଆନନ୍ଦପୁର ଗ୍ରାମର ସୁଦର୍ଶନ କର୍ଣ୍ଣ ଯୋଗଦେଇ ମୋ ପୋଖରୀ ଖୋଳି ପଇସା ପାଇ ନ ଥିବା ଆଲୋଚନା ହୋଇଥିଲା । ସମସ୍ତ ୱାର୍ଡସଭ୍ୟ,ଗାଁସାଥି, ଜବ କାର୍ଡଧାରୀ ଭିପିଆରପି, ମିଶନ ଶକ୍ତିର ସମସ୍ତ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଏମ୍ବିକେ, ସିଆର୍ପିମାନେ ଉପସ୍ଥିତ ଥିଲେ ।

### ଛାତରୁ ପଡ଼ି ଶ୍ରମିକ ମୃତ

# କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ



**ଧର୍ମଗଡ଼, ୧୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କେବିଡି ନିକଟରେ ନିର୍ମାଣଧିନ ସରକାରୀ ଆଇଟିଆଇ ଛାତରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ବଡଘୁମରଗାଁର ରାଜେନ୍ଦ୍ର ଗୋପାଳ (୩୫)। ସୂଚନା ଯୋଗ୍ୟ ରାଜେନ୍ଦ୍ର ଏହି ଆଇଟିଆଇରେ ଦୀର୍ଘ ଦୁଇ ମାସ ହେବ ଶ୍ରମିକ ଭାବେ କାମ କରିଆସୁଥିଲେ। ଗୁରୁବାର କାମ କରୁଥିବା ବେଳେ ଲିଫ୍ଟର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁଇ ଜଣ ଶ୍ରମିକ ଖସି ପଡ଼ିଥିଲେ। ଜଣେ ଶ୍ରମିକ ଛାତ ଉପରେ ପଡ଼ି ଥିବା ବେଳେ ରାଜେନ୍ଦ୍ର ଦୁଇ ମହଲା ଛାତରୁ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣା ଘଟିଥିବା ଦେଖି ସ୍ଥାନୀୟ ଶ୍ରମିକ ଓ ସେଠାରେ ନିଯୁକ୍ତ କର୍ମଚାରୀ ଗୁରୁତର ଭାବରେ ରାଜେନ୍ଦ୍ରଙ୍କୁ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ହିଁ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ତେବେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଧର୍ମଗଡ଼ ମେଡ଼ିକାଲ୍ ସମ୍ମୁଖ ଧର୍ମଗଡ଼ -ରାୟପୁର ଜାତୀୟ ରାଜପଥ ୧୩୦ସିକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ରାସ୍ତା ଅବରୋଧ ହେବା ଫଳରେ ରାୟପୁର-ଧର୍ମଗଡ଼ ରାସ୍ତାରେ ଯାତାୟତ ଠପ୍ ହୋଇପଡ଼ିଥିଲା। ଖବର ପାଇ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଧର୍ମଗଡ଼ ଏସଡିପିଓ ବର୍ଷିତା ଆଡେପୁ, ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଏନଏସି ଇଓ ବିଶ୍ୱମ୍ବର ମିଶ୍ର, ଧର୍ମଗଡ଼ ଥାନା ଅଧିକାରୀ ସୁଦର୍ଶନ ନାୟକ ଘଟଣା ସ୍ଥଳକୁ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାସୁଝା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବିକୁ ଆଧାର କରି ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ଧର୍ମଗଡ଼ ଥାନାରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ପୁଲିସ।

### ଜୋଲକୋ ନଦୀଗର୍ଭ ଜଳାଶୟ ଫାଟକ ଖୋଲିଲା କିଏ?

# ଲକ୍ଷ ଲକ୍ଷ କ୍ୟୁସେକ୍ ପାଣି ବରବାଦ

**କେସିଙ୍ଗା, ୧୯ ।୩(ସମିସ)**

ଖରା ଦିନରେ ଚାଷୀଙ୍କ ଚାଷ ଜମିକୁ ସୁରୁଖୁରୁରେ ପାଣି ଯୋଗାଇବା ପାଇଁ ପୂର୍ବ ବିଜେଡି ସରକାର ଅମଳରେ ସ୍ଥାନୀୟ ଯୋଲକୋ ଛକ ଠାରେ ଥିବା ରେତ୍ ନଦୀ ଉପରେ ସରକାର ପ୍ରାୟ ୫୯ କୋଟି ଟଙ୍କା ଖର୍ଚ୍ଚ କରି ଏକ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରି ରବି ଚାଷ ପାଇଁ ଚାଷୀଙ୍କୁ ପାଣି ଯୋଗାଇବା ପାଇଁ ସୁବ୍ୟବସ୍ଥା କରାଯାଇଥିଲା। ଯାହା ପ୍ରକଳ୍ପର ଆଖପାଖ ଅଞ୍ଚଳରେ ଥିବା ପ୍ରାୟ ୫ ଶହ ହେକ୍ଟର ଜମିରେ ରବି ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଚାଷୀମାନେ ମଧ୍ୟ ଦୁଇ ବର୍ଷ ହେଲା ଅଚିନ୍ତାରେ ରବି ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉ ଥିଲେ। ହେଲେ କଣ ହେଲା କେଜାଣି ବୁଧବାର ଦିନ ପ୍ରାୟ ଦିବା ୧ରୁ ୨ ଘଣ୍ଟା ସମୟରେ ଅଚାନକ ପ୍ରକଳ୍ପର ତିନୋଟି ଗେଟ ଖୋଲି ଯାଇ ନଦୀ ଗର୍ଭ ଜଳାଶୟରେ ଜମା ରହିଥିବା ଲକ୍ଷ ଲକ୍ଷ କ୍ୟୁସେକ ପାଣି ନଦୀରେ ବୋହି ତଳ ମୁଣ୍ଡକୁ ଚାଲି ଯାଇଥିଲା। ପ୍ରକାଶ ଥାଉକି ପ୍ରକଳ୍ପର ଗେଟ ଗୁଡ଼ିକ ବିଦ୍ୟୁତ୍ ଚାଳିତ। ଦାୟିତ୍ୱରେ ଥିବା ୱାଟର ମ୍ୟାନ୍ କହୁଛି ମୁଁ ଖାଉଥିବା ସମୟରେ ହଠାତ୍ ଆପେ ଆପେ ଗେଟ ଖୋଲି ଯାଇ ପାଣି ଶବ୍ଦ ହେବାରୁ ମୁଁ ବାହାରକୁ ଆସି



ଦେଖିଲା ବେଳକୁ ତିନୋଟି ଗେଟ ଖୋଲି ପାଣି ବୋହି ଯାଉଛି ଯେତେ ଚେଷ୍ଟା ପରେ ମଧ୍ୟ ଗେଟ ବନ୍ଦ ହୋଇ ନଥିଲା। ବହୁତ ପାଣି ବୋହି ଯିବା ଫଳରେ ତଳ ମୁଣ୍ଡରେ ଚାଷୀମାନେ ନଦୀ ମଝିରେ କୂଅ ଖୋଲି ମଟର ଓ ପମ୍ପ ସାହାଯ୍ୟରେ ପାଣି ନେଉଥିବା ପ୍ରାୟ ୫ରୁ ୬ ଜଣ ଚାଷୀଙ୍କ ମଟର ଓ ପମ୍ପପାଣି ଓ ବାଲିରେ ପୋତି ହୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେପଟେ ଘଟଣା ଘଟିବା ପରେ ଘଟଣାସ୍ଥଳରେ ପହଞ୍ଚି ଥିବା ଅଧିକାରୀମାନଙ୍କ ପାଟିରୁ କଥା ବାହାରୁ ନଥିଲା। ଜଣେ ଅଧିକାରୀ ମୁଁ ଏବେ ଆସିଛି କଣ ହେଇଛି କିପରି ପାଣି ପଳେଇଲା ଜାଣିନି କାରଣ ଜଣାପଡ଼ିବା ପରେ କହିବି କହି ନିଜ ଉପରୁ ଦୋଷ ଏଡାଇ ଦେଇଥିଲେ। ଅନ୍ୟପଟେ ମାସେ ଦୁଇ ମାସ ତଳେ ମଧ୍ୟ ସେମିତି ରେତ ନଦୀ ବ୍ରିଜ ସାଇଡରେ ନୂତନ ବ୍ରିଜ ନିର୍ମାଣ ପାଇଁ ପ୍ରକଳ୍ପରେ ଷ୍ଟକ ଥିବା ପାଣି ଜାଣିଶୁଣି ନଦିରେ ବୋହାଇ ଦିଆଯାଇଥିଲା କିନ୍ତୁ ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ଜିଲ୍ଲା ପ୍ରଶାସନର ଆଦେଶରେ ପାଣି ଛଡା ଯାଇଥିଲା ବୋଲି କହି ଖସି ଯାଇଥିଲେ। ହେଲେ ଏଥର ଚାଷୀଙ୍କ ପାଇଁ ଜମା ଥିବା ପାଣି ବୋହାଯିବା କାହା ମୁଣ୍ଡରେ ଦୋଷ ଲଦିବେ ଦେଖିବାକୁ ବାକି ରହିଲା। ଯୋଉ ନଦୀଗର୍ଭ ଜଳାଶୟରେ ଦୁଇ ଦିନ ତଳେ ୧୦ରୁ ୧୫ ଫୁଟ ପାଣି ଥିଲା ଆଜି ସେଠାରେ ବାଲି ଦେଖାଯାଉଛି ଲୋକେ ନଦୀଗର୍ଭ ମଝିକୁ ଯାଇ ମାଛ ଧରୁଥିବା ଦେଖା ଯାଉଛି। ୨୪ ଘଣ୍ଟା ପରେ ମଧ୍ୟ ଗେଟ ବନ୍ଦ କରାଯାଇ ନ ଥିଲା ଗେଟ ବନ୍ଦ କରିବାରେ କଣ ସମସ୍ୟା ରହିଛି ତାହା ମଧ୍ୟ ବିଭାଗ କହୁନାହିଁ ପାଣି ସେମିତି ବହି ଚାଲିଛି। ବର୍ତ୍ତମାନ ଖରାଦିନ ଆସି

**୫ଶହ ହେକ୍ଟର ରବି ଚାଷ ଉପରେ ପଡ଼ିବ ପ୍ରଭାବ**

ଯାଇଥିବା ବେଳେ ରାଜ୍ୟରେ ବର୍ଷା ମଧ୍ୟ ହେବାର ସମ୍ଭାବନା ନାହିଁ କହିଲେ ଚାଲେ। ବର୍ତ୍ତମାନ ନଦୀ ଗର୍ଭକୁ କୋଉଠୁ ପାଣି ଆସିବ ଓ ଚାଷୀ କିପରି ରବି ଚାଷ କରିବେ ଚିନ୍ତାରେ ପଡ଼ିଛନ୍ତି। ସେପଟେ ପାଣି ତ ଗଲାଗଲା ପୁଣି ପାଣି ଯୋଗୁଁ ଚାଷୀଙ୍କ ମଟର ପମ୍ପ ବି ପାଣିରେ ଭାସିଗଲା। ଚାଷୀଙ୍କୁ ଉପଯୁକ୍ତ ଭରଣା ସହିତ ନଦୀଗର୍ଭ ପ୍ରକଳ୍ପର ଗେଟ କିଏ ବା କାହିଁକି ଖୋଲିଲା ତାହାର ଉଚିତ୍ ତଦନ୍ତ କରିବା ପାଇଁ ଚାଷୀ ମହଲରେ ଦାବି ହେଉଛି।

## ସୀମାନ୍ତ ଜଙ୍ଗଲରେ ବୁଲୁଛି ଝାର ମଇଁଷି



**ସିନାପାଲି, ୧୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ସୀମାନ୍ତ ଘାଟମାଳ ପଞ୍ଚାୟତର ତାଲାକୋଟ ଅଞ୍ଚଳରେ ଜଙ୍ଗଲି ମଇଁଷି ବୁଲୁଥିବା ନେଇ ସ୍ଥାନୀୟ ଲୋକେ ଭୟଭୀତ ଥିବା ଜଣାପଡ଼ିଛି। ବର୍ତ୍ତମାନ ମହୁଲ ଫୁଲ ସମେତ ଲଘୁବନଯାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଲୋକେ ଜଙ୍ଗଲକୁ ଭୋର ସମୟରୁ ଯାଉଛନ୍ତି। ଏହି ମଇଁଷି ଲୋକକୁ ଦେଖି ଦୌଡ଼ିବାକୁ ଲାଗିଥିବା ବେଳେ ଲୋକେ ଭୟଭୀତ ରହିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ଏହି ଅଞ୍ଚଳ ଛତିଶଗଡ଼ର ଉଦନ୍ତୀ ଅଭୟାରଣ୍ୟ ସହିତ ସଂଲଗ୍ନ ରହିଥିବା ବେଳେ ବିଭିନ୍ନ ସମୟରେ ଗାଁମୁହାଁ ହେଉଛି। ଏହା ବ୍ୟତୀତ ଅଞ୍ଚଳ ଜଙ୍ଗଲ ପାହାଡ଼ ପାଦଦେଶରେ ଅବସ୍ଥିତ ଥିବା ବେଳେ ବିଭିନ୍ନ ସମୟରେ ଅନେକ ବନ୍ୟଜନ୍ତୁ ଗାଁମୁହାଁ ହେଉଥିବା ନଜିର ରହିଛି।

## ଜନଗଣନା ପାଇଁ ଲାଞ୍ଜିଗଡ଼ ବ୍ଲକ୍‌ରେ ତାଲିମ ଶିବିର

**ଲାଞ୍ଜିଗଡ଼, ୧୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମାଁ ହିରାନୀଳା ଡିଗ୍ରୀ ବିଦ୍ୟାଳୟରେ ଜନଗଣନା ୨୦୨୭ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡରେ ଜନଗଣନା କରାଯିବ।ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞତା ସମ୍ପନ୍ନ ଶିକ୍ଷକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ଜନଗଣନା ତାଲିମ ପ୍ରଦାନ କରାଯାଇଛି।ପ୍ରଥମ ପର୍ଯ୍ୟାୟ ୧୬ ଅପ୍ରେଲ ୨୦୨୬ରୁ ୧୫ ମଇ ୨୦୨୬ ଯାଏଁ ଗୃହ ଗଣନା କରାଯିବ। ୨୦୨୭ ମସିହା ଫେବୃୟାରୀ ୯ ରୁ ୨୮ ଯାଏଁ ଜନଗଣନା ଚାଲିବ ବୋଲି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ତେବେ ଲାଞ୍ଜିଗଡ଼ ବ୍ଲକ ୨୦୨୭ ଜନଗଣନା ପାଇଁ ବୁଧବାର ଠୁଁ ଆରମ୍ଭ ହୋଇଯାଇଛି ତାଲିମ ଶିବିର। ଲାଞ୍ଜିଗଡ଼ ତହସିଲଦାର ତଥା ଜନଗଣନା ଇନଚାର୍ଜ ଅଫିସର ବନମାଳୀ ମେହେର ଯୋଗଦେଇ ଶିବିରକୁ ଶୁଭାରମ୍ଭ କରି ଡିଜିଟାଲ ମୋଡରେ କିଭଳି ଜନଗଣନା କରିବେ ସମସ୍ତଙ୍କୁ ଅବଗତ କରିଛନ୍ତି। ଅତିରିକ୍ତ ତହସିଲଦାର ପ୍ରିୟବ୍ରତ ନାୟକ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଜନଗଣନା କାର୍ଯ୍ୟକ୍ରମକୁ ନିର୍ଭୁଲ ଓ ସଠିକ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱ ସମ୍ପନ୍ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ।ତାଲିମ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ ଅଂଶଗ୍ରହଣ କରିଥିବାବେଳେ ମାଷ୍ଟର ଟ୍ରେନର ଭାବେ ଧଅଁରାଭଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପିଜିଟି ବାୟୋଲୋଜି ଅଧ୍ୟାପକ ସୁଦିପ ପରମାଣିକ, ଓଡ଼ିଆ ଅଧ୍ୟାପକ ରୋହିତ ଲୁହା, ଧଅଁରାଭଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଇଂରାଜୀ ଶିକ୍ଷକ ସନ୍ତୋଷ ମେହେର, ବିଜ୍ଞାନ ଶିକ୍ଷକ ସୌମ୍ୟ ରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି।

## ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷାଙ୍କ ୱାନ୍ ଷ୍ଟପ୍ ସେଣ୍ଟର ପରିଦର୍ଶନ



**ଭବାନୀପାଟଣା, ୧୯ ।୩ (ସମିସ):** ଓଡ଼ିଶା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାର ୱାନ୍ ଷ୍ଟପ୍ ସେଣ୍ଟର (ସଖି) ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସମାଜକଲ୍ୟାଣ ଅଧିକାରିଣୀ ମଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ସହ ଶ୍ରୀମତୀ ସୁମିତା ଦେବୀ ତ୍ରିପାଠୀ, ପ୍ରୋଟେକ୍ସନ ଅଫିସର ସନ୍ଧ୍ୟାରଣୀ ନାୟକ ଏବଂ ମହିଳା ହବ୍‌ର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ପ୍ରତିନିଧି ଦଳ ୱାନ୍ ଷ୍ଟପ୍ ସେଣ୍ଟର ମାଧ୍ୟମରେ ପୀଡିତ ମହିଳାମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସବିଶେଷ ଅବଗତ ହୋଇଥିଲେ। ବିଶେଷତଃ ପୀଡିତମାନଙ୍କୁ ପରାମର୍ଶ ପ୍ରଦାନ ପ୍ରକ୍ରିୟା, ମାମଲା ପଞ୍ଜୀକରଣ ବ୍ୟବସ୍ଥା, ଆଇନଗତ ସହାୟତା ଏବଂ ସେଣ୍ଟରର ସମଗ୍ର ପରିଚାଳନା ବ୍ୟବସ୍ଥା ବିଷୟରେ ସମୀକ୍ଷା କରାଯାଇଥିଲା। ଶ୍ରୀମତୀ ମହାନ୍ତି ସେଣ୍ଟରର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରି କହିଥିଲେ ଯେ, କଳାହାଣ୍ଡିର ୱାନ୍ ଷ୍ଟପ୍ ସେଣ୍ଟର (ସଖି) ସୁଚାରୁ ଏବଂ ପ୍ରଭାବଶାଳୀ ଭାବରେ ପରିଚାଳିତ ହେଉଛି। ସେ ଏହାକୁ ଜିଲ୍ଲାରେ ପୀଡିତ ମହିଳାମାନଙ୍କ ପାଇଁ ଏକ ଭରସା ଯୋଗ୍ୟ ଓ ସମଗ୍ର ସହାୟତା କେନ୍ଦ୍ର ଭାବେ ବର୍ଣ୍ଣନା କରିଥିଲେ ଏବଂ ସମସ୍ତ କର୍ମଚାରୀଙ୍କ ନିଷ୍ଠାପୂର୍ଣ୍ଣ ସେବାକୁ ସ୍ୱାଗତ କରିଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୧୯ ।୩(ସମିସ):** ସିନାପାଲି ବ୍ଲକ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କିଶୋର ଚନ୍ଦ୍ର ମେହେରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ, ବୈଷ୍ଣବ ମେହେର, ସୁମିତ୍ରା ମେହେର, ଉଗ୍ରେସନ ହଂସ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଶ୍ରୀମେହେରଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ନିଷ୍ଠାପର ଓ ସମର୍ପିତ ଶିକ୍ଷକତା ବିଷୟରେ ଆଲୋଚନା କରି ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏ ଅବସରରେ ନୂତନ ଭାବରେ ଯୋଗଦାନ କରିଥିବା ଶିକ୍ଷକ ଉଗ୍ରେସନ ହଂସଙ୍କୁ ସ୍ୱାଗତ କରାଯିବା ସହ ଚଳିତ ବର୍ଷ ବାର୍ଷିକ ପରୀକ୍ଷା ଦେଇ ସାରିଥିବା ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତର କାମନା କରି ସେମାନଙ୍କୁ ବିଦାୟ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବୈଷ୍ଣବ ମେହେର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶେଷରେ ସୁମିତ୍ରା ମେହେର ଧନ୍ୟବାଦ ଦେଇଥିଲେ।



## ରିଞ୍ଜା ଧରଣୀପଡ଼ା ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତ

**କର୍ଲାମୁଣ୍ଡା, ୧୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଞ୍ଜା ଧରଣୀପଡ଼ା ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନକୁ ନେଇ ପ୍ରସ୍ତୁତି ବୈଠକ ବୁଧବାର ଆୟୋଜିତ ହୋଇଥିଲା। ପୁରାତନ ଛାତ୍ର ବିଷ୍ଣୁ ମାଝୀ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଯଥାର୍ଥ ଓ ସ୍ମରଣୀୟ ଭାବରେ ପାଳନ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସମସ୍ତଙ୍କ ସହଯୋଗରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ବିଶାଳ ଭାବରେ ପାଳନ କରିବାକୁ ବୈଠକରେ ସମ୍ମତି ପ୍ରକାଶ ପାଇଥିଲା ବୈଠକରେ ପୁରାତନ ଛାତ୍ର ଉଜ୍ଜ୍ୱଳ ସାହୁ, ପ୍ରଦୀପ କୁମାର ସାହୁ, ପ୍ରସନ୍ନ ସାହୁ, ଅରବିନ୍ଦ ସାହୁ, ବୁଦ୍ଧଦେବ ସାହୁ, ରିପୁ ଦମନ ସୌରଭ ମିଶ୍ର, ନୀଳ ସାହୁ, ଜିତେନ୍ଦ୍ର ସାହୁ, ନବୀନ କୁମାର ସାହୁ, ଶମ୍ଭୁ ମାଝୀ, ଜୟରାମ ସାହୁ, ତ୍ରିମ୍ବେଶ୍ୱର ସାହୁ, ଫକୀର ସାହୁ, ବିରଞ୍ଚି ମହାପାତ୍ର, ଚିତ୍ତ ସାହୁ, ଥବିର ସାହୁ, ଭୀମ ମାଝୀ, ପପୁ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଭିନ୍ନ ସମସ୍ୟା ଉପରେ ସିଟିଜେନ ଫୋରମର ଆଲୋଚନା

**କୋକସରା, ୧୯ ।୩(ସମିସ):** କୋକସରା ବ୍ଲକ ସିଟିଜେନ ଫୋରମ ପକ୍ଷରୁ ଗୁରୁବାର ସ୍ଥାନୀୟ ଶିଶୁ ମନ୍ଦିର ପରିସରରେ ବ୍ଲକର ବିଭିନ୍ନ ସମସ୍ୟା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଭାପତି ଧନେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କୁ କୋକସରା ବ୍ଲକରେ କ୍ରୀଡା ଓ ଖେଳାଳିଙ୍କ ବିକାଶ ପାଇଁ ଷ୍ଟାଡିୟମ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ୧୬କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ଯୋଗାଇ ଦେଇଥିବା ନେଇ ଧନ୍ୟବାଦ ଅର୍ପଣ କରିଥିଲେ।ରବି ଚାଷ ଅନ୍ ଲାଇନ ପଞ୍ଜିକରଣ ନେଇ ୱେବ ସାଇଡ଼ ଖୋଲୁନଥିବାରୁ ଉଠା ଜଳସେଚନ ଅଞ୍ଚଳର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ରହିଛନ୍ତି, ଶୀଘ୍ର ସମାଧାନ କରିବାକୁ ଦାବି ହୋଇଛି। କୋକସରା ଆଦର୍ଶ ଶ୍ମଶାନ ନିର୍ମାଣ ତ୍ୱରାନିତ୍ୱ ଦାବି, ଜୁନାଗଡ଼-ନବରଙ୍ଗପୁର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ କରିବା, କୋକସରା ବ୍ଲକ ଅଞ୍ଚଳରେ ଦୁର୍ଘଟଣା ଜନିତ ଘଟଣା ବୃଦ୍ଧି ପାଉଥିବା ରୁ ସ୍ଥାନୀୟ ସିଏଚସି ରେ ଟ୍ରମା କେୟାର ସୁବିଧା ପାଇଁ ଦାବି ସହ ଅନ୍ୟ ଦାବି ନେଇ ଆଲୋଚନା କରିଥିଲେ। ବୈଠକରେ ସିଟିଜେନ ଫୋରମର ମିନିକେତନ ପ୍ରଧାନୀ, ଧବଳେଶ୍ୱର ନାଗ, ଶ୍ରୀନିବାସ ପ୍ରଧାନୀ, ବାହାଦୂର ମାଝୀ, ନାରାୟଣ ପଟ୍ଟନାୟକ, ଜୟଲାଲ ନାଏକ, ବିନୋଦ ବିହାରୀ ରାଉତ, ମୁକୁନ୍ଦ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଧର୍ମାନନ୍ଦ ନେଗି, ମନୋଜ ନାଏକ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ପିକ୍‌ଅପ୍ ଧକ୍କାରେ ଅଟୋ ଚାଳକ ଗୁରୁତର

**ଲାଞ୍ଜିଗଡ଼, ୧୯ ।୩(ସମିସ):** ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ନିକଟରେ ଏକ ଅଟୋକୁ ମେସୋ ଡେଲିଭରୀ ପିକ୍‌ଅପ୍ ଧକ୍କା ଦେବା ଫଳରେ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି।ସୂଚନାଯୋଗ୍ୟ ଅଟୋ ଭବାନୀପାଟଣା ପଟୁ ଅମ୍ବଦୋଳା ପଟେ ଯାଉଥିବା ବେଳେ ରାୟଗଡ଼ା ପଟୁ ଭବାନୀପାଟଣା ପଟେ ଯାଉଥିବା ଓଡି-୦୨ସିଏଲ୍ ୪୯୦୧ ବିଶିଷ୍ଟ ମେସୋ ଡେଲିଭରୀ ପିକ୍‌ଅପ୍ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ଗୁରୁତର ଆହତ ଅବସ୍ଥାରେ ରହିଥିବା ବେଳେ କିଡିଙ୍ଗ ଗାଁର ଯୁବଗୋଷ୍ଠୀ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଗୁରୁତର ଅଟୋ ଚାଳକଙ୍କୁ ଡାକ୍ତରଖାନା ପଠାଇଥିଲେ। ଗୁରୁବାର ଅଟୋ ଚାଳକ ଅଟୋ ଚାଳକ ରାୟଗଡ଼ା ଜିଲ୍ଲା ଅମ୍ବଦୋଳାର ସୁରଜ ସୁନା (୨୮) ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକା ଓ କନେଷ୍ଟବଳ ପିତବାସ ମାଝୀ, ମୁକେଶ ସାହୁ ପହଞ୍ଚି ପିକ୍‌ଅପ୍ ଓ ଡ୍ରାଇଭରକୁ ଫାଣ୍ଡିକୁ ନେଇ ତଦନ୍ତ କରୁଥିବା ସୂଚନା ମିଳିଛି।

## ନିଆଁ ଲାଗି ଜଳିଗଲା ଦୋକାନ

**କୋକସରା, ୧୯ ।୩(ସମିସ):** କୋକସରା ବ୍ଲକ ସୁପାଡ଼ଗ୍ରାମର ଯୁଗଳ କିଶୋର ରାଉତଙ୍କ ଦୋକାନରେ ନିଆଁ ଲାଗି ଯିବାରୁ ଅନେକ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତିରେ ଯୁଗଳଙ୍କ ଦୋକାନରେ କୌଣସି କାରଣରୁ ଅକସ୍ମାତ ନିଆଁ ଲାଗି ସାମଗ୍ରୀ ସବୁ ନଷ୍ଟ ହୋଇଯାଇଛି। ଦୋକାନ ଘରେ ନିଆଁ ଲାଗିବା ଦେଖି ପରିବାର ଲୋକେ ଭୟଭୀତ ହୋଇ ଯାଇଥିଲେ। ଏବଂ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ନିଆଁ ଅଣାୟତ ହେବାରୁ ଦୋକାନ ଘରେ ଥିବା ଦୋକାନ ସାମଗ୍ରୀ ସମେତ ଫ୍ରିଜ୍, ପଙ୍ଖା, ଚଉକି ଟେବୁଲ ତଥା ଅନେକ ବ୍ୟବହାର୍ଯ୍ୟ ସାମଗ୍ରୀ ଜଳି ପାଉଁଶ ହୋଇ ଯାଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏନେଇ ଯୁଗଳ ଲଡୁଗାଁ ରାଜସ୍ୱ ନୀରିକ୍ଷକଙ୍କୁ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ପାଇଁ ଦୋକାନକୁ ଆସି ତଦନ୍ତ କରିଛନ୍ତି।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

**ନୂଆପଡ଼ା, ୧୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରଦା ଏବଂ ଉପନିୟନ୍ତ୍ରକ, ବୈଧ ମାପ ବିଜ୍ଞାନ, ନୂଆପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ସ୍ଥାନୀୟ ରାଜୀବ ସେବାକେନ୍ଦ୍ର, ବ୍ଲକ ପରିସର ପାଳିତ ହୋଇଯାଇଛି। ରୁଦ୍ର ଚରଣ ପଟ୍ଟନାୟକ, ଅଧ୍ୟକ୍ଷ ପରଦା ସଭାପତିତ୍ୱ କରି କରିଥିଲେ। ପ୍ରସନ୍ନ ପାତ୍ରୀ ବରିଷ୍ଠ ଆଇନଜୀବି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଦିଲ୍ଲିପ ନିର୍ମଲକର, ଉପାଧ୍ୟକ୍ଷ ନୂଆପଡ଼ା ବ୍ଲକ, ହୃଷିକେଶ ନାୟକ ସହକାରୀ ଯୋଗାଣ ଅଧିକାରୀ, ପୃଥୁରାଜ ହାଁସଦା ଉପନିୟନ୍ତ୍ରକ ବୈଧ, ମାପ ବିଜ୍ଞାନ ବିଭାଗ ନୂଆପଡ଼ା, ପରମାନନ୍ଦ ହଂସ ଉପଭୋକ୍ତା ଅଦାଲତ, ରୋହିତ ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆପଡ଼ା, ସୁରେଶ ଆଚାରୀ, ସଭାପତି ଜିଲ୍ଲା ସାମ୍ବାଦିକ ସଂଘ ଏବଂ ନାରାୟଣ ପ୍ରସାଦ ଯୋଶୀ ସଦସ୍ୟ, ଶିଶୁ ସୁରକ୍ଷ୍ୟା କମିଟି ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଉପଭୋକ୍ତା'ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା।ଆତ୍ମବିଶ୍ୱାସୀ ଗ୍ରାହକମାନେ ନ୍ୟାୟପୂର୍ଣ୍ଣ ବଜାର ନିର୍ମାଣ କରନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ପରଦାର ସହକର୍ମୀ ମନବି ଉଜିର, ବେଦରାମ ସାହୁ, ସଞ୍ଜୀବ ପ୍ରଧାନ, ଉମା ଶଙ୍କର ପଟେଲ, ଯୋଗେଶ ସାହୁ, ରାଜୁ ପଟେଲ, ତୁଳସୀ ମାଝୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପରଦାର ବରିଷ୍ଠ ସହଯୋଗୀ କଳାକାର ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଗଣନା-୨୦୨୭ ପ୍ରଶିକ୍ଷଣ ଶିବିର

**ଜୟପାଟଣା, ୧୯ ।୩(ସମିସ):**କଳାହାଣ୍ଡି ଜିଲ୍ଲା ଜୟପାଟଣା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜିଠାରୁ ଜନଗଣନା-୨୦୨୭ ପାଇଁ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଯାଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।ଏଥର ପାରମ୍ପରିକ କାଗଜ କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ, ଯାହାକୁ ଦେଶର ପ୍ରଥମ 'ଡିଜିଟାଲ ଜନଗଣନା' କୁହାଯାଉଛି।ଶିବିରରେ ହାଉସ୍ ଲିଷ୍ଟିଂ ଅପରେସନ୍, ତଥ୍ୟ ସତ୍ୟାପନ ଏବଂ ଆପ୍‌ର ବ୍ୟବହାର ସମ୍ପର୍କରେ ସୁପରଭାଇଜର ଓ ଏନୁମେରେଟରମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଉଛି।ଜୟପାଟଣା ବ୍ଲକର ଗ୍ରାମାଞ୍ଚଳରେ ନିୟୋଜିତ ହେବାକୁ ଥିବା ସମସ୍ତ ଗଣନାକାରୀ କର୍ମଚାରୀ ସାମିଲ ହୋଇଛନ୍ତି।ଜୟପାଟଣା ତହସିଲଦାର ଯୋଗଦେଇ କହିଛନ୍ତି ଯେ, ସରକାରଙ୍କ ଆଗାମୀ ଦିନର ସମସ୍ତ କଲ୍ୟାଣକାରୀ ଯୋଜନା ଜନଗଣନା ତଥ୍ୟ ଉପରେ ହିଁ ନିର୍ଭର କରିଥାଏ। ତେଣୁ କୌଣସି ପ୍ରକାର ତ୍ରୁଟି ନକରି ସଠିକ ଓ ନିର୍ଭୁଲ ତଥ୍ୟ ସଂଗ୍ରହ କରିବାକୁ ସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।ଜନଗଣନା ହେଉଛି ଦେଶର ବିକାଶର ମୂଳଦୁଆ। ଏହି ଡିଜିଟାଲ ପ୍ରକ୍ରିୟା ଦ୍ୱାରା ତଥ୍ୟ ସଂଗ୍ରହରେ ସ୍ୱଚ୍ଛତା ଆସିବା ସହ ସମୟର ସଞ୍ଚୟ ହୋଇପାରିବ।

### ଅଙ୍ଗନବାଡି କର୍ମୀରୁ ସଫଳ ଚାଷୀ ପୂର୍ଣ୍ଣମୀ

# ୧୦ ପରିବାରକୁ ଦେଉଛନ୍ତି ରୋଜଗାର

**ସିନାପାଲି, ୧୯ ।୩(ସମିସ)**

ଆଜିର ସମାଜରେ ଅନେକେ ଚାକିରିକୁ ସୁରକ୍ଷିତ ଜୀବନର ପଥ ଭାବେ ଦେଖନ୍ତି। କିନ୍ତୁ କେତେକ ଲୋକ ଅଛନ୍ତି ଯେଉଁମାନେ ସାହସ, ପରିଶ୍ରମ ଓ ଆତ୍ମବିଶ୍ୱାସରେ ନିଜ ଜୀବନକୁ ନୂଆ ଦିଗ ଦେଇଥାନ୍ତି। ଏମିତି ଜଣେ ପ୍ରେରଣାଦାୟକ ମହିଳା ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋର୍ଲା ପଞ୍ଚାୟତର ତୁଲସିପଡ଼ାର ପୂର୍ଣ୍ଣମୀ ଜଗତ। ଅଙ୍ଗନୱାଡି କର୍ମୀ ଭାବେ ଚାକିରି କରୁଥିବା ଚାକିରି ଛାଡି ସଫଳ ଚାଷୀ ଭାବେ ଅନେକଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପୂର୍ଣ୍ଣମୀ ଜଗତ ୨୦୦୭ ମସିହାରେ ଅଙ୍ଗନୱାଡି କର୍ମୀ ଭାବେ ଚାକିରି ପାଇଥିଲେ। ସେ ସମୟରେ ମିଳୁଥିବା ଦରମାରେ ଘର ଚାଲାଇବା ସହ ପୁଅଝିଅଙ୍କ ପାଠପଢ଼ାର ଖର୍ଚ୍ଚ ଭରଣ କରିବା କଷ୍ଟକର ହେଉଥିଲା। ଏହି ସମସ୍ୟା ତାଙ୍କୁ ନୂଆ ପଥ ଖୋଜିବାକୁ ପ୍ରେରିତ କଲା। ଶେଷରେ ୨୦୧୭ ମସିହାରେ ସେ ଚାକିରି



**ଗାଁରେ ସୃଷ୍ଟି କଲେ ସବୁଜ ସମ୍ଭାବନା**

**ଦାଦନ ଯିବାକୁ ରୋକିଲେ**

ଛାଡି ଚାଷକୁ ନିଜ ଜୀବନର ମୂଳ ଜୀବିକା ଭାବେ ବାଛିନେଲେ। ଚାକିରି ଛାଡିବା ପରେ ସେ ନିଜ ଜମିରେ ଚାଷ କାମ ଆରମ୍ଭ କଲେ। ପ୍ରତିଦିନ ସକାଳୁ ହାତରେ ଛତା, ପାଣି ବୋତଲ ଓ ସ୍କୁଟି ନେଇ ସେ ଚାଷ ଜମିକୁ ବାହାରିଯାନ୍ତି। ଆଜି ସେ ପ୍ରାୟ ୨୦ ଏକର ଜମିରେ ଧାନ, ମକା, ହରଡ଼, ସୂର୍ଯ୍ୟମୁଖୀ, ମୁଗ, ସୋରିଷ, ସଜନା, ଚିନାବାଦାମ, ତରଭୁଜ ସହିତ ଆମ୍ବ, ଟମାଟର, କୁବି ଓ ବାଇଗଣ ଭଳି ବିଭିନ୍ନ ଫସଲ ଚାଷ କରି ସଫଳତା ହାସଲ କରୁଛନ୍ତି। ତାଙ୍କର ମୁଖ୍ୟ ଚାଷ ହେଉଛି ଧାନ। ଆରମ୍ଭରେ ପାଣିର ଅଭାବ ତାଙ୍କ ପାଇଁ ବଡ଼ ସମସ୍ୟା ହୋଇଥିଲା। କିନ୍ତୁ ଉଠାଜଳସେଚନ ବିଭାଗର ସହଯୋଗରେ ବୋରୱେଲ ବ୍ୟବସ୍ଥା ହେବା ପରେ ଚାଷରେ ନୂଆ ପରିବର୍ତ୍ତନ ଆସିଲା। ପାଣି ସୁବିଧା ମିଳିବା ସହ ତାଙ୍କ ଜମିରେ କୁଣ୍ଟାଳ କୁଣ୍ଟାଳ ଫସଲ ଉତ୍ପାଦନ ହେଉଛି ଓ ଚାରିପାଖର ଅଞ୍ଚଳ ସବୁଜରେ ଭରିଯାଇଛି। ପୂର୍ଣ୍ଣମୀଙ୍କ ଏହି ସଫଳତାରେ ସିନାପାଲି ବ୍ଲକ କୃଷି ଅଧିକାରୀ ସୁଧାଂଶୁ ଶେଖର ମେହେର ଓ ଅନ୍ୟ କର୍ମଚାରୀ ଭବେଶ ମେହେର ସହ ବିଭାଗର ସମସ୍ତେ ଚାଷକୁ ନେଇ ସାହାଯ୍ୟ କରିଛନ୍ତି। ଏହା ସହିତ ସେ ଅଞ୍ଚଳର ଲୋକମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିଛନ୍ତି। ପୂର୍ବରୁ ଯେଉଁମାନେ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଉଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୦ଟି ପରିବାରକୁ ସେ ନିଜ ଚାଷ କାମରେ ଲଗାଇଛନ୍ତି। ଏବେ ସେମାନେ ନିଜ ଗାଁରେ ରହି ପରିବାର ସହ ହସଖୁସିରେ ଜୀବନ ବିତାଉଛନ୍ତି। ତଥାପି କିଛି ସମସ୍ୟା ଆଜି ମଧ୍ୟ ରହିଛି। ପୂର୍ଣ୍ଣମୀଙ୍କ କହିବା ଅନୁସାରେ ତାଙ୍କ ଅଞ୍ଚଳରେ ବିଦ୍ୟୁତ୍ ସୁବିଧା ସମୟ ସମୟରେ ମିଳୁନାହିଁ। ଲାଇଟ କମ ସମୟ ପାଇଁ ରହୁଥିବାରୁ ଚାଷ ପାଇଁ ପାଣି ଉଠାଇବାରେ ଅସୁବିଧା ହୁଏ। ସେଥିପାଇଁ ସେ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ଯଦି ସୋଲାର ଶକ୍ତି ଆଧାରିତ ବ୍ୟବସ୍ଥା କରାଯାଏ, ତେବେ ଚାଷ ଆହୁରି ସୁବିଧାଜନକ ହେବ ଓ ଉତ୍ପାଦନ ବଢ଼ିବ। ପୂର୍ଣ୍ଣମୀଙ୍କ ସଫଳତା ଦେଖି ଅଞ୍ଚଳର ଅନେକ ମହିଳା ଓ ଯୁବପିଢ଼ି ଚାଷ ପ୍ରତି ଆଗ୍ରହୀ ହେଉଛନ୍ତି। ସେ ଆଜି ଅନେକଙ୍କ ପାଇଁ ଜୀବନ୍ତ ପ୍ରେରଣା ହୋଇଉଠିଛନ୍ତି। ପୂର୍ଣ୍ଣମୀଙ୍କ ଏହି ଯାତ୍ରା କେବଳ ଜଣେ ମହିଳାର ସଫଳତା ନୁହେଁ, ବରଂ ଆତ୍ମନିର୍ଭର ଭାରତର ଏକ ସ୍ପଷ୍ଟ ଉଦାହରଣ।

## ପ୍ରଥମ ଦିନରେ ମାଁଙ୍କ ଶୈଳପୁତ୍ରୀ ବେଶ

# ଆଧ୍ୟାତ୍ମିକ ପରିବେଶରେ ବାସନ୍ତିକ ନବରାତ୍ର ପୂଜା

### ବରଗଡ଼ ମାଁ ସମଲେଶ୍ୱରୀ ମନ୍ଦିର

**ବରଗଡ଼, ୧୯।୩(ସମିସ):** ଆଜିଠାରୁ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପ୍ରସିଦ୍ଧ ବାସନ୍ତୀକ ନବରାତ୍ର ମହୋତ୍ସବ ଆରମ୍ଭ ହୋଇଛି। ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ନଅ ଦିନ ଧରି ମାଁଙ୍କ ନବରାତ୍ର ମହୋତ୍ସବ ଧୁମଧାମରେ ପାଳିତ ହୋଇଥାଏ। ପ୍ରଥମ ଦିବସରେ ମାଁ ସମଲେଶ୍ୱରୀ ଶୈଳପୁତ୍ରୀ ବେଶରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମାଁଙ୍କ ବିହିତ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଅଖଣ୍ଡ ଦୀପ ସ୍ଥାପନ ତଥା ମାନସିକ ଅଖଣ୍ଡଦୀପ ପ୍ରଜ୍ୱଳନ କରିଥିଲେ। ମାଁଙ୍କ ଶୈଳପୁତ୍ରୀ ବେଶ ଦର୍ଶନ କଲେ କୋଟି ଜନ୍ମରୁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଆଜି ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ହଜାର ହଜାର ଭକ୍ତଙ୍କ ଆଗମନକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ମାଁ ଶ୍ୟାମାକାଳୀ ମନ୍ଦିର

**ବରଗଡ଼:** ବରଗଡ଼ ସ୍ଥିତ ପ୍ରସିଦ୍ଧ ମାଁ ଶ୍ୟାମାକାଳୀ ମନ୍ଦିରରେ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥି ଅବସରରେ ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ପୂଜା କାଳୀ ମନ୍ଦିର ପୂଜା କମିଟି ଦ୍ୱାରା ଆୟୋଜିତ ହୋଇଥିବା ବେଳେ ଆସନ୍ତା ୨୬ ତାରିଖ ଚୈତ୍ର ନବମୀ ଅବସରରେ ପୂର୍ଣ୍ଣାହୁତି ହେବ। ପୂଜାର ଶୁଭାରମ୍ଭ ପୂର୍ବରୁ ପୂର୍ଣ୍ଣ କଳସ ଆଣି ସ୍ଥାପନ କରାଯାଇଥିଲା। ପରେ ମାଁଙ୍କ ଉପଚାର ପୂଜା ସହ ଅଖଣ୍ଡ ଦୀପ ସ୍ଥାପନ କରି ବାସନ୍ତିକ ନବରାତ୍ର ପୂଜାର ଶୁଭାରମ୍ଭ ହୋଇଥିଲା। ଏହି ପବିତ୍ର ନବରାତ୍ର ପର୍ବରେ ପ୍ରତିଦିନ ବିହିତ ପୂଜା ସହିତ ସୂର୍ଯ୍ୟପୂଜା, ଘଟ ପୂଜା, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଦଶଦିଗପାଳ ପୂଜା, ବସୁଧାରା, ବର୍ଦ୍ଧନୀ ପୂଜା, ନବପତ୍ରିକା ପୂଜା ଓ ପାର୍ଶ୍ୱଦେବତା ପୂଜା ଆଦି ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହେଉଛି। ସେହିପରି ବାବା ଶ୍ୟାମେଶ୍ୱରଙ୍କ ମନ୍ଦିରରେ ରୁଦ୍ରାଭିଷେକ, ଜଗନ୍ନାଥଷ୍ଟକଂ ପାଠ ଓ ହନୁମାନ ଚାଳିଶା ପାଠ ଭକ୍ତମାନଙ୍କ ମଧ୍ୟରେ ଭକ୍ତି ଓ ଆସ୍ଥାକୁ ବଢ଼ାଇଛି। ପ୍ରଥମ ଦିନରେ ଶତାଧିକ ଭକ୍ତ ମାନସିକ ଅଖଣ୍ଡ ଦୀପ ସ୍ଥାପନ କରି ମାଁଙ୍କ ଆଶୀର୍ବାଦ କାମନା କରିଥିଲେ। ପରେ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇ ଆରତି ଓ ପୁଷ୍ପାଞ୍ଜଳି ସମ୍ପନ୍ନ ହୋଇଥିଲା। ପୂଜା କାର୍ଯ୍ୟରେ ପଣ୍ଡିତ ନରସିଂହ ଶତପଥୀ, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ଅନନ୍ତ ଶତପଥୀ, ଚଣ୍ଡୀପାଠକ ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ଆନନ୍ଦ ଷଡଙ୍ଗୀ, ପଣ୍ଡିତ ହରିରାମ ପଣ୍ଡା ଓ ପଣ୍ଡିତ ସୁମନ୍ତ ଷଡଙ୍ଗୀ ଆଦି ବିଦ୍ୱାନ ପଣ୍ଡିତମାନେ ବିଧିବତ ଭାବେ ପୂଜାର୍ଚ୍ଚନା କରୁଛନ୍ତି। ସୁଜିତ ଦାଶ ସସ୍ତ୍ରୀକ ଏହି ପୂଜାର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। କାଳୀ ପୂଜା ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ସ୍ଥାନୀୟ ଭକ୍ତମାନଙ୍କ ସକ୍ରିୟ ସହଯୋଗରେ ବାସନ୍ତିକ ନବରାତ୍ର ପୂଜା ପରିଚାଳିତ ହେଉଛି।





### ଗୁଡେଶିରା ଗାଁ

**ବରଗଡ଼:** ଚୈତ୍ର ବାସନ୍ତୀକ ନବରାତ୍ର ପୂଜା ପାଇଁ ସାରା ରାଜ୍ୟରେ ଏବେ ଆଧ୍ୟାତ୍ମିକ ପରିବେଶ ରହିଛି। ଏହି କ୍ରମରେ ବରଗଡ଼ ସହର ଉପକଣ୍ଠରେ ଥିବା ପ୍ରସିଦ୍ଧ ଗୁଡେଶିରା ଗାଁରେ ଗୁରୁବାର ଠାରୁ ଧୂମଧାମରେ ପବିତ୍ର ଚୈତ୍ର ନବରାତ୍ର ପୂଜା ଆରମ୍ଭ ହୋଇଛି। ଗାଁର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ଆଜି ପ୍ରଥମ ଦିନରେ ମାଁଙ୍କୁ 'ଶୈଳପୁତ୍ରୀ' ବେଶରେ ସଜ୍ଜିତ କରାଯାଇଛି। ପ୍ରତ୍ୟୁଷରୁ ମାଁଙ୍କ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମାଁଙ୍କ ଶୈଳପୁତ୍ରୀ ବେଶ ଦର୍ଶନ କରିବା ପାଇଁ ଗୁଡେଶିରା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆସନ୍ତା ନଅ ଦିନ ଧରି ମାଁଙ୍କର ନଅଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯିବ। ଶାନ୍ତିଶୃଙ୍ଖଳାର ସହ ଦର୍ଶନ ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।



### ଘେଁସ ମାଁ କୁଳେଶ୍ୱରୀ ଦୁର୍ଗାଦେବୀ ଶକ୍ତିପୀଠ ଓ ଦକ୍ଷିଣକାଳୀ ଶକ୍ତିପୀଠ

**ମେଲଛାମୁଣ୍ଡା:** ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିର ପବିତ୍ର ଅବସରରେ ଘେଁସ ହିମାଦ୍ରୀନଗର ସ୍ଥିତ କୁଳେଶ୍ୱରୀ ମାତା ଦୁର୍ଗାଦେବୀ ଶକ୍ତିପୀଠ ଓ ଦକ୍ଷିଣ କାଳୀଙ୍କ ଶକ୍ତିପୀଠରେ ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଶୁଭାରମ୍ଭ ହୋଇଛି। ମହୋତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ପୂଜାର ପ୍ରଥମ ଦିନରେ ସ୍ଥାନୀୟ ପୁଡିବନ୍ଧ ଜଳାଶୟରୁ ପବିତ୍ର ଜଳ ସଂଗ୍ରହ କରାଯାଇ ଏକ ଭବ୍ୟ କଳସ ଯାତ୍ରା ହୋଇଥିଲା। ଶହ ଶହ ପୁରୁଷ ଓ ମହିଳା ଭକ୍ତ କଳସ ବୋହି ଗାଁ ପରିକ୍ରମା କରିବା ପରେ ମାଁ କୁଳେଶ୍ୱରୀଙ୍କ ଶକ୍ତିପୀଠରେ ପହଞ୍ଚିଥିଲେ। ସେଠାରେ ବିଧିମତେ କଳସ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁଙ୍କ ପକ୍ଷରୁ ପ୍ରାୟ ୨୫୦ରୁ ଅଧିକ ମାନସିକ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳିତ କରାଯାଇଛି। ଦୁର୍ଗା ମନ୍ଦିର ମୁଖ୍ୟ ପୂଜକ ରାମଚନ୍ଦ୍ର ଦାସ, ଶିବାନନ୍ଦ ଦାସ, ଈଶ୍ୱର ଦାସ ଓ କାହ୍ନା ଦାସ ବୈଦିକ ରୀତିନୀତି ସହକାରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିଛନ୍ତି। ଦଶମୀ ପୂଜା ଓ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ପୂଜା ଜାରିରହିବ। ପଦ୍ମଶ୍ରୀ ହଲଧର ନାଗଙ୍କ ସାଧନା ପୀଠ ସ୍ଥାନୀୟ ଦକ୍ଷିଣ କାଳୀ ମନ୍ଦିର ଶକ୍ତିପୀଠରେ ମଧ୍ୟ ମନ୍ଦିରର ମୁଖ୍ୟ ପୂଜକ ମାନସ ସିଂ ସାହୁଙ୍କ ପୌରୋହିତ୍ୟରେ ବାସନ୍ତୀକ ନବରାତ୍ର ପୂଜା ଓ ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



### ସୋହେଲା ମାଁ ଦୁର୍ଗା ମନ୍ଦିର

**ସୋହେଲା:** ସୋହେଲା ମାଁ ଦୁର୍ଗାଙ୍କ ମନ୍ଦିରରେ ଆଜିଠାରୁ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଶୁଭାରମ୍ଭ ହୋଇ ଯାଇଛି। ଆଜି ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଘଣ୍ଟ ବାଦ୍ୟ, ଦୁଲଦୁଲି ବାଜା, ମହିଳା ନମୋଗୁରୁ ଏବଂ ବ୍ୟାଣ୍ଡ ବାଜା ସହିତ ମାଁ ଦୁର୍ଗାଙ୍କ ମନ୍ଦିର ବାହାରି ସ୍ଥାନୀୟ ପୂର୍ଣ୍ଣବନ୍ଧକୁ ଯାଇଥିଲେ। ସେଠାରେ ପୂଜକ ମାନଙ୍କ ଦ୍ୱାରା ବିଧି ଅନୁସାରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ ଧରି ଶୋଭାଯାତ୍ରା ମନ୍ଦିରକୁ ଆସିଥିଲା। କଳସ ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ସହିତ ପୂଜକ, ପୂଜାକର୍ତ୍ତା, ପୂଜା କମିଟି ସଦସ୍ୟ ସହିତ ଶତାଧିକ ମହିଳା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିରରେ କଳସ ସ୍ଥାପନା ପରେ ମାଁ ଶୈଳପୁତ୍ରୀ ଦେବୀଙ୍କ ପୂଜା ସହିତ ମାନସିକ କରିଥିବା ଭକ୍ତଙ୍କ ଅଖଣ୍ଡ ଦୀପ ପ୍ରଜ୍ୱଳନ ଏବଂ ଚଣ୍ଡୀପାଠ କରାଯାଇଥିଲା।



ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନବରାତ୍ର ପୂଜାରେ ୨୫ତାରିଖ ମହା ସପ୍ତମୀ ପୂଜା, ନବ ପତ୍ରିକା ପ୍ରବେଶ ଏବଂ ଦେବୀଙ୍କ ମହାସ୍ନାନ, ୨୬ତାରିଖ ମହା ଅଷ୍ଟମୀ ପୂଜା ଏବଂ ସନ୍ଧିପୂଜା, ୨୭ତାରିଖ ମହା ନବମୀ ପୂଜା ସହିତ ନବ କୁମାରୀ କଳସ ପୂଜନ ଏବଂ ଚଣ୍ଡୀ ହୋମ ୨୮ତାରିଖ ଦଶମୀ ଦିନ ପୂଜାର ପୂର୍ଣ୍ଣାହୁତି ପରେ ଘଟ ବିସର୍ଜନ ସହିତ ପୂଜା ସମାପନ ହେବ। ଏହି ନବରାତ୍ର ପୂଜାରେ ଦିନେଶ ଠାକୁର ପୂଜା କର୍ତ୍ତା ରହିଥିବା ବେଳେ ସଦାନନ୍ଦ ସଡ଼ଙ୍ଗୀ, ସରୋଜ ଦେବତା, ରବି ନାରାୟଣ ଦେବତା, ମନ୍ଦିର ପୂଜକ ବିନୋଦ ବିହାରୀ ମହାପାତ୍ର, ସୁମନ୍ତ ପାଣିଗ୍ରାହୀ, ଅମିତ ମିଶ୍ର, ଦୁର୍ଗା ଦେବତା ଏବଂ ରାମ ଗୋପାଳ ପାଣିଗ୍ରାହୀ ପୂଜା ଓ ହୋମ କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ବନ୍ଦ ଓ ସ୍ପୋର୍ଟସ୍ ଷ୍ଟାଡିୟମ ନିର୍ମାଣ ଦାବି

**ବ୍ରଜରାଜନଗର, ୧୯।୩(ସମିସ):** ବ୍ରଜରାଜନଗର ପୌରପରିଷଦ ବାସିନ୍ଦା, ଝାରସୁଗୁଡ଼ା ଜିଲ୍ଲା ଛାତ୍ର ସମୁଖ୍ୟ ରାଧାକୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନୀ ଜରିଆରେ ବ୍ରଜରାଜନଗର କଲେଜ ସମ୍ମୁଖରେ ନିର୍ମାଣାଧିନ ବସଷ୍ଟାଣ୍ଡ କାର୍ଯ୍ୟ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବସଷ୍ଟାଣ୍ଡ ବ୍ରଜରାଜନଗର ୟୁନିଟ ୨ ସ୍ଥିତ ଖାତା ନଂ-୬୩୩ ପ୍ଲଟ ନଂ -୨୯୬୦ ଗୋଚର ଜମି ଉପରେ ହେବା ସ୍ଥିର ହୋଇଛି। ଏହି ଜମିର ଚତୁଃପାର୍ଶ୍ୱରେ ବ୍ରଜରାଜନଗର କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିଶୁ ଉଦ୍ୟାନ, ଅଙ୍ଗନବାଡ଼ି କେନ୍ଦ୍ର, ଖଲିଆକାନୀ ସ୍ପୋର୍ଟସ୍ ଷ୍ଟାଡିୟମ ରହିଛି। ବସଷ୍ଟାଣ୍ଡ ହେବା ଦ୍ୱାରା ଏହି ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ତଥା ଭିଡ ହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀମାନଙ୍କ ସେବା, ଖେଳାଳି ମାନଙ୍କ ପାଇଁ ବହୁ ଅସୁବିଧା ହେବ। ପ୍ରସ୍ତାବିତ ବସଷ୍ଟାଣ୍ଡ ଅଞ୍ଚଳ ମୁଖ୍ୟରାସ୍ତା ଓ ସ୍ପୋର୍ଟସ୍ ଷ୍ଟାଡିୟମ ମଝିରେ ଅବସ୍ଥିତ ଥିବାରୁ ଷ୍ଟାଡିୟମକୁ ଯିବା ଆସିବା କରିବା ପାଇଁ ବାଧକ ହେବ। ଏହି ଗୋଚର ଜମିର କିସମ ପରିବର୍ତ୍ତନ ନ ହେଲେ ତା ଉପରେ କୌଣସି ନିର୍ମାଣ ହେବା ଆଇନତଃ ସମ୍ଭବ ନୁହେଁ। ହସ୍ପିଟାଲ ଓ ବ୍ରଜରାଜନଗର କଲେଜ ମଝିରେ ଥିବା ଜମିରେ ୧୦ ବର୍ଷ ଭିତରେ ଖଲିଆକାନୀ ଗାଁର ତତ୍ତ୍ୱାବଧାନରେ ଜଙ୍ଗଲ ବିଭାଗ ତରଫରୁ ଗଛ ଲଗା ଯାଇଥିଲା। ସେମଧ୍ୟରୁ ୪୭୯ଟି ଗଛ କାଟିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଆର୍‌ଟିଓ ଗତ ଅକ୍ଟୋବର ମାସରେ ଗ୍ରାମବାସୀଙ୍କୁ ନ ଜଣେଇ ଅନୁମତି ଦେଇଛନ୍ତି। ଇତି ମଧ୍ୟରେ ଗଛ କଟା ସରି ମଧ୍ୟ ଯାଇଛି। ଏଥିପାଇଁ କିଏ ଦାୟୀ ରହିବ ବୋଲି ଗାଁ ବାସୀ ପ୍ରଶ୍ନ କରିଛନ୍ତି। ଏହି ଗୋଚର ଜମିର କିସମ ପରିବର୍ତ୍ତନ ଓ ଗଛ କାଟିବା ପାଇଁ ଦେଇଥିବା ଅନୁମତି ଅଞ୍ଚଳ ବାସୀଙ୍କୁ ସରକାରଙ୍କ ଜିଲ୍ଲା ପ୍ରଶାସନ ଜଣେଇ ନାହାଁନ୍ତି। ତେଣୁ ଏହି କିସମ ପରିବର୍ତ୍ତନ ଓ ଗଛ କଟା ବାବଦରେ ଅନୁମତି ଦେଇଥିବା ବୈଧ ନୁହେଁ। ଏହା ଓଡ଼ିଶା ସରକାର ଜମି ଜମା ଆଇନ୍‌ର ବିରୋଧାଚରଣ କରୁଛି। ଏହି ଜାଗାରେ ସ୍ପୋର୍ଟସ୍ ଷ୍ଟାଡିୟମ୍ କରିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ଏକର ଜମି ଉପଲବ୍ଧ ଅଛି। ସ୍ପୋର୍ଟସ ଷ୍ଟାଡିୟମ ମଧ୍ୟରେ ଖେଳାଳି ଓ ବିଶ୍ରାମ ଗୃହ, ରୋଷେଇ ଘର, ଖାଇବା ଗୃହ, ଦର୍ଶକ ଗ୍ୟାଲେରୀ ଆଦି ବିଭିନ୍ନ ପାଣ୍ଠିରୁ ନିର୍ମାଣ ହୋଇ ସାରିଛି। ମହାନଦୀ କୋଇଲା କ୍ଷେତ୍ର ଏହି ଅଞ୍ଚଳର ଉନ୍ନତି କରଣ ନିମିତ୍ତ ଆର୍ଥିକ ସହାୟତା ତଥା ସବୁ ପ୍ରକାର ସାହାଯ୍ୟ କରିବା ପାଇଁ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛନ୍ତି। ବିଗତ ଦିନରେ ଜିଲ୍ଲା ପ୍ରଶାସନ ଝାରସୁଗୁଡ଼ା ତହସିଲଦାରଙ୍କୁ ଏହି ଜମିକୁ ସ୍ପୋର୍ଟସ୍ ଷ୍ଟାଡିୟମ୍ ନିମିତ୍ତ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ତେଣୁ କରି ଅଞ୍ଚଳବାସୀ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ବନ୍ଦ କରି ସମ୍ପୃକ୍ତ ୫୦ ଏକର ଜମି ଉପରେ ସ୍ପୋର୍ଟସ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଅନୁମତି ପ୍ରଦାନ କରନ୍ତୁ ବୋଲି ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କୁ ଅଞ୍ଚଳବାସୀଙ୍କ ଦାବିପତ୍ର ଦେବା ସମୟରେ କ୍ଷୀରୋଦ ପ୍ରଧାନ, ସଭାପତି, ରାଧାକୃଷ୍ଣ ଉନ୍ନୟନ ପରିଷଦ, ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ଆଇନ ପରାମର୍ଶଦାତା ପବିତ୍ର ବିଶି, ଉପଦେଷ୍ଟା ରାଧାକାନ୍ତ ପ୍ରଧାନ, ସମ୍ପାଦକ ଲରେନ୍ସ ପ୍ରଧାନ, ସମ୍ମିଳିତ ଆଦିବାସୀ ସମାଜର ସଭାପତି ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ବିନୋଦ ବିହାରୀ ବାଘ, ଧର୍ମେନ୍ଦ୍ର କିଷାନ ଜିଲ୍ଲା ଛାତ୍ର ସାମୁଖ୍ୟର ମୁଖ୍ୟ ସଂଯୋଜକ ଜିତେନ୍ଦ୍ର ଧୁରୁଆ ଖଗେଶ୍ୱର ପ୍ରଧାନ, ସୀତାରାମ ପ୍ରଧାନ ମହିଳା ନେତ୍ରୀ ନଳିନୀ ପ୍ରଧାନ, ନୂଆଦେଇ ପ୍ରଧାନ, ବସନ୍ତ ଖମାରୀ, ମମତା ଖମାରୀ, ସରିତାରଣା, ଲିଲିମା ଖମାରୀ, ସରସ୍ୱତୀ ମାଝୀ, ଦିଲୀପ ପ୍ରଧାନ, ରୁପନାରାୟନ ସା, ହେମନ୍ତ ପ୍ରଧାନ, ସରୋଜ ବଡ଼େଇ, ତରୁଣ ପ୍ରଧାନ, ରବିନ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

**ଝାରସୁଗୁଡ଼ା, ୧୯।୩ (ସମିସ):** ଝାରସୁଗୁଡ଼ାର ଭୂମିପୁତ୍ର, ତିନିଥର ବିଧାୟକ ଓ ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ, ସମ୍ବଲପୁର ସମବାୟ ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବିରେନ୍ଦ୍ର ପାଣ୍ଡେଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ କଂଗ୍ରେସ ଭବନ ପରିସରରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ରୁଦ୍ରଦତ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସର୍ବଧର୍ମ, ସବୁଦଳ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମର ଆରମ୍ଭ ସର୍ବଧର୍ମ ପ୍ରାର୍ଥନା ସଭାରୁ ହୋଇଥିଲା। ଏହି ଅବସରରେ ହିନ୍ଦୁ ଧର୍ମଗୁରୁ ଅଶୋକ ପାଣ୍ଡେ, ଶିଖ ଧର୍ମଗୁରୁ ଜ୍ଞାନୀ ତ୍ରିବେନ୍ଦ୍ର ସିଂହ, ମୁସଲିମ ଧର୍ମଗୁରୁ ସଲିମ ଖାନ ଓ ଖ୍ରୀଷ୍ଟିଆନ ପାଦ୍ରୀ ରେଭରେଣ୍ଡ ବେଞ୍ଜାମିନ ତାଣ୍ଡି ଉପସ୍ଥିତ ଥିଲେ। ବିଶିଷ୍ଟ କବି ପ୍ରେମସାଗର ଦେହେରିଆଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ପ୍ରତାପ ବେହେରା, ପ୍ରାଧ୍ୟାପକ ତପନ ବାରିକ, ଡ.ସରୋଜ କୁଅଁର, ପୂର୍ବତନ ନଗରପାଳ ତାପସରାୟ ଚୌଧୁରୀ, ହରିଶ ଗଣତ୍ରା, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ରାଧାମୋହନ ପାଣ୍ଡେ, ବାଦଲ ଦାଶ, ସାରଙ୍ଗଧର ମିଶ୍ର, ବିଜୟ ଦାଶ, ସିଆରାମ ଦାସ, ଜୀବନ ସାର୍ଥକ ଦାସ, ମନୋରଞ୍ଜନ ମହାପାତ୍ର, ରତ୍ନାକର ପ୍ରଧାନ, କୈବଲ୍ୟ ମିଶ୍ର, ଦୁର୍ବାଦଳ କରାଲୀ, କୁଶାସନ ଜୟପୁରିଆ, ବାଳଗୋବିନ୍ଦ ମିଶ୍ର, ଜ୍ୟୋତିର୍ମୟୀ ବେହେରା, ତପସ୍ୱୀ ଲାଲ ତିୱାରୀ, ହୀରାଲାଲ ଲୋକ ଚନ୍ଦାନୀ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଗତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଆଗାମୀ ଦିନରେ ପୁରୁଣା ବସ୍ତି ହାଇସ୍କୁଲରେ ସ୍ୱର୍ଗତ ପାଣ୍ଡେଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଏକ ସ୍ମରଣୀକା ପ୍ରକାଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ସଭା ଶେଷରେ ମନୀଷ ବାଜପେୟୀ ଧନ୍ୟବାଦ ଜ୍ଞାପନ କରିଥିଲେ।




## ସମାଜସେବୀଙ୍କ ପରଲୋକ

**ଝାରସୁଗୁଡ଼ା, ୧୯।୩ (ସମିସ):** ଝାରସୁଗୁଡ଼ା ସହର ସ୍ଥିତ ସରବାହାଲରେ ରହୁଥିବା ସମାଜସେବୀ ଶଙ୍କର ପ୍ରସାଦ ବିରତିଆ(୬୪)ଙ୍କ ସରବାହାଲ ସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ କିଛି ଦିନ ହେବ ସ୍ୱାସ୍ଥ୍ୟଗତ ରୋଗରେ ପୀଡିତ ଥିଲେ। ବିରତିଆଙ୍କ ଶବ ସତ୍କାର ଇବ ନଦୀ କୂଳରେ କରାଯାଇଥିବା ବେଳେ ତାଙ୍କର ବଡ ପୁଅ ସୌରଭ ବିରତିଆ ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ଶଙ୍କରଙ୍କ ପୁତୁରା ତ୍ରିନାଥ, ସୁଧାଂଶୁଙ୍କ ସହିତ କୁମ୍ଭାରୀ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ। ବିରତିଆଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



## ହିନ୍ଦୁ ନବବର୍ଷ ପାଳିତ

**ଝାରସୁଗୁଡ଼ା, ୧୯।୩(ସମିସ):** ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଧୂମଧାମରେ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ନବବର୍ଷ ପାଳନ ଅବସରରେ ଗୁରୁବାର ଅପରାହ୍ଣରେ ବିଟିଏମ ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରୁ ବିଶାଳ ବାଇକ ରାଲି ବାହାରିଥିଲା। ସହରର ବେହେରାମାଲ, ବଡ଼େଇମୁଣ୍ଡା, ପୁରୁଣା ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ ଦେଇ ସ୍ଥାନୀୟ ସତସଙ୍ଗ ଭବନ ଯାଏ ଯାଇଥିଲା। ସତସଙ୍ଗ ଭବନରୁ ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପହଞ୍ଚି ଥିଲା। ବାଇକରାଲି ପହଞ୍ଚିବା ପରେ ସେଠାରୁ ହଜାର ହଜାର ସଂଖ୍ୟାରେ ବିଜେପି, ବଜରଙ୍ଗ ଦଳ, ଆରଏସଏସ, ଅଖିଳ ବିଦ୍ୟାର୍ଥୀ ପରିଷଦ ସହିତ ବିଭିନ୍ନ ହିନ୍ଦୁ ସଙ୍ଗଠନର ଯୁବକ ଓ କର୍ମୀ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ଆତସବାଜି ସହ ସନାତନୀ ଯୁବକ ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଆଖଡା ଖେଳ, ସଙ୍କୀର୍ତ୍ତନ, ନାଚ, ଗୀତ ପ୍ରଦର୍ଶନ କରାଯାଇଥିଲା। ଶୋଭାଯାତ୍ରାରେ ସହର ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ, ଅରବିନ୍ଦ ପାଠକ, ରବି ଗିଦ୍ୱାନୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନରାୟ, ପୁରୁଷୋତ୍ତମ ଥିରାଣୀ, ବିବେକ ଶ୍ରୀବାସ, ତରଙ୍ଗ ଗିଦ୍ୱାନୀ, ବବଲୁ ସିଂ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ସାମିଲ ରହିଥିଲେ।

## ମିରର୍ ଥିଏଟରର ନବନିର୍ମିତ ଅଡିଟୋରିୟମ୍ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୧୯।୩(ସମିସ):** ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡସ୍ଥିତ ମିରର୍ ଥିଏଟର ପାଇଁ ଟିଆରଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ସିଏସଆର ଅଧୀନରେ ନବନିର୍ମିତ ଅଡିଟୋରିୟମ୍ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ବର୍ଷରୁ ମିରର୍ ଥିଏଟରର ନିଜସ୍ୱ ଏକ ଅଡିଟୋରିୟମ୍ ନଥିବାରୁ ନାଟ୍ୟ ପ୍ରଦର୍ଶନ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନେକ ସମସ୍ୟା ଦେଖାଦେଉଥିଲା। ଅଡିଟୋରିୟମର ନିର୍ମାଣ ହେବା ପରେ କଳାକାର ମହଲରେ ଖୁସିର ଲହରୀ ଖେଳି ଯାଇଛି। ମୁଖ୍ୟ ଅତିଥି ଭାବେ ଟିଆରଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧିକାରୀ ସୁରେଶ ନାଏକ, ଡ.ସନ୍ତୋଷ ମିଶ୍ର ଓ ସ୍ଥାନୀୟ ପୌର କାଉନସିଲର କନ୍ହେଇ ଚରଣ ସେଠ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସ୍ମୃତି ମହାନ୍ତି, କୁଳମଣି ବଗାର, ସଚ୍ଚିଦାନନ୍ଦ ପଣ୍ଡା, ପୀତବାସ ପ୍ରଧାନ, ଜେନାମଣି ସେଠ, ଶରତ ସାହୁ, ରମାକାନ୍ତ ମଲ୍ଲିକ, ନରେନ୍ଦ୍ର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ମିରର୍ ଥିଏଟର ନିର୍ଦ୍ଦେଶକ ଡ.ସୁବାସ ଚନ୍ଦ୍ର ପ୍ରଧାନ ମିରର୍ ଥିଏଟରର ସଂଘର୍ଷ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସରୋଜ ମିର୍ଦ୍ଧା ମଞ୍ଚ ସଞ୍ଚାଳନ ଓ ଡା.ଦିଲୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ନବନିର୍ମିତ ଅଡିଟୋରିୟମ୍ ତଥା ମଞ୍ଚରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନାଟ୍ୟ ମହୋତ୍ସବ, ନାଟ୍ୟ କର୍ମଶାଳା ତଥା ନାଟ୍ୟ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି ମିରର୍ ଥିଏଟର ନିର୍ଦ୍ଦେଶକ ଡ.ସୁବାସ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

## ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧ ବାର୍ଷିକୀ

**ଝାରସୁଗୁଡ଼ା, ୧୯।୩(ସମିସ):** ଜିଲ୍ଲା ଲଖନପୁର ବ୍ଲକ ସୀମାନ୍ତ ୧୯ ଖଣ୍ଡ ମୌଜା ଅଧୀନ ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲିପାଳୀର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କର ପଧାନଙ୍କ ୨୧ତମ ଶ୍ରାଦ୍ଧ ବାର୍ଷିକୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।



ସ୍ଥାନୀୟ ଶିକ୍ଷାପ୍ରେମୀ, ଅବସରପ୍ରାପ୍ତ ଶିକ୍ଷକ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସର ସ୍ଥିତ ସ୍ୱର୍ଗତ ଭାସ୍କର ପଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ସଭାପତି ବ୍ରଜକିଶୋର ପଧାନ, ଜଗବନ୍ଧୁ ସା, କୃଷ୍ଣ ଚନ୍ଦ୍ର ପଧାନ, ଅବସରପ୍ରାପ୍ତ ଶିକ୍ଷକ ନେପାଳ ବାରିକ, ବେଣୁଧର ଦେହେରୀ ପ୍ରମୁଖ ଯୋଗ ଦେଇଥିଲେ।

ହୀରାକୁଦ ବନ୍ଧ ନିର୍ମାଣ ଫଳରେ ଏହି ୧୯ ଖଣ୍ଡ ମୌଜା ଅଞ୍ଚଳ ଓଡ଼ିଶାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିଥିଲା। ସେ ସମୟରେ ଏହି ଅଞ୍ଚଳ ଉତ୍କଟ ଦାରିଦ୍ର୍ୟତା ଏବଂ ନିରକ୍ଷରତା ତଥା ଚରମ ପ୍ରଶାସନିକ ଅବହେଳା ଭୋଗୁଥିଲା। ହୀରାକୁଦ ବନ୍ଧ ପରେ ଏହି ଅଞ୍ଚଳର ତିନୋଟି ଦିଗରେ ମହାନଦୀ ଘେରି ରହିଥିବା ବେଳେ ପଶ୍ଚିମ ଦିଗରେ ତତ୍କାଳୀନ ମଧ୍ୟପ୍ରଦେଶ ରାଜ୍ୟର ସୀମା ରହିଥିଲା। ମାଇନର ଶିକ୍ଷା ପାସ କଲା ପରେ ହାଇସ୍କୁଲ ଶିକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିଲା। କାଁ ଭାଁ କିଛି ଲୋକ ନଦୀ ପାରିହୋଇ ରୁଚିଦା ହାଇସ୍କୁଲରେ ପାଠ ପଢୁଥିଲେ। ୧୯୬୭ରେ ସ୍ୱର୍ଗତ ପଧାନଙ୍କ ନେତୃତ୍ୱରେ ସମଗ୍ର ଅଞ୍ଚଳବାସୀ ମୁଠି ଭିକ୍ଷା କରି ଅର୍ଥ ଯୋଗାଡ଼ କରିଥିଲେ। ଏହାପରେ ତତ୍କାଳୀନ ଅବିଭକ୍ତ ରେମତା ଏବଂ ଚାରପାଳି ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନ ମୁରଲିପାଳୀରେ ଘରୋଇ ଉଦ୍ୟମରେ ଆଞ୍ଚଳିକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ପରେ ସରକାରୀ ଅନୁଦାନ ପାଇଁ ସ୍ୱର୍ଗତ ପଧାନ ୧୯୭୨ରେ ଭୁବନେଶ୍ୱର ସଚିବାଳୟ ସମ୍ମୁଖରେ ଆମରଣ ଅନଶନ କରି ତତ୍କାଳୀନ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କର ପଧାନଙ୍କ ଏକବିଂଶ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରବନ୍ଧରେ ଗାୟତ୍ରୀ ଭୋଇ ପ୍ରଥମ, ଅର୍ପିତା ମେହେର ଦ୍ୱିତୀୟ ଏବଂ ଶ୍ରୁତି ଭୋଇ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ସା ପ୍ରଥମ, ପୂର୍ଣ୍ଣିମା ଲୁହା ଦ୍ୱିତୀୟ ଏବଂ ଲୋକେଶ ପଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଗଙ୍ଗାଧର ମେହେରଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି

**କୋଲାବିରା, ୧୯।୩ (ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ ତମ ଶ୍ରାଦ୍ଧବାର୍ଷିକୀ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଗୁରୁବାର ଗଙ୍ଗାଧର ମେହେରଙ୍କ ପୁଣ୍ୟ ତିଥି ଅବସରରେ ମଧୁମୟ ସାହିତ୍ୟ ପରିବାର ପକ୍ଷରୁ ଜିଲ୍ଲାର ବିଶିଷ୍ଟ କବି କବୟିତ୍ରୀ ମାନଙ୍କ ଗହଣରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱଭାବ କବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆୟୋଜକ ରାଜଶ୍ରୀ ମେହାର ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଶିଷ୍ଟ କବିଙ୍କ ମଧ୍ୟରେ ଭକ୍ତଚରଣ ଆଚାର୍ଯ୍ୟ, ସୁବୋଧ ପଟେଲ, ଜ୍ୟୋତିର୍ମୟୀ ବେହେରା, ରାଜ ବିହାରି ପାଣ୍ଡେ, ଅଞ୍ଜଳି ପ୍ରଭା ପଟ୍ଟନାୟକ, ଅନିତା ମହାପାତ୍ର, ଉତ୍ତମା ପ୍ରଧାନ, ରଜନୀ ସିଂ, ଡ.କୀର୍ତ୍ତିଚନ୍ଦ୍ର ବହିଦାର, ତ୍ରୈଲୋକ୍ୟନାଥ ମହାପାତ୍ର, ମୁରାରୀ ପଶାୟତ, ସୁଧିର ବାରିକ, ଅନନ୍ତରାମ ସାହୁ, ମାଧବୀ ପଟେଲ, ଅରୁଣ ପାତ୍ର, ମନ୍ଦାକିନୀ ଶତପଥୀ, ଆରତୀ ପଣ୍ଡା, ପ୍ରେମସାଗର ଦେହେରିଆ, ନରେନ୍ଦ୍ର ପଣ୍ଡା, ଶକ୍ତି ଅଗ୍ରୱାଲ, ମନୋରଞ୍ଜନ କଣ୍ଟା, ଶ୍ରୀତମ ବେହେରା ଓ ସ୍ୱର୍ଣ୍ଣମୟୀ ପୁରୋହିତ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଣ୍ଡକିମାଲରେ ଜିଲ୍ଲାସ୍ତରୀୟ ଖେଳ ପ୍ରତିଯୋଗିତା

**କୋଲାବିରା, ୧୯।୩(ସମିସ)**

ମେରା ଯୁବା ଭାରତ ଝାରସୁଗୁଡ଼ା ଆନୁକୂଲ୍ୟରେ କୋଲାବିରା ବ୍ଲକ ଅଧୀନ ସମାସିଂହା ପଣ୍ଡକିମାଲ ଖେଳପଡ଼ିଆ ଠାରେ ଜିଲାସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଣ୍ଡକିମାଲ ଟାଇଗର କ୍ଲବ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଲିହାମାଲ ସରପଞ୍ଚ ବିନୋଦିନୀ ପଟେଲ କାର୍ଯ୍ୟକ୍ରମକୁ ଉଦ୍‌ଘଟନ କରିଥିଲେ। ପୂର୍ବତନ ସରପଞ୍ଚ ଅଞ୍ଜନ ପଟେଲ, ସଭାପତି ଲୁକେଶ୍ୱର କିଶାନ, ସମ୍ପାଦକ ଭାଗିରଥି କିଶାନ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବଟ, ଓ୍ୱାର୍ଡ ସଭ୍ୟା ସରିତା କିଶାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଗଦୀଶ କିଶାନ ଓ ଇନ୍ଦ୍ରଜିତ କିଶାନଙ୍କ ତତ୍ତ୍ୱାବଧାନରେ କବାଡି, ଫୁଟବଲ, ଶହେ ମିଟର ଦୌଡ, ରଶି ଟଣା, ଭଲିବଲ ଅଦି ଖେଳ ପଦର୍ଶନ ହୋଇଥିଲା। କବାଡିରେ ଆଦିବାସୀ ଯୁବକ ସଂଘ ପ୍ରଥମ ଏବଂ ନବ ଯୁବକ ସଂଘ ଦ୍ୱିତୀୟ, ଫୁଟବଲରେ ନେତାଜୀ ଯୁବକ ସଂଘ ପ୍ରଥମ ଓ ମାଁ ତାରିଣୀ ଯୁବକ ସଂଘ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଭଲିବଲରେ ଜୟଜବାନ କ୍ଲବ୍‌ଟାଇଗର କ୍ଲବ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା। ରଶିଟଣାରେ ସୁମନ୍ତ କିଶାନ ପ୍ରଥମ, କରନ କିଶାନ ଦ୍ୱିତୀୟ ଓ ମାନଭଞ୍ଜନ କିଶାନ ତୃତୀୟ ସ୍ଥାନ ଅଧିକାର ପରି ପୁରସ୍କୃତ ହୋଇଥିଲେ।



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲାରୁ ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୬୦୨- ୟୁନାଇଟେଡ୍ ଇଷ୍ଟ ଇଣ୍ଡିଆ କମ୍ପାନି ଅଫ୍ ନେଦରଲ୍ୟାଣ୍ଡର ସ୍ଥାପନା।
- ୧୯୨୦- ଲଣ୍ଡନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ବିମାନ ଉଡ଼ାଣ ଆରମ୍ଭ।
- ୧୯୭୭-ଇନ୍ଦିରା ଗାନ୍ଧୀ ଲୋକସଭା ନିର୍ବାଚନରେ ପରାଜିତ ହେଲେ।
- ୧୯୮୨- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୨୦୧୪- ଲେଖକ ଖୁସୱନ୍ତ ସିଂହଙ୍କ ପରଲୋକ।



# 'ବ୍ୟାଟଲ୍ ଅଫ୍ ଗଲୱାନ୍' ଟାଇଟଲ୍ ବଦଳିବାର କାରଣ କହିଲେ ନିର୍ଦ୍ଦେଶକ

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ନାଁ ଇତିମଧ୍ୟରେ ବଦଳି ଯାଇଛି। ଫିଲ୍ମର ଟାଇଟଲ୍ ଏବେ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖାଯାଇଛି। ନିକଟରେ ଫିଲ୍ମର ପ୍ରଯୋଜକ ଏକ ପୋଷ୍ଟର୍ ସେୟାର୍ କରି ଟାଇଟଲ୍ ବିଷୟରେ ଘୋଷଣା କରିଛନ୍ତି। ଇତିମଧ୍ୟରେ ଏହାର ଟାଇଟଲ୍ ପରିବର୍ତ୍ତନ ହେବାର କାରଣ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ୍ କାହିଁକି ବଦଳିଲା ସେସମ୍ପର୍କରେ ନିର୍ଦ୍ଦେଶକ ଅପୂର୍ବ ଲାଖିଆ ପ୍ରକାଶ କରିଛନ୍ତି। ଅପୂର୍ବ କହିଛନ୍ତି- 'ଆରମ୍ଭରୁ ଆମେ ଦୁଇଟି ଟାଇଟଲ୍ ରେଜିଷ୍ଟର କରୁଥିଲୁ। 'ବ୍ୟାଟଲ୍ ଅଫ୍ ଗଲୱାନ୍' ଓ 'ମାତୃଭୂମି'। ଫିଲ୍ମ ନିର୍ମାଣ କରିବା ସମୟରେ ଆମକୁ ଲାଗିଲା ଏହି ଫିଲ୍ମ କେବଳ ଯୁଦ୍ଧ ଉପରେ ଆଧାରିତ ନୁହେଁ। ପ୍ରକୃତରେ ଏହା ମାନବତା, ସହାନୁଭୂତି ତଥା ଏକ ନିରବ ଲଢ଼େଇ ଯାହାକୁ ଆମ ସୈନିକମାନେ ଲଢ଼ିଥାନ୍ତି। ଫିଲ୍ମରେ ଥିବା 'ମାତୃଭୂମି' ଗୀତକୁ ଦର୍ଶକ ବେଶ୍ ପସନ୍ଦ କରିବାରୁ ଏହାର ଟାଇଟଲ୍ 'ମାତୃଭୂମି: ମେ ୱାର୍ ରେଷ୍ଟ ଇନ୍ ପିସ୍' ରଖିବା ପାଇଁ ଭାବିଲୁ।' ଏଠାରେ ପ୍ରକାଶ ଥାଉ କି, ଫିଲ୍ମର କାହାଣୀ ୨୦୨୦ରେ ଗଲୱାନ୍ ଘାଟିରେ ଘଟିଥିବା ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ। ଏଥିରେ ସଲମାନ୍ କର୍ଣ୍ଣେଲ୍ ବି.ସନ୍ତୋଷ ବାବୁଙ୍କ ଭୂମିକାରେ ନଜର ଆସିବେ।

# ଓଡ଼ିଆଙ୍କ ପ୍ରିୟ ପଖାଳ

ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱକୁ ନେଇ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ କଣ୍ଠରେ 'ଆସ ଜୀବନ ଧନ ମୋର ପଖାଳ କଂସା' ଗୀତର ଚାହିଦା ଆଜିବି କମି ନାହିଁ। ଏହା ପ୍ରତିଟି ଓଡ଼ିଆଙ୍କ ମନରେ ପଖାଳ ପ୍ରତି ଥିବା ଭଲପାଇବାକୁ ପୁନର୍ଜୀବିତ କରିଥାଏ। ଓଡ଼ିଆ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଗାଁ ହେଉ ଅବା ସହର ଯେଉଁଠାରେ ବି ଓଡ଼ିଆ ଲୋକ ରୁହନ୍ତୁ ନା କାହିଁକି ପଖାଳ ପ୍ରତି ଥିବା ଲାଳସା କିନ୍ତୁ କମି ନ ଥାଏ। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ମାର୍ଚ୍ଚ ୨୦କୁ 'ପଖାଳ ଦିବସ' ରୂପେ ପାଳନ କରାଯାଉଛି। ବିଶ୍ୱର କୋଣ ଅନୁକୋଣରେ ଥିବା ଓଡ଼ିଆମାନେ ଆଜିର ଦିନରେ ପଖାଳ ଖାଇ ଏହାକୁ ବେଶ୍ ଆଡ଼ମ୍ବରରେ ପାଳନ କରିଥାନ୍ତି । ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ମଧ୍ୟ ଏହି ଦିନରେ ସ୍ୱତନ୍ତ୍ର ପଖାଳ କଂସାକୁ ମେନ୍ୟୁରେ ସ୍ଥାନ ଦେଇଥାନ୍ତି । ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇ ରହିଛି। ପ୍ରତିଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମଧ୍ୟ ପଖାଳ ପ୍ରିୟ। ପୂର୍ବରୁ ପଖାଳ କେବଳ ଚାଷୀ ମୁଲିଆ ଶ୍ରେଣୀର ଲୋକଙ୍କ ଖାଦ୍ୟ ଭାବେ ପରିଗଣିତ ହେଉଥିଲା। ସମୟ ବଦଳିବା ସହ ଲୋକଙ୍କ ରୁଚିରେ ମଧ୍ୟ ଢେର୍ ପରିବର୍ତ୍ତନ ଆସିଲାଣି । ଏପରିକି ପଞ୍ଚତାରକା ହୋଟେଲ ଏବଂ ରେସ୍ତୋରାଁର ଖାଦ୍ୟ ମେନୁରେ ମଧ୍ୟ ପଖାଳ ସ୍ଥାନ ପାଇଲାଣି । ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ବିଭିନ୍ନ ବଡ଼ ବଡ଼ ରେସ୍ତୋରାଁମାନେ ମଧ୍ୟ ପଖାଳ ସାଙ୍ଗକୁ ଭଳିକି ଭଳି ଆନୁସଙ୍ଗିକ ଖାଦ୍ୟ ପରଷୁଥିବା ନଜରକୁ ଆସୁଛି । ପଖାଳ ସାଙ୍ଗକୁ ବଡ଼ି ଚୁରା, ଭଜା, ଶାଗ, ମାଛ ଭଜା, ଆଳୁ ଭର୍ତ୍ତା, ବାଇଗଣ ପୋଡ଼ା । ଏପରିକି ହୋଟେଲମାନଙ୍କରେ ମାଛ ପୋଡ଼ା, ଛତୁ ପୋଡ଼ା ମଧ୍ୟ ଦିଆଯାଉଛି । ଗରିବ ଲୋକଟିଏ ପାଇଁ ପଖାଳ ସାଙ୍ଗରେ ପିଆଜ, ଲୁଣ ଆଉ ଲଙ୍କା ଟିକେ ହେଲେ ତା'ର ଉଦର ଶାନ୍ତି । ପଖାଳ ଦେହ ପାଇଁ ବହୁ ଉପକାରୀ। ଲୋକେ ଭାତରେ ପାଣି ପୂରାଇ ଏହାକୁ ଚାଇଁ ପଖାଳ ତଥା ସଜ ପଖାଳ, ଦହି ପଖାଳ ଓ ବାସି ପଖାଳ ଭାବେ ଖାଇଥାନ୍ତି। ସେହିପରି ପଖାଳ ସହ ଶୁଖୁଆ, ଚୂନା ମାଛ, ଭଜା, ବଡ଼ି ଓ ଛତୁ ଆଦି ପରଷା ଯାଏ। ଖରାଦିନେ ତାତିରୁ ଆରାମ, ପେଟ ଗରମରୁ ରକ୍ଷା ତଥା ଦେହରେ ଜଳୀୟ ଅଂଶକୁ ଠିକ୍ ରଖିବା ପାଇଁ ପଖାଳ ରାମବାଣ ଭଳି କାମ ଦିଏ। ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆଙ୍କର ଏହି ପାରମ୍ପରିକ ଓ ସୁସ୍ୱାଦୁ ଖାଦ୍ୟକୁ ଲୋକପ୍ରିୟ କରାଇବାକୁ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ଭାବେ ପାଳନ କରାଯାଉଛି। କେବଳ ଓଡ଼ିଶାରେ ରହୁଥିବା ଲୋକ ନୁହଁନ୍ତି, ବରଂ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ଏହି ଦିନ ପଖାଳ ଖାଇ ଏହି ଦିବସକୁ ପାଳନ କରିବା ସହ ଗ୍ରୀଷ୍ମକୁ ସ୍ୱାଗତ କରିଥାନ୍ତି ।





# ଘରଚଟିଆଙ୍କ ପାଇଁ ଦିନଟିଏ

ଗାଁ ସୁନ୍ଦରତାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଘରଚଟିଆ। ସକାଳ ହେଲେ ଘରଚଟିଆର କିଚିରିମିଚିରି ଶବ୍ଦରେ ଗାଁ ପରିବେଶ ପୂରି ଉଠେ । ପରିବେଶ ସୁନ୍ଦରତାର ସାରଥୀ ସାଜିଥିବା ଏହି ପକ୍ଷୀ ଏବେ ବିଲୁପ୍ତ ପ୍ରାୟ। ଘରଚଟିଆଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ସେମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ଘରଚଟିଆ ଦିବସ' ଭାବେ ପାଳନ କରାଯାଏ। ହେଲେ ଏବେ ମଣିଷ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ୍ ଜଣାଶୁଣା ଏହି ଘରଚଟିଆ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁନାହାନ୍ତି । ଗାଁରେ ଥିବା ଚାଳିଆ ଘରେ ଘରଚଟିଆ ବାସ କରି ରହୁଥିଲେ। ବର୍ତ୍ତମାନ ଗାଁ ଗହଳିରେ ପ୍ରାୟ ଚାଳିଆ ଘର ନ ଥିବା ଯୋଗୁଁ ଏହି ପକ୍ଷୀ ଆଉ ଦେଖା ଯାଉନାହାନ୍ତି। ଏହା ମଧ୍ୟ ଘରଚଟିଆ ବିଲୁପ୍ତ ହେବାର ଏକ ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପ୍ରାୟ ଚାଳଘର ପକ୍କାଘରରେ ପରିବର୍ତ୍ତନ ହେବା ପରେ ଘରଚଟିଆଙ୍କ ସଂଖ୍ୟା କମିଯାଉଛି। ଖାଲି ସେତିକି ନୁହଁ, ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ହେତୁ ଘରଚଟିଆଙ୍କ ସଂଖ୍ୟା ବିଶେଷ ଭାବରେ କମି ଯାଉଥିବା କୁହାଯାଉଛି। ଅନେକ ଅଞ୍ଚଳରେ ଘରଚଟିଆକୁ ଶୁଭ ବୋଲି ବିବେଚନା କରାଯାଏ। ସେଥିପାଇଁ କେତେକ ଆଦିବାସୀ ସମ୍ପ୍ରଦାୟରେ ଘରକାନ୍ଥରେ ସେମାନଙ୍କ ଚିତ୍ର ଅଙ୍କନ କରାଯାଇ ଥିବା ଦେଖିବାକୁ ମିଳେ। ପୂର୍ବରୁ ଘରଚଟିଆମାନେ ଚାଳ ଘରଗୁଡ଼ିକରେ ବସା ବାନ୍ଧି ରହୁଥିଲେ, ଅଣ୍ଡାରୁ ଛୁଆ ଫୁଟାଉଥିଲେ। ବିଭିନ୍ନ କାରଣରୁ ଏବେ କିନ୍ତୁ ଏହି ପକ୍ଷୀ ବିଲୁପ୍ତି ପଥରେ। ଭାରତୀୟ ପରିବେଶବିତ୍ ମହମ୍ମଦ ଦିଲାୱର୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦ ନେଚର୍ ଫର୍‌ଏଭର୍ ସୋସାଇଟି' ଦ୍ୱାରା ଏହି ଦିବସ ପାଳନ ଦିଗରେ ପଦକ୍ଷେପ ଆରମ୍ଭ କରାଯାଇଥିଲା। ୨୦୧୦ ମସିହାରେ ପ୍ରଥମ ଥର ପାଇଁ 'ବିଶ୍ୱ ଘରଚଟିଆ ଦିବସ' ପାଳନ କରାଯାଇଥିଲା। ବହୁମାତ୍ରାରେ କୀଟନାଶକ ବ୍ୟବହାର, ଗୃହନିର୍ମାଣ ଢାଞ୍ଚାରେ ପରିବର୍ତ୍ତନ ଓ ଘର ସହ ସଂଲଗ୍ନ ବଗିଚା ହ୍ରାସ ଏହି ପକ୍ଷୀଙ୍କ ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଏହା ସହିତ ମୋବାଇଲ୍ ଓ ଟିଭି ଟାୱାରଗୁଡ଼ିକର ବିକିରଣ ଘରଚଟିଆମାନଙ୍କ ବଂଶକ୍ଷୟର ଅନ୍ୟତମ କାରଣ ହୋଇଛି। ଘରଚଟିଆ ପ୍ରକୃତିର ଏକ ଅମୂଲ୍ୟ ଉପହାର। ବିଶ୍ୱ ଘରଚଟିଆ ଦିବସ ଆମକୁ ସେମାନଙ୍କ ସଂରକ୍ଷଣ ପାଇଁ ସଚେତନ କରେ। ଘରଚଟିଆ ଓ ଅନ୍ୟାନ୍ୟ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ଅଂଶଗ୍ରହଣ କରିବା ପାଇଁ ଏହି ଦିବସ ବାର୍ତ୍ତା ଦିଏ।




## 'ସକାଳ'ର ସ୍ୱାସ୍ଥ୍ୟ

# ବୋନ୍ ଟିବି

ଟିବି ବା ଟ୍ୟୁବରକୁଲୋସିସ୍ ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରେ ହୋଇଥାଏ । ହେଲେ ଫୁସ୍‌ଫୁସ୍ ପରି ଅସ୍ଥିରେ ବି ଟିବି ହୋଇଥାଏ। ବୋନ୍ ଟିବି ଏକ ଗମ୍ଭୀର ସଂକ୍ରାମକ ରୋଗ। ଏହା ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍ ଜୀବାଣୁ ଯୋଗୁଁ ହୋଇଥାଏ। ଏଥିରେ ରକ୍ତ ଜରିଆରେ ଜୀବାଣୁ ଅସ୍ଥିରେ ପହଞ୍ଚିଥାନ୍ତି। ଏହାଦ୍ୱାରା ମାଂସପେଶୀ ଯନ୍ତ୍ରଣା ହେଉଥିବାରୁ ଏହାକୁ ସାମାନ୍ୟ ଭାବି ଅନେକ ପେନ୍‌କିଲର ଖାଇଦେଇଥାନ୍ତି। ଫଳରେ ବୋନ୍ ଟିବିର ଚିକିତ୍ସାରେ ଅବହେଳା ହେଲେ ଶରୀରର ସନ୍ଧିଗୁଡିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇପାରେ।

**କାରଣ:** ବିଶୃଙ୍ଖଳିତ ଜୀବନ ଶୈଳୀ, ଭୂତାଣୁଜନିତ ରୋଗରେ ଆକ୍ରାନ୍ତ ହୋଇଥିଲେ, ଶରୀରର ପୁଷ୍ଟିକର ଏବଂ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିଲେ ଏହି ସମସ୍ୟା ହେବାର ଆଶଙ୍କା ଅଧିକ ଥାଏ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ହେଲେ ଟ୍ୟୁବରକୁଲୋସିସର ସଂକ୍ରମଣ ଶରୀରର ଯେକୌଣସି ଅଙ୍ଗ କିମ୍ବା ଅସ୍ଥିରେ ହୋଇପାରେ।

**ଲକ୍ଷଣ:** ଚଲାବୁଲାରେ ସମସ୍ୟା, ଖଞ୍ଜାଗୁଡିକୁ ଚଳପ୍ରଚଳ କରିବାରେ କଠିନତା, ଏକ ନିର୍ଦ୍ଦିଷ୍ଟ ସନ୍ଧି କିମ୍ବା ହାଡ଼ ସ୍ଥାନରେ ଫୁଲା, କଠିନତା, ଅସ୍ଥି ଦୁର୍ବଳ ଯୋଗୁ ପକ୍ଷାଘାତ, ଅସ୍ଥିରତା ଆଦି ସମସ୍ୟା ହୋଇପାରେ। ମେରୁଦଣ୍ଡର ବକ୍ରତା, ହାଲୁକା ଜ୍ୱର, ରାତିରେ ଶରୀରରୁ ଝାଳ ବାହାରିବା, ଭୋକ ନଲାଗିବା ଆଦି ଲକ୍ଷଣ ଦେଖାଯାଇଥାଏ।

**ଚିକିତ୍ସା:** ଅସ୍ଥିରେ ହେଉଥିବା ଟିବିର ନିରାକରଣ ପାଇଁ ସଠିକ୍ ସମୟରେ ଏହାର ଲକ୍ଷଣକୁ ଚିହ୍ନଟ କରି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରାଯାଏ। ଚିକିତ୍ସା ପାଇଁ ପାଖାପାଖି ୯ ମାସରୁ ଦେଢ଼ ବର୍ଷ ସମୟ ଲାଗିପାରେ। ଜୀବନଶୈଳୀରେ ପରିବର୍ତ୍ତନ, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପୁଷ୍ଟିକରଯୁକ୍ତ ଖାଦ୍ୟ ସେବନ କରିବା ଆବଶ୍ୟକ ।



# ସୁସ୍ଥ ମୁଖ, ସୁଖୀ ଜୀବନ

ଭଲ ମୁଖ ସ୍ୱାସ୍ଥ୍ୟ ପ୍ରତ୍ୟେକ ବୟସରେ ସାମଗ୍ରିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ଜୀବନର ଗୁଣବତ୍ତା ପାଇଁ ମୌଳିକ ଆବଶ୍ୟକତା। ମୁଖଗହ୍ୱର ସ୍ୱାସ୍ଥ୍ୟ ସମସ୍ତ ଶରୀର ସ୍ୱାସ୍ଥ୍ୟର ପ୍ରତିବିମ୍ବ । ତେଣୁ ପାଟିର ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି: 'A Happy Mouth is a Happy Life' ଅର୍ଥାତ୍ ଏକ ସୁସ୍ଥ ପାଟି ହେଉଛି ଏକ ସୁଖୀ ଜୀବନ। ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା। କାରଣ ଖରାପ ମୁଖ ସ୍ୱାସ୍ଥ୍ୟ ହୃଦ୍‌ରୋଗ, ଷ୍ଟ୍ରୋକ୍, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥା କମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡ଼ିତ । ତେଣୁ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ମୁଖ ପରିଷ୍କାର ଅଭ୍ୟାସ କରିବା ଆବଶ୍ୟକ।

- ପ୍ରତ୍ୟେକ ଖାଦ୍ୟ ପରେ ଦାନ୍ତ ଘଷନ୍ତୁ। ଦିନକୁ ଅତି କମ୍‌ରେ ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ ଫ୍ଲୋରାଇଡ୍ ଟୁଥ୍‌ପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦୁଇ ମିନିଟ୍ ପାଇଁ ଦାନ୍ତ ଘଷନ୍ତୁ।
- ମାଢ଼ି ତଳୁ ଏବଂ ଦାନ୍ତ ମଧ୍ୟରେ ପ୍ଲାକ୍ ଏବଂ ଖାଦ୍ୟ ପଦାର୍ଥ ବାହାର କରିବାକୁ ପ୍ରତିଦିନ ଦାନ୍ତ ଫ୍ଲସ୍ କରନ୍ତୁ। ଫ୍ଲସ୍ କରିବା ପରେ ଛାଡିଥିବା ଖାଦ୍ୟ କଣିକାକୁ ବାହାର କରିବାକୁ ମାଉଥୱାସ୍ ବ୍ୟବହାର କରନ୍ତୁ ।
- ଜିଭକୁ ବ୍ରଶ୍ କରନ୍ତୁ ଏବଂ ମାଢିକୁ ଆଙ୍ଗୁଠି ସାହାଯ୍ୟରେ ମାଲିସ କରନ୍ତୁ, ଏହା ମାଢ଼ିର ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ ।
- ପ୍ରତି ତିନି ମାସ ଅନ୍ତରରେ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ। ଜ୍ୱର, ଥଣ୍ଡା, ଫ୍ଲୁ ଅଥବା ପାଟିରେ ଘା' ହେବାରୁ ସୁସ୍ଥ ହେଲା ପରେ ନୂଆ ଟୁଥବ୍ରଶ୍ ବ୍ୟବହାର କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ ।
- ସନ୍ତୁଳିତ ଖାଦ୍ୟ ଯଥା- ଫଳ, ପରିବା, ଶସ୍ୟ, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହ ଭିଟାମିନ୍ A, C, D, କ୍ୟାଲସିୟମ ଓ ଫସଫରସ୍ ଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ। ମିଠା କିମ୍ବା ଚିକ୍କଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।
- ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ନିୟମିତ ଭାବରେ ପ୍ରତି ଛଅ ମାସରେ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ।
- ମୁଖ କର୍କଟ, ମାଢି ରୋଗ ଏବଂ ଦାନ୍ତ କ୍ଷତିର ବିପଦ ହ୍ରାସ କରିବା ପାଇଁ ତମାଖୁ ସେବନ ଓ ମଦ୍ୟପାନକୁ ବର୍ଜନ କରନ୍ତୁ।

ତେଣୁ ଏକ ସୁସ୍ଥ ମୁଖ ସ୍ୱାସ୍ଥ୍ୟ ଏବଂ ସୁଖୀଜୀବନ ପାଇଁ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସରେ ହସକୁ ପ୍ରାଥମିକତା ଦେବାକୁ ପ୍ରତିଜ୍ଞା କରିବା ଏବଂ ସୁସ୍ଥ ଦାନ୍ତ ତଥା ମାଢ଼ିର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା।





ଡାକ୍ତର ଅଶୋକ କୁମାର ମହାନ୍ତି

ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ୍

# ଆଣ୍ଟି ଏଚ୍‌ସିଭି ଟେଷ୍ଟ

ଆଜିକାଲିର ବିଶୃଙ୍ଖଳିତ ଜୀବନଶୈଳୀ ଯୋଗୁଁ ଲୋକମାନେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଲଗାତାର ଥକ୍କାଲାଗିବା, କାମଳ, କ୍ରୋନିକ ଯକୃତ ସଂକ୍ରମଣ, ରକ୍ତଦାନ କରିବା ସମୟରେ ଆଣ୍ଟି ଏଚ୍‌ସିଭି ଟେଷ୍ଟ କରିବା ଏକାନ୍ତ ଆବଶ୍ୟକ। ଆଣ୍ଟି ଏଚ୍‌ସିଭିକୁ ହେପାଟାଇଟିସ୍ ସି ଭାଇରସ୍ ଆଣ୍ଟିବଡି ଟେଷ୍ଟ ନାଁରେ ଜଣାଯାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରକ୍ତ ପରୀକ୍ଷା। ଏଥିରୁ ରକ୍ତ ପ୍ରବାହରେ ହେପାଟାଇଟିସ୍ ସି ଭୂତାଣୁର ଆଣ୍ଟିବଡିକୁ ଚିହ୍ନଟ କରାଯାଏ। ଏଚ୍‌ସିଭି ଆଣ୍ଟିବଡି ପ୍ରୋଟିନ୍ ଅଟେ। ଏହା ପ୍ରତିରକ୍ଷାପ୍ରଣାଳୀ ହେପାଟାଇଟିସ୍ ସି ସହିତ ଲଢ଼ିବା ପାଇଁ ତିଆରି ହୁଏ। ଶରୀରରେ ହେପାଟାଇଟିସ୍ ସି ଭୂତାଣୁ ଅଛି କି ଏହି ଟେଷ୍ଟରୁ ଜଣାପଡ଼େ। ଆଣ୍ଟି ଏଚ୍‌ସିଭି ଟେଷ୍ଟ ରକ୍ତରେ ଯକୃତକୁ କ୍ଷତି ପହଞ୍ଚାଉଥିବା ଭୂତାଣୁର ଚିହ୍ନଟ, କ୍ରୋନିକ ସଂକ୍ରମଣକୁ ସୂଚାଏ। ଏହି ଟେଷ୍ଟ ସର୍ଜରୀ ପୂର୍ବରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ଟେଷ୍ଟରେ ପଜିଟିଭ ରିପୋର୍ଟର ଅର୍ଥ ଭୂତାଣୁରେ ସଂକ୍ରମଣ ହୋଇଛନ୍ତି। ଏହି ରୋଗର ନିରୂପଣ ହେଲେ ଚିକିତ୍ସା ପାଇଁ ବିଶେଷଜ୍ଞମାନେ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରିଥାନ୍ତି। ତୁରନ୍ତ ସଂକ୍ରମଣ ନିଶ୍ଚିତ କରିବାକୁ ଏଚ୍‌ସିଭି ଆର୍‌ଏନ୍‌ଏ ଟେଷ୍ଟର ଆବଶ୍ୟକ ହୋଇଥାଏ।




## ଘର ବଇଦ

# ହାତ-ପାଦ ଜ୍ୱଳା

- ନାଗେଶ୍ୱର ଫୁଲ ଚୂର୍ଣ୍ଣ ଶତଧୌତ ଘୃତ ଅଭାବେ ପୁରୁଣା ଘିଅ ସହ ମିଶାଇ ହାତ ପାଦରେ ମାଲିସ୍ କରିବେ। ପୁରୁଣା ଘିଅ ନ ମିଳିଲେ ସଜ ଘିଅରେ କରିବେ।
- କଇଞ୍ଚିକାକୁଡ଼ି ପତ୍ର ରସ ଦୁଇ ତୋଳା, ରାଶିତେଲ ଦୁଇ ତୋଳା ଏକତ୍ର କଂସାପାତ୍ରରେ ରଖି ଖରାରେ ରଖିବେ। ହାତ ସହିବା ଭଳି ଗରମ ହେଲେ ସେଥିରୁ କିଛି ମୁଣ୍ଡରେ, କିଛି ହାତ ପାପୁଲି ଓ ପାଦରେ ମାଲିସ୍ କରିବେ।
- ବରକୋଳି ପତ୍ର ରସ ହାତ ପାଦରେ ମାଲିସ କରିଲେ ହାତ-ପାଦ ଜ୍ୱଳାରୁ ଉପଶମ ମିଳିଥାଏ।
- ଅମରପୋଇ ପତ୍ର ବାଟି ଲଗାଇବେ।
- ଅଗସ୍ତି ଫୁଲର ରସ ହାତ ଓ ପାଦରେ ମାଲିସ୍ କରିବେ।
- ଦହିଦହିକା ଗଛର ଚେର ସୁକି ଓଜନ ସେଥିରେ ସାତଟି ଗୋଲମରିଚ ମିଶାଇ ବାଟି ଖାଇବେ, ଏହିପରି ଅନ୍ତତଃ ସାତ ଦିନ ଖାଇଲେ ହାତ ପାଦ ଜ୍ୱଳାରୁ ଆରାମ ମିଳେ। (ଦିନକୁ ଏକ ପାନ)।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)



## ଆଇପିଏଲ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର

# 'ପିଏସ୍‌ଏଲ ହେଉଛି ରିଟାୟର୍ଡ କ୍ରିକେଟ ଲିଗ୍'







କରାଚି,୧୯।୩(ଏଜେନ୍ସି): ଆଇପିଏଲ ବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ବିଶ୍ୱର ସୁପରଷ୍ଟାର। କିନ୍ତୁ ପିଏସଏଲ୍ ବା ପାକିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟର। ଏମାନଙ୍କୁ ନେଇ ପାକିସ୍ତାନ ବିଶ୍ୱବିଜୟୀ ହେବାକୁ ଚେଷ୍ଟା କରୁଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏପରି ଏକ ସଂସ୍ଥା ଯାହା ନିକଟରେ କିଛି ଲକ୍ଷ୍ୟ, ଯୋଜନା କିମ୍ବା ମାର୍ଗଦର୍ଶନ ନାହିଁ। ଏଭଳି ବୋର୍ଡ ପାକିସ୍ତାନରେ କ୍ରିକେଟକୁ ଧ୍ୱଂସ କରିଦେବ ବୋଲି କହିଛନ୍ତି ଦେଶର ପୂର୍ବତନ ଓପନର ଅହମ୍ମଦ୍ ସେହଜାଦ୍। ନିଜ ୟୁ ଟ୍ୟୁବ୍ ଚ୍ୟାନେଲରେ ଆଇପିଏଲ୍ ସହ ତୁଳନା କରି ପିଏସ୍‌ଏଲ୍‌କୁ 'ରିଟାୟର୍ଡ କ୍ରିକେଟ ଲିଗ୍' ବୋଲି ବର୍ଣ୍ଣନା କରିଛନ୍ତି ସେହଜାଦ୍। ନିକଟରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଓ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍‌ରେ ପାକିସ୍ତାନର ଦୁର୍ବଳ ପ୍ରଦର୍ଶନକୁ ସମାଲୋଚନା କରି ସେ ଏହା କହିଛନ୍ତି।

ଅନ୍ୟପକ୍ଷରେ ସେ ଆଇପିଏଲ୍‌କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଇପିଏଲ୍‌ରେ ପ୍ରଚୁର ପରିମାଣରେ ଅର୍ଥ ବିନିଯୋଗ କରାଯାଉଛି। ନୂଆ ଖେଳାଳିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ଓ ଦେଶ ବାହାରର ଖେଳାଳିମାନଙ୍କୁ ଉପଯୁକ୍ତ ଅର୍ଥରାଶି ଦେଇ ଦଳରେ ସାମିଲ କରାଯାଉଛି। ଏହା ଫଳରେ ଆଇପିଏଲ୍‌ରେ ଯେପରି ନବାଗତ ଖେଳାଳି ସୃଷ୍ଟି ହେଉଛନ୍ତି, ଠିକ୍ ସେହିପରି ପ୍ରତିଦ୍ୱନ୍ଦ୍ୱିତାର ମାନରେ ବୃଦ୍ଧି ହେଉଛି। ଏହାକୁ ଆଖିଆଗରେ ରଖି ପାକିସ୍ତାନ କ୍ରିକେଟ ବୋର୍ଡ କିଛି ଶିକ୍ଷା ଲାଭ କରୁ ବୋଲି ସେହଜାଦ୍ କହିଛନ୍ତି।

ଅନ୍ୟ ପକ୍ଷରେ ପାକିସ୍ତାନ ସୁପର ଲିଗ୍‌ରେ କିଛି ଅବସରପ୍ରାପ୍ତ ଖେଳାଳି ଓ କମେଣ୍ଟେଟରଙ୍କୁ ସୁଯୋଗ ଦେଇ ପାକିସ୍ତାନ କ୍ରିକେଟ ବୋର୍ଡ ସେମାନଙ୍କୁ ସୁପରଷ୍ଟାର କରୁଛି। ସେହଜାଦ୍‌ଙ୍କ ମତରେ ଗତ ୮ ବର୍ଷ ପୂର୍ବେ ବୋର୍ଡ ୬ରୁ ୭ ଜଣ ଖେଳାଳିଙ୍କ ଉପରେ ବେଶ ଭରସା କରିଥିଲା। ସେମାନଙ୍କୁ ପ୍ରଚୁର ଅର୍ଥ ଦେଲା ଓ ବିଭିନ୍ନ ଫ୍ରାଞ୍ଚାଇଜ୍‌ର ନେତୃତ୍ୱ ଦେଇ ଅନ୍ତର୍ଜାତୀୟ କ୍ରିକେଟ ଲାଗି ପ୍ରସ୍ତୁତ କରାଗଲା। ଫଳ କ'ଣ ମିଳିଲା? ସେହି ଖେଳାଳି ଏବେ ପର୍ଯ୍ୟନ୍ତ ପିଏସ୍‌ଏଲ୍‌ର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେମାନଙ୍କୁ ସୁପରଷ୍ଟାରର ମର୍ଯ୍ୟାଦା ଦିଆଯାଉଛି। ଏକାଧିକ ଖେଳାଳି ଏହା ମଧ୍ୟରେ ଅବସର ନେଇଯାଇଥିଲେ ମଧ୍ୟ ପିଏସ୍‌ଏଲ୍‌ରେ ଖେଳୁଛନ୍ତି। କିଛି କମେଣ୍ଟ୍ରି ମଧ୍ୟ କରୁଛନ୍ତି। ଏହି ଖେଳାଳିମାନେ ପିଏସ୍‌ଏଲ୍‌ର ପ୍ରତିଦ୍ୱନ୍ଦ୍ୱିତାର ମାନ ଆଦୌ ବଢ଼ାଇପାରିବେ ନାହିଁ। ଏଣୁ ନୂଆ ପ୍ରତିଭାକୁ ଚିହ୍ନଟ କରାଯାଉ ଓ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଗଲେ ପାକିସ୍ତାନ କ୍ରିକେଟର ଉନ୍ନତି ହୋଇପାରିବ। ବର୍ତ୍ତମାନ ଯେଉଁ ଖେଳାଳିମାନେ ପାକିସ୍ତାନକୁ ପ୍ରତିନିଧିତ୍ୱ କରୁଛନ୍ତି, ସେମାନଙ୍କ ନିକଟରେ କିଛି ଦାୟିତ୍ୱବୋଧ ଥିଲାଭଳି ମନେ ହେଉନାହିଁ। ସେମାନେ ଭଲ ଖେଳିବା ପରିବର୍ତ୍ତେ ନିଜ ନିଜ ମଧ୍ୟରେ ଝଗଡା ଲାଗୁଛନ୍ତି। ଏହି ଅନ୍ତଦ୍ୱନ୍ଦ୍ୱର୍ ଯୋଗୁ ବର୍ତ୍ତମାନ ପାକିସ୍ତାନ ସବୁଠାରୁ ଦୁର୍ବଳ ଦଳରେ ପରିଣତ ହୋଇଛି। ଦେଶରେ ତ ପ୍ରତିଭାର ଅଭାବ, ଏହା ପରେ ଅନ୍ତଃଦ୍ୱନ୍ଦ୍ୱର୍ ପାକିସ୍ତାନ କ୍ରିକେଟକୁ ଭୂଲୁଣ୍ଠିତ କରୁଛି। ଯାହା ଫଳରେ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ଏକ ଦୁର୍ବଳ ରାଷ୍ଟ୍ରରେ ପରିଣତ ହୋଇଛି। ପ୍ରଦର୍ଶନ ଲାଗି ଖେଳାଳିମାନେ ଉତ୍ତରଦାୟୀ ହେବା ଉଚିତ। ଯାହା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନ ବଢ଼ିବା ସହ ପାକିସ୍ତାନ ଏକ ଶକ୍ତିଶାଳୀ କ୍ରିକେଟ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ଅହମ୍ମଦ୍ ସେହଜାଦ୍ କହିଛନ୍ତି।

## ● ଜାତୀୟ ପାରା ଆଥ୍‌ଲେଟିକ୍ସ

# ଜୟନ୍ତୀ, ଜାନକୀଙ୍କୁ ସ୍ୱର୍ଣ୍ଣ; ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୧୯ ।୩ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ଦିବସରେ ଗୁରୁବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଦୁଇଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା ୧୦୦ ମିଟରର ଟି୪୭ ବର୍ଗରେ ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୧୩.୧୭ ସେକେଣ୍ଡରେ ରେସ ଶେଷ କରିଥିଲେ। ସେହିଭଳି ଜାନକୀ ଓରାମ ୧୦୦ ମିଟର ଟି୧୨ ବର୍ଗରେ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାତେଇଥିଲେ। ରେସ ଶେଷ କରିବାକୁ ଜାନକୀ ୧୩.୮୧ ସେକେଣ୍ଡ ସମୟ ନେଇଥିଲେ। ମହିଳା ୧୦୦ ମିଟରର ଟି୧୩ ବର୍ଗରେ କବିତା ପ୍ରବାହୁଏ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ପୁରୁଷ ଜାଭେଲିନ ଥ୍ରୋ ଏଫ୍୪୬ ବର୍ଗରେ ରଞ୍ଜିତ ଚାନ୍ଦ ଓ ପୁରୁଷ ୧୦୦ ମିଟର ଟି୫୩ ବର୍ଗରେ କମଳକାନ୍ତ ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

## ବିଶ୍ୱକପ୍ ହକି

# ଭାରତ-ପାକିସ୍ତାନ ମୁକାବିଲା ୧୯ରେ

ନୂଆଦିଲ୍ଲୀ, ୧୯।୩(ଏଜେନ୍ସି): ନେଦରଲାଣ୍ଡସ ଓ ବେଲଜିୟମରେ ଅଗଷ୍ଟ ୧୫ରୁ ୩୦ ତାରିଖଯାଏ ଖେଳାଯିବାକୁ ଥିବା ହକି ବିଶ୍ୱକପ୍‌ର ଖେଳସୂଚୀ ପ୍ରକାଶ ପାଇଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ପୁରୁଷ ଦଳ ଅଗଷ୍ଟ ୧୫ରେ ୱେଲ୍ସ, ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ଖେଳିବାକୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ସେହିପରି ମହିଳା ଦଳ ମଧ୍ୟ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ



ଚୀନ୍, ୧୮ରେ ଦକ୍ଷିଣ ଆଫ୍ରିକା ଓ ୨୦ରେ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀରୁ ଜଣାଯାଇଛି।

**ଭାରତର ପୁରୁଷ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୫।୮ | ୱେଲ୍ସ | ଅପରାହ୍ଣ ୪ଟା।୩୦ |
| ୧୭।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |
| ୧୯।୮ | ପାକିସ୍ତାନ | ସନ୍ଧ୍ୟା ୬ଟା ୩୦ |

**ମହିଳା ଦଳର ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭାରତୀୟ ସମୟ |
|---|---|---|
| ୧୬।୮ | ଚୀନ୍ | ଅପରାହ୍ଣ ୪ଟା।୩୦ |
| ୧୮।୮ | ଦ.ଆଫ୍ରିକା | ସନ୍ଧ୍ୟା ୬ଟା ୩୦ |
| ୨୦।୮ | ଇଂଲଣ୍ଡ | ସନ୍ଧ୍ୟା ୬ଟା ୩୦ |

## ଆଇପିଏଲ୍‌ରୁ ଏଲିସ୍, କରାନ ଆଉଟ

ଚେନ୍ନଇ,୧୯।୩(ଏଜେନ୍ସି): ଚେନ୍ନଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ନାଥାନ ଏଲିସ୍ ଓ ରାଜସ୍ଥାନ ରୟାଲ୍ସର ଇଂଲିଶ ଅଲରାଉଣ୍ଡର ସାମ କରାନ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳିଙ୍କ ଆଘାତ ସମସ୍ୟା ଏବେ ଠିକ୍ ହୋଇପାରିବ ନାହିଁ ବୋଲି ଜଣାପଡ଼ିବା ପରେ ସିଏସ୍‌କେ ଓ ରୟାଲ୍ସକୁ ଶକ୍ତ ଧକ୍କା ଲାଗିଛି। 'ଏଲିସ୍ ଆମର ଡେଥ ଓଭର ସ୍ପେଶାଲିଷ୍ଟ ବୋଲର ଥିଲେ। ଏବେ ଆଉ ଜଣେ ବୋଲରଙ୍କୁ ଖୋଜିବୁ' ବୋଲି ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥ କହିଛନ୍ତି। ଅଷ୍ଟ୍ରେଲିଆର ଅନ୍ୟତମ ଫାଷ୍ଟ ବୋଲର ତଥା ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ, ଚାମ୍ପିଅନ ଆର୍‌ସିବିର ଜୋଶ ହାଜ୍‌ଲେଉଡ୍‌ଙ୍କର ମଧ୍ୟ ଚଳିତ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ରହିଛି। କେକେଆର୍‌ର ଦୁଇ ଫାଷ୍ଟ ବୋଲର ହର୍ଷିତ ରାଣା ବାଦ୍ ପଡ଼ିଥିଲାବେଳେ ମାଥିଶା ପତିରାଣା ଏବେ ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏଭଳି ଘଟଣାକୁ ଦେଖିଲେ ଚଳିତ ସଂସ୍କରଣରେ ଆଘାତ ଯୋଗୁଁ ସର୍ବାଧିକ ଖେଳାଳି ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ■ ସିନିଅର ଫେଡେରେସନ୍ କପ୍ ଥ୍ରୋ ବଲ୍

# ଓଡ଼ିଶା ଦଳକୁ କାଂସ୍ୟ

ଭୁବନେଶ୍ୱର, ୧୯ ।୩ (ସମିସ): ଆନ୍ଧ୍ର ପ୍ରଦେଶର ତିରୁପତିଠାରେ ୩୪ତମ ସିନିଅର ଫେଡେରେସନ କପ୍ ଥ୍ରୋ ବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ରାଜସ୍ଥାନ, ଦିଲ୍ଲୀ ଓ କେରଳକୁ ପରାସ୍ତ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ସେମିଫାଇନାଲରେ ମଧ୍ୟପ୍ରଦେଶ ନିକଟରୁ ଓଡ଼ିଶା ପରାସ୍ତ ହୋଇଥିଲା। ଏହାପରେ ୩ୟ/ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୨-୧ ସେଟରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ ଜିତିଛି। ଓଡ଼ିଶା ଦଳର ସଫଳତାରେ ରାଜ୍ୟ ଥ୍ରୋ ବଲ୍ ସଂଘର ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଶୁଭକାମନା ଜଣାଇଛନ୍ତି। ଏଥିସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଅର୍ଥାଭାବ ଯୋଗୁ ଓଡ଼ିଶା ମହିଳା ଦଳ ଅଂଶଗ୍ରହଣ କରିପାରି ନ ଥିଲା। ଏହାକୁ ନେଇ ସମ୍ପାଦକ ଦୁଃଖ ପ୍ରକାଶ କରିବା ସହ କ୍ରୀଡ଼ା ବିଭାଗ ସହ ଆଲୋଚନା କରିବେ ବୋଲି କହିଛନ୍ତି।



## ଜାତୀୟ ଯୁବ ଭଲିବଲ୍

# ସେମିଫାଇନାଲରେ ଓଡ଼ିଶା




ଭୁବନେଶ୍ୱର, ୧୯ ।୩ (ସମିସ): କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମଥର ଲାଗି କୌଣସି ଜାତୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ଓଡ଼ିଶା ସେମିଫାଇନାଲ ଖେଳିବା ଏହା ପ୍ରଥମ ଘଟଣା। ଗୁରୁବାର ଅନୁଷ୍ଠିତ ବାଳିକା କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୧ (୨୬-୨୪, ୨୫-୧୭, ୨୨-୨୫, ୨୫-୧୧) ସେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଓଡ଼ିଶା ବାଳିକା ଦଳ ଏଥିପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ପଶ୍ଚିମବଙ୍ଗକୁ ମାତ୍ ଦେଇଥିଲା। ସେହିଭଳି ବାଳକ କ୍ୱାର୍ଟରରେ ଓଡ଼ିଶା ସମାନ ୩-୧ ସେଟ (୧୬-୨୫, ୨୫-୧୯, ୨୫-୨୧, ୨୫-୧୭)ରେ ଶକ୍ତିଶାଳୀ ତାମିଲନାଡୁକୁ ହରାଇ ସେମିଫାଇନାଲ ଟିକଟ ହାସଲ କରିଥିଲା। ସେମିଫାଇନାଲରେ ଓଡ଼ିଶା ବାଳକ ଦଳ ପଞ୍ଜାବକୁ ଏବଂ ବାଳିକା ଦଳ ତାମିଲନାଡୁକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ସଫଳତା ଲାଗି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# କ୍ୟାରିୟରରେ ୯୦୦ ଗୋଲ୍ ଦେଲେ ମେସି



ଫ୍ଲୋରିଡା, ୧୯ ।୩ (ଏଜେନ୍ସି): ଆର୍ଜେଣ୍ଟିନାର ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ମେସି କ୍ୟାରିୟରର ୯୦୦ତମ ଗୋଲ୍ ଦେଇଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ କନକାଫ୍ ଚାମ୍ପିଅନସିପ୍ କପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଇଣ୍ଟର ମିଆମି ତାରକା ମେସି ନାଶଭିଲ୍ଲେ ଏସ୍‌ସି ବିପକ୍ଷ ମ୍ୟାଚରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ମ୍ୟାଚର ୭ମ ମିନିଟରେ ମେସି ଗୋଲସ୍କୋର କରିଥିଲେ। ଯାହାକି ତାଙ୍କ କ୍ୟାରିୟରର ୯୦୦ତମ ଗୋଲ୍ ଥିଲା। ଯେଉଁଥିରେ ସେ ବାର୍ସିଲୋନା କ୍ଲବ ପାଇଁ ସର୍ବାଧିକ ୬୭୨ଟି ଗୋଲ୍ ଦେଇଛନ୍ତି। ସେହିଭଳି ପ୍ୟାରିସ ସେଣ୍ଟ-ଜର୍ମେନ ପାଇଁ ୩୨ଟି ଓ ବର୍ତ୍ତମାନର କ୍ଲବ ଇଣ୍ଟର ମିଆମି ପାଇଁ ୮୧ଟି ଗୋଲ୍ ଦେଇଛନ୍ତି। ଅପରପକ୍ଷରେ ଜାତୀୟ ଦଳ ଆର୍ଜେଣ୍ଟିନା ପକ୍ଷରୁ ଖେଳି ମେସି ୧୧୫ଟି ଗୋଲ୍‌ସ୍କୋର କରିଛନ୍ତି। ବିଶ୍ୱ ଫୁଟବଲରେ ୯୦୦ ଗୋଲ୍ ଦେବାରେ ମେସି ଦ୍ୱିତୀୟ ପୁରୁଷ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ପ୍ରଥମ ଖେଳାଳି ଭାବେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି କୀର୍ତ୍ତିମାନ କରିଥିଲେ। ୪୧ ବର୍ଷୀୟ ରୋନାଲ୍ଡୋ ବର୍ତ୍ତମାନ ସୁଦ୍ଧା ୯୬୫ଟି ଗୋଲ୍ ଦେଇ ଶୀର୍ଷରେ ରହିଛନ୍ତି।

# ତୃତୀୟ ସନ୍ତାନର ପିତୃତ୍ୱ ଲାଭ କଲେ କାର୍ତ୍ତିକ



ଚେନ୍ନଇ, ୧୯ ।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଦୀନେଶ କାର୍ତ୍ତିକ ୩ୟ ସନ୍ତାନର ଜନକ ହୋଇଛନ୍ତି। ତାଙ୍କ ପତ୍ନୀ ତଥା ଭାରତୀୟ ସ୍କ୍ୱାଶ ଖେଳାଳି ଦୀପିକା ପାଲିକଲ ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ୪୦ ବର୍ଷୀୟ ଦୀନେଶ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। କନ୍ୟା ସନ୍ତାନର ନାମ ରାହ ପାଲିକଲ କାର୍ତ୍ତିକ ରଖାଯାଇଛି। କବୀର ଓ ଜିଆନ ସେମାନଙ୍କ ଛୋଟ ଭଉଣୀକୁ ସ୍ୱାଗତ କରିବା ପାଇଁ ବହୁତ ଉତ୍ସାହିତ ରହିଛନ୍ତି ବୋଲି ଦୀନେଶ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୧ରେ ଉଭୟଙ୍କ କବୀର ଓ ଜିଆନ ନାମରେ ଯାଆଁଳା ପୁତ୍ର ସନ୍ତାନ ହୋଇଥିଲା। କାର୍ତ୍ତିକ ବର୍ତ୍ତମାନ ଆଇପିଏଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) କୋଚିଂ ଦଳରେ ସାମିଲ ରହିଛନ୍ତି। ସେ ଆର୍‌ସିବିର ବ୍ୟାଟିଂ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି।

# ଏଥେନ୍ସ ଅନ୍ତର୍ଜାତୀୟ ଉଶୁ: ଜିନ୍ଦଲର ଶିବାନୀଙ୍କୁ ସ୍ୱର୍ଣ୍ଣ, ମଞ୍ଜୁଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୧୯ ।୩ (ସମିସ): ଅନ୍ତର୍ଜାତୀୟ ଉଶୁ ଚାମ୍ପିଅନସିପ୍‌ରେ ବଡ଼ବିଲ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ ଅନ୍ତେବାସୀ ଶିବାନୀ ମୁଣ୍ଡା ଓ ମଞ୍ଜୁ ମୁଣ୍ଡା ପଦକ ବିଜୟୀ ହୋଇଛନ୍ତି। ଏଥେନ୍ସ ଅନ୍ତର୍ଜାତୀୟ ଉଶୁରେ ଶିବାନୀ ୧୪ ବର୍ଷରୁ କମ୍ ୩୯ କିଲୋଗ୍ରାମ୍ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ଓ ମଞ୍ଜୁ ବରିଷ୍ଠ ୪୮ କେଜିରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଜିନ୍ଦଲ ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲା ଓ ଓଡ଼ିଶା ଉଶୁ ସଂଘର ମିଳିତ ସହଯୋଗରେ ଏହି କ୍ରୀଡ଼ାର ଉନ୍ନତି ହୋଇଛି। କେନ୍ଦୁଝରରେ ୬୦ ଶଯ୍ୟା ବିଶିଷ୍ଟ ସ୍ପୋର୍ଟ୍ସ ହଷ୍ଟେଲ ରହିଛି। ଏଠାରେ ଅନ୍ତେବାସୀମାନେ ପାଠ ପଢ଼ିବା ସହ ଖେଳରେ ମଧ୍ୟ ପ୍ରଶିକ୍ଷଣ ନେଉଛନ୍ତି। କେନ୍ଦୁଝର ଜିଲ୍ଲା ସିଆଳିଯୋଡାଠାରେ ଆଉ ଏକ ଉଶୁ ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଉଭୟ କେନ୍ଦ୍ର ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱ ଓ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କ୍ରୀଡ଼ାରେ ଉତ୍କର୍ଷ ଆଣିବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଚାଲୁରହିଛି।



## ■ ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟବଲ

# ସମଲେଶ୍ୱରୀକୁ ହରାଇଲା ମଙ୍ଗଳା କ୍ଲବ୍

ଭୁବନେଶ୍ୱର, ୧୯ ।୩ (ସମିସ): ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଚାଲିଥିବା ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫୁଟବଲରେ ଗୁରୁବାର କଟକର ମଙ୍ଗଳା କ୍ଲବ ବଡ଼ ବିଜୟ ହାସଲ କରିଛି। ଏହି ମ୍ୟାଚରେ ମଙ୍ଗଳା କ୍ଲବ ୬-୧ ଗୋଲରେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂକୁ ହରାଇଦେଇଛି। ବିଜୟୀ ଦଳ ପକ୍ଷରୁ ଆକାଶ ଓରାମ ଓ ଦୀନବନ୍ଧୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଆକାଶଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ଆକାଶଙ୍କୁ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶୁକ୍ରବାର ଅନୁଗୋଳର ଅଷ୍ଟକୀଳା କ୍ଲବ ପତାକା ଓ ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍

# ଫାଇନାଲରେ ମୁକ୍ତେଶ୍ୱର




ଭୁବନେଶ୍ୱର, ୧୯ ।୩ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ପ୍ରଥମ ଦଳ ଭାବେ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ମୁକ୍ତେଶ୍ୱର ୮୭ ରନରେ ସହରର ପ୍ରତିଦ୍ୱନ୍ଦ୍ୱୀ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ୯୭ ବଲ୍‌ରୁ ୧୦୮ ରନ୍ କରିଥିବା ବରିଷ୍ଠ ଓପନର ଅନୁରାଗ ଷଡଙ୍ଗୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅର୍ଚ୍ଚିଡ ବିଲ୍ଡର୍ସର ବନ୍ଧନ ମହାନ୍ତି। ଆସନ୍ତାକାଲି ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ରାଉରକେଲା ୟୁଥ୍ କ୍ରିକେଟ କ୍ଲବ୍ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଆୟୋଜକ ମୁକ୍ତେଶ୍ୱର ଫାଇନାଲ ମୁକାବିଲା କରିବ। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୭ ୱିକେଟ ହରାଇ ୨୬୦ ରନ୍ କରିଥିଲା। ଦଳ ପକ୍ଷରୁ ଅନୁରାଗଙ୍କ ଶତକ ବ୍ୟତୀତ ହିମାଂଶୁ ବିସ୍ତ ୨୯ ବଲ୍‌ରେ ୫୧ ଓ ରମଣୀ ଜେନା ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସେକ୍ ନକ୍ୱିବ୍ ଓ ରୀତେଶ ପ୍ରିୟରଞ୍ଜନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୬୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୪ ଓଭରରେ ୫୧ ରନ୍ କରି ଧମାକାଦାର ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ମୁକ୍ତେଶ୍ୱର ବୋଲରମାନେ ମିଡଲ ଓଭରରେ ଚମତ୍କାର ବୋଲିଂ କରି ୧୮ ଓଭରରେ ୯୩ ରନ୍ ବ୍ୟୟ କରି ୬ଟି ୱିକେଟ ନେବା ଫଳରେ ପାରାମାଉଣ୍ଟର ଲଢ଼େଇ ଶେଷ ହୋଇଯାଇଥିଲା। ଫଳରେ ଦଳ ୨୮.୩ ଓଭରରେ ୧୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦେବାଶିଷ ସାମନ୍ତରାୟ ୩୨ ଓ ବିଦ୍ୟାଧର ମହାପାତ୍ର ୩୫ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ସାଇପ୍ରୟାସ ପଟ୍ଟନାୟକ ସର୍ବାଧିକ ୪ଟି, ଚନ୍ଦ୍ରାଂଶୁ ବାଘେଲ, ପ୍ରତୀକ ସ୍ୱାଇଁ, ଅଭିନବ ନନ୍ଦ ୨ଟି ଲେଖାଏଁ ୱିକେଟ ନେଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

## ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

# କ୍ୱାର୍ଟର ଫାଇନାଲ୍‌ରେ ସହିଦ୍ ଓ ପ୍ରଗତି ସ୍ପୋର୍ଟିଂ

ଭୁବନେଶ୍ୱର, ୧୯ ।୩ (ସମିସ): ଭୁବନେଶ୍ୱରର ଦୁଇ ଦଳ ସହିଦ୍ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ୫ମ ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ ସହିଦ୍ ସ୍ପୋର୍ଟିଂ ୭ ୱିକେଟରେ ବିବିସିଏ (ଭରତ ଭୂଷଣ କ୍ରିକେଟ ଏକାଡେମୀ)କୁ ପରାସ୍ତ କରିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ୱିକେଟରେ ହରାଇ ପ୍ରଗତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଗତିର ନମନ ଶତପଥୀ ୫୯ ବଲ୍‌ରେ ଅପରାଜିତ ୬୮ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ସହିଦ୍ ସ୍ପୋର୍ଟିଂର ଆର୍ଯ୍ୟ ମୋରେ ଅଲରାଉଣ୍ଡ ସଫଳତା ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ପ୍ରଥମେ ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ୍ ଓଭର ପକାଇ ମାତ୍ର ୧୫ ରନ୍ ଦେଇ ୪ଟି ୱିକେଟ ପାଇଥିଲେ। ଏହା ପରେ ବ୍ୟାଟିଂରେ ୨୫ ବଲ୍‌ରୁ ୧୦ ଚୌକା ସହ ୪୨ ରନ୍ କରିଥିଲେ।




ନମନ୍ ଶତପଥୀ | ଆର୍ଯ୍ୟ ମୋରେ

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳର ହିତାଂଶୁ ଦାସ ୨୪ ରନ୍ କରିଥିଲେ। ଆର୍ଯ୍ୟଙ୍କ ବ୍ୟତୀତ ଜୟପ୍ରକାଶ ନାଥ ବୋଲିଂରେ ସଫଳତା ପାଇ ୧୩ ରନ୍‌ରେ ୩ଟି ୱିକେଟ ପାଇଥିଲେ। ଜବାବରେ ୧୨୨ ରନ୍‌ର ବିଜୟ ଲକ୍ଷ୍ୟକୁ ସହିଦ୍ ସ୍ପୋର୍ଟିଂ ୧୩.୨ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆର୍ଯ୍ୟଙ୍କ ୪୨ ରନ୍ ବ୍ୟତୀତ ସୁରଜ ଧଳ ୩୮ ବଲ୍‌ରେ ୧୦ ଚୌକା ସହ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ପ୍ରତିପକ୍ଷ ଦଳର ପ୍ରତ୍ୟୁଷ ରଞ୍ଜନ ଜେନା ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୩୬ ରନ୍ କରିଥିଲା। ଆଶୁତୋଷ ପଟ୍ଟନାୟକ ୭୬ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଶ୍ରୀରାମ ପ୍ରଧାନଙ୍କୁ ୫ଟି ୱିକେଟ ମିଳିଥିଲା। ଜବାବରେ ପ୍ରଗତି ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS